READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର


RNI Regd. No. ODIODI/2017/71524



ନନ୍ଦନକାନନରେ ନୂଆ ଅତିଥି : ଚିତ୍ରାହରିଣ

ବର୍ଷ-୨ ସଂଖ୍ୟା-୪୯ ୧୭ - ୨୩ ଡିସେମ୍ବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-49 17th - 23rd DECEMBER, 2018 BHUBANESWAR ₹ 5/- (8 Pages)

## ଅସମ୍ଭବ ନୁହେଁ ପରିବର୍ତ୍ତନ



**ଭୁବନେଶ୍ୱର :** ନିକଟରେ ଶେଷ ହୋଇଥିବା ୫ଟି ରାଜ୍ୟର ଜନାଦେଶ ଜାତୀୟ ତଥା ରାଜ୍ୟର ରାଜନୀତିକୁ ପ୍ରଭାବିତ କରିଛି। ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେପି ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଯେଭଳି ପରାଜୟ ବରଣ କଲା ତାହା ଦଳ ପାଇଁ ଏକ ସତର୍କ ଘଣ୍ଟି। ଏହା ମୋଦି ମ୍ୟାଜିକ୍‌ରେ କଣ୍ଟା ଭଳି। ନିର୍ବାଚନ ସରିଥିବା ପାଞ୍ଚଟି ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ସମ୍ପୃକ୍ତ ରାଜ୍ୟର ଭୋଟରମାନେ ଯେ ପରିବର୍ତ୍ତନର ସଂକେତ ଦେଇଛନ୍ତି ଏହାକୁ ସ୍ୱୀକାର କରିବାକୁ ପଡିବ। ଯଦିଓ ତେଲେଙ୍ଗାନାରେ ଟିଆର୍‌ଏସ୍ ବିପୁଳ ଭୋଟରେ ବିଜୟ ହାସଲ କରିଛି। ଏଠାରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଥିବା କେ.ଚନ୍ଦ୍ରଶେଖର ରାଓ ତାଙ୍କ କ୍ଷମତା ବଜାୟ ରଖିଛନ୍ତି। ସେହିଭଳି ମିଜୋରାମରେ ମିଜୋ ନେସନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ବିପୁଳ ଭୋଟ ପାଇଁ ସରକାର ଗଠନ କରିଛି। ଏହି ଦୁଇଟି ରାଜ୍ୟରେ ରାହୁଲ କରିସ୍ମା ଦେଖାଇ ପାରିନାହାନ୍ତି। ସୂତ୍ର ମୁତାବକ ମିଜୋରାମରେ ଏମ୍‌ଏନ୍‌ଏଫ୍ ଜିତିବା ପଛରେ ବିଜେପିର ହାତ ଥିବା କୁହାଯାଉଛି। ସାରା ଦେଶରେ ସମ୍ପ୍ରତି ଏହି ପାଞ୍ଚଟି ରାଜ୍ୟର ନିର୍ବାଚନ ଫଳାଫଳକୁ ନେଇ ଯେଉଁଭଳି ଅଙ୍କକଷା ଆରମ୍ଭ ହୋଇଛି ତାହା ସବୁ ରାଜନୈତିକ ଦଳ ପାଇଁ ଚେତାବନୀ। ହେଲେ ୨୦୧୪ ନିର୍ବାଚନ ପରେ କଂଗ୍ରେସକୁ ଏଭଳି ସଫଳତା ମିଳିଥିବାରୁ ଓଡ଼ିଶାରେ କଂଗ୍ରେସ ଦଳ ନିଜର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି।

ରାଜ୍ୟରେ ପ୍ରାୟ ୨୦ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ଏଠାରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହିତ ଲୋକପ୍ରିୟ ଆଞ୍ଚଳିକ ଦଳ ଭାବେ ସରକାର ଚଳାଉଛି। କିନ୍ତୁ ଛତିଶଗଡ଼ରେ ବିକାଶର ନାରା ଦେଇ ରମଣ ସିଂ ସରକାର ଦୀର୍ଘବର୍ଷ ଶାସନ କରିଥିଲେ ବି ସେଠାରେ ଯେଭଳି ପରାଜୟ ବରଣ କଲେ ଏହା ପଡୋଶୀ ଓଡ଼ିଶାକୁ ଯେ ପ୍ରଭାବିତ ନ କରିବ ତାହା କହିହେବନି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ସରକାରୀ ବିରୋଧୀ ହାୱାକୁ ନିଜ ସପକ୍ଷକୁ ଆଣି ଜାତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧି ଯେଭଳି ସଫଳତା ପାଇଲେ ଓଡ଼ିଶାରେ ଯଦି ସେଭଳି କିଛି କରନ୍ତି ତେବେ କଂଗ୍ରେସ ପୁଣିଥରେ ତା'ର ସ୍ଥିତିକୁ ମଜଭୁତ କରିବା ସହିତ ଶାସନ କ୍ଷମତାର ନିକଟତର ହେବା ଅସମ୍ଭବ ମନେ ହୁଏନାହିଁ। ପୂର୍ବାଞ୍ଚଳ ଦଖଲ ପାଇଁ ଭାରତୀୟ ଜନତା ପାର୍ଟି ଓଡ଼ିଶାକୁ ନିଜର ପ୍ରୟୋଗଶାଳା କରିଥିଲେ ବି ବିଜେପୁର ଉପନିର୍ବାଚନରେ ପରାଜୟବରଣ ପରେ ଏଥିରେ କିଛି ଭଟ୍ଟା ପଡିଛି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ବିଜେପିର ସ୍ଥିତିକୁ ମଜଭୁତ ସ୍ଥିତିକୁ ଆଣିବା ପାଇଁ ଯେତେ ଉଦ୍ୟମ କରୁଥିଲେ ବି ତାହା ପ୍ରଭାବୀ ହୋଇପାରିଥିବା ଜଣାପଡୁନାହିଁ। ➤ ପୃ-୬


### ଆତଙ୍କ ନୁହେଁ, ସମାଜର ମୁଖ୍ୟସ୍ରୋତରେ ସାମିଲ

## କଥା ହେଲେ, ଖେଳ ଦେଖିଲେ



**ଭୁବନେଶ୍ୱର :** ଯେଉଁ ମାଓବାଦୀମାନେ ହିଂସା-ଭୟ ଓ ଆତଙ୍କ ସୃଷ୍ଟି କରୁଥିଲେ ସେମାନେ ଯେ, ବଣ, ପାହାଡ ଘେରା ଘଞ୍ଚ ଜଙ୍ଗଲ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା କଳ୍ପନା ବାହାରେ ଥିଲା। ହେଲେ ରାଜ୍ୟ ସରକାର ନିଷ୍ଠା ଓ ଉଦ୍ୟମ ସେହି ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ହିଂସା ପଥରୁ ଆଣି ନୂଆ ଦିଗର ସନ୍ଧାନ ଦେଲେ। ପଥଭ୍ରଷ୍ଟ ହୋଇ ଜୀବନ ମୃତ୍ୟୁର ସଂଘର୍ଷ ଭିତରୁ ବାହାରି ଆଜି ସେମାନେ ସରକାରୀ ଅତିଥି ଭାବେ ଷ୍ଟାଡିୟମରେ ବସି ହକି ଖେଳ ଦେଖିପାରିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଏମାନେ ଖୋଲା ମନରେ କଥା ହେବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରି ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଭୁବନେଶ୍ୱରରେ ହକି ବିଶ୍ୱକପ ହେଉଥିବା ଜାଣି ମ୍ୟାଚ୍ ଦେଖିବାର ଆଗ୍ରହ ପ୍ରକାଶ କରି ମାଲକାନଗିରି ଏସ୍‌ପିଙ୍କ ନିକଟରେ ନିଜ ମନର କଥା କହିଥିଲେ। ସେମାନଙ୍କ ଆଗ୍ରହକୁ ପ୍ରତ୍ୟାଖ୍ୟାନ ନକରି ଏସ୍‌ପି ସରକାରଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯେଉଁଥିପାଇଁ ୧୬ଜଣ ମହିଳା ଓ ୧୪ଜଣ ପୁରୁଷଙ୍କୁ ଭୁବନେଶ୍ୱର ଅଣାଯାଇଥିଲା। ➤ ପୃ-୬

## ଆର୍‌ବିଆଇ ଗଭର୍ଣ୍ଣର ଭାବେ ଦାୟିତ୍ୱ ନେଲେ ଶକ୍ତିକାନ୍ତ



**ନୂଆଦିଲ୍ଲୀ :** ପୂର୍ବତନ କେନ୍ଦ୍ର ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କର ୨୫ତମ ଗଭର୍ଣ୍ଣର ଭାବେ ଯୋଗ ଦେବା ପରେ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱତନ୍ତ୍ରତା ବଜାୟ ରହିବ ବୋଲି କହିଛନ୍ତି। ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲଙ୍କ ମଧ୍ୟରେ ଦେଖାଯାଇଥିବା ମତଭେଦକୁ ନେଇ ଅର୍ଥନୀତିଜ୍ଞ ମହଲରେ ଚର୍ଚ୍ଚା ହେବା ସହ ସରକାର ରିଜର୍ଭ ବ୍ୟାଙ୍କ ପରିଚାଳନା ଉପରେ ହସ୍ତକ୍ଷେପ କରି ଏହାର ସ୍ୱତନ୍ତ୍ରତା କ୍ଷୁଣ୍ଣ କରୁଛନ୍ତି ବୋଲି କୁହାଯାଇଥିଲା। ତେବେ ଏଭଳି କିଛି ଘଟିବାର ନାହିଁ ଏବଂ ଏହି କେନ୍ଦ୍ରୀୟ ବ୍ୟାଙ୍କର ସ୍ୱତନ୍ତ୍ରତା ଏବଂ ମୂଲ୍ୟବୋଧ ରକ୍ଷା କରାଯିବା କ୍ଷେତ୍ରରେ କୌଣସି ତ୍ରୁଟି ହେବ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଆରବିଆଇ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ କ'ଣ ସମସ୍ୟା ଦେଖାଯାଇଥିଲା ସେ ନେଇ କିଛି କହିବାକୁ ଚାହୁଁନଥିବା ବେଳେ ଯେକୌଣସି ଅନୁଷ୍ଠାନ ତାହାର ସ୍ୱତନ୍ତ୍ରତା ଏବଂ ଦାୟିତ୍ୱବୋଧ ତୁଲାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଦାସ କହିଛନ୍ତି। ତେବେ କୌଣସି କ୍ଷେତ୍ରରେ ସମସ୍ୟା ଦେଖାଗଲେ ଆଲୋଚନା ମାଧ୍ୟମରେ ତାହାର ସମାଧାନ ➤ ପୃ-୬

### ମୋଦି ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ କ୍ଲିନ୍‌ଚିଟ୍

## ରାଫେଲରେ ହୋଇନାହିଁ ଦୁର୍ନୀତି

**ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟରେ ରାଫେଲ କାରବାରକୁ ନେଇ ହୋଇଥିବା ସବୁ ମାମଲା ଖାରଜ ହୋଇଯାଇଛି। ସୁପ୍ରିମ୍‌କୋର୍ଟ ଗତ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ ରାଫେଲ ଯୁଦ୍ଧ ବିମାନ ଚୁକ୍ତିକୁ ଯୁକ୍ତିଯୁକ୍ତ ଦର୍ଶାଇବା ସହିତ ଏହା ସନ୍ଦେହଠାରୁ ଊର୍ଦ୍ଧ୍ୱରେ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଏହି ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ଫ୍ରାନ୍ସରୁ ୩୬ଟି ରାଫେଲ୍ ଜେଟ୍ କିଣିବା ଲାଗି ମୋଦି ସରକାରଙ୍କ ନିଷ୍ପତ୍ତିରେ ସନ୍ଦେହ କରିବାର ଅବକାଶ ନାହିଁ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍‌କେ କାଉଲ ଓ ଜଷ୍ଟିସ୍ କେଏମ୍ ଯୋଶେଫଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, କୌଣସି ଘରୋଇ ସଂସ୍ଥାକୁ ଅଯଥା ଅନୁଗ୍ରହ ପ୍ରଦର୍ଶନର ପ୍ରମାଣ ନାହିଁ। ଖଣ୍ଡପୀଠ ପକ୍ଷରୁ ପ୍ରଧାନ ବିଚାରପତି ଜଷ୍ଟିସ୍ ଗୋଗୋଇ ରାୟ ପାଠ କରି କହିଛନ୍ତି, ୫୮ ହଜାର କୋଟି ଟଙ୍କାର ଏହି କାରବାରରେ ଦୁର୍ନୀତି ହୋଇଥିବା ଅଭିଯୋଗ



ହେଉଛି, କିନ୍ତୁ ଦୁର୍ନୀତି ସମ୍ପର୍କରେ କୌଣସି ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯାଇ ନାହିଁ। ଏଭଳି ଲଢୁଆ ଜେଟ୍ ଦେଶ ଓ ଭାରତୀୟ ବାୟୁସେନା ପାଇଁ ଅତି ଜରୁରୀ। ୨୦୧୬ ସେପ୍ଟେମ୍ବରରେ ଏହି ଚୁକ୍ତିନାମା ଚୂଡ଼ାନ୍ତ ହେଲାବେଳେ କେହି ପ୍ରଶ୍ନ ଉଠାଇ ନଥିଲେ। ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାନ୍‌ସୁଆଁ ଓଲାନ୍ଦେ ଏହି ଚୁକ୍ତି ସମ୍ପର୍କରେ ଏକ ବିବୃତି ଦେବା ପରେ ଅନେକ ପ୍ରଶ୍ନ ଉଠିଛି। ଏହାକୁ ଭିତ୍ତିକରି କୋର୍ଟ ଏହି ଚୁକ୍ତିର ଆଇନଗତ ସମୀକ୍ଷା କରିପାରିବେ ନାହିଁ। ସରକାର ୧୨୬ଟି ଜେଟ୍ କିଣିବେ କି ୩୬ଟି ଜେଟ୍ କିଣିବେ, ସେଥିପାଇଁ କୋର୍ଟ ସରକାରଙ୍କୁ ବାଧ କରିପାରିବେ ନାହିଁ। ➤ ପୃ-୬

## ଅମିତାଭ ପାଇବେ ଜ୍ଞାନପୀଠ



**ଭୁବନେଶ୍ୱର :** ସାହିତ୍ୟ କ୍ଷେତ୍ରରେ ଦେଶର ସର୍ବୋଚ୍ଚ ସମ୍ମାନ ଜ୍ଞାନପୀଠ ପୁରସ୍କାର ପାଇବେ ଇଂରାଜୀ ଭାଷାର ବିଶିଷ୍ଟ ଔପନ୍ୟାସିକ ଅମିତାଭ ଘୋଷ। ୨୦୧୮ ମସିହା ପାଇଁ ଏହି ପୁରସ୍କାର ଶ୍ରୀ ଘୋଷଙ୍କୁ ପ୍ରଦାନ କରାଯିବ। ପ୍ରଥମ ଥର ପାଇଁ ଇଂରାଜୀ ଭାଷାରେ ଲେଖନୀ ଚାଳନା କରୁଥିବା ଜଣେ ସାହିତ୍ୟିକଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିବ। ଗତ ଶୁକ୍ରବାର ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ଡ. ପ୍ରତିଭା ରାୟଙ୍କ ➤ ପୃ-୬

## ଭୋଟ ହାତେଇବା ଲକ୍ଷ୍ୟରେ ନବୀନ

### ଆଉ ୫ଲକ୍ଷଙ୍କୁ ମଧୁବାବୁ ପେନ୍‌ସନ



**ଭୁବନେଶ୍ୱର :** ରାଜ୍ୟରେ ଆଉ ୫ ଲକ୍ଷ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯାଇଛି। ରାଜ୍ୟରେ ଯେପରି କେହି ହିତାଧିକାରୀ ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି ସେଥିପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଆଜି ସଚିବାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟ ନାୟକ ଏହି ଘୋଷଣା କରିଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା। ବର୍ତ୍ତମାନ ଏହି ଯୋଜନା ମାଧ୍ୟମରେ ୪୩ ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି। ଏହି ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି। ଏହାସହ କଳାକାର ସହାୟତା ଯୋଜନାରେ ୪୦ ହଜାର କଳାକାରଙ୍କୁ ଚଳିତ ମାସ ୧୫ ତାରିଖରୁ ମାସିକ ୧୨୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଭୟ ମଧୁବାବୁ ପେନ୍‌ସନ୍ ଯୋଜନା ଓ ➤ ପୃ-୬

## ଚାଷୀଙ୍କ କ୍ରୋଧରେ ବିତାଡ଼ିତ ହେବ ରାଜ୍ୟ ସରକାର : ନିରଞ୍ଜନ

**ଭୁବନେଶ୍ୱର :** ଚାଷୀ ପ୍ରସଙ୍ଗକୁ ଆୟୁଧ କରି ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଂଗ୍ରେସ ଯେଭଳି ନିର୍ବାଚନୀ ସଫଳତା ପାଇଲା ଓଡ଼ିଶାରେ ସେହି ଫର୍ମୁଲାକୁ ଆପଣାଇବ କଂଗ୍ରେସ। ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ ଚାଷୀଙ୍କୁ ସୌରଚାଳିତ ପମ୍ପସେଟ୍ ପ୍ରଦାନ ସହିତ ସେମାନଙ୍କୁ ୫ ବର୍ଷ ପାଇଁ ଲଗାତର ଭାବେ ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ଘୋଷଣା କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ପାଇଁ ସେଠାକାର ଭୋଟରଙ୍କୁ କୃତଜ୍ଞତା ଜ୍ଞାପନ କରିବା ଅବସରରେ ନିରଞ୍ଜନ ଓଡ଼ିଶାରେ କଂଗ୍ରେସ



ଆଗାମୀ ନିର୍ବାଚନରେ ଚାଷୀ ସମସ୍ୟାକୁ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରି ନିର୍ବାଚନ ଲଢ଼ିବାର ସଙ୍କେତ ପ୍ରଦାନ କରିବା ସହିତ ରାଜ୍ୟ ➤ ପୃ-୬

### ଛତିଶଗଡ ସହ ଆଲୋଚନା କରାଯିବ

**ମହାନଦୀ ପ୍ରସଙ୍ଗ**

**ଭୁବନେଶ୍ୱର :** ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ବେଆଇନ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ଓଡ଼ିଶାର ତଳ ମୁଣ୍ଡରେ ଜଳ ସଙ୍କଟ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ବହୁ ଉଦ୍ୟମ ହୋଇଥିଲେ ମଧ୍ୟ ମାମଲା ଟ୍ରିବ୍ୟୁନାଲରେ ରହିଛି। ଛତିଶଗଡ଼ରେ ରମଣ ସିଂ ସରକାର ନିର୍ବାଚନରେ ହାରିଯିବା ପରେ ସେଠାରେ କଂଗ୍ରେସ ସରକାର ଆରମ୍ଭ ହୋଇଛି। ସେତେବେଳର ରମଣ ସରକାର ଓଡ଼ିଶାର ସ୍ୱାର୍ଥ ପ୍ରତି ଗୁରୁତ୍ୱ ନ ଦେଇ ମନଇଚ୍ଛା ଶିଳ୍ପ କାରଖାନାକୁ ଜଳ ଯୋଗାଇବା ➤ ପୃ-୬

## ବକ୍ରବାଣୀ



ମିଛୁଆ ମଉସା ମିଛ କହିଲେ
ବ୍ରହ୍ମାଣ୍ଡ ସାରାଟା ଖାଲି ବୁଲିଲେ
କଳାଧନ ଆଣିଥା'ନ୍ତେ ସାଉଁଟି
ବିଦେଶରେ ପାଇଲେନି କଉଁଠି
ମନ୍ଦିର କରିବେ ଭରସା ଦେଇ
ଭୁଲିଗଲେ କଥା ଭୋଅଟ ପାଇ।

——— ଟୁଟୁ

## 'ଶାନ୍‌ଦାର' ଶ୍ରେଷ୍ଠ ତାଲିକାରେ ସାଂସଦ ରବୀନ୍ଦ୍ର

**ବାଲେଶ୍ୱର,(କୈଳାସ ଚନ୍ଦ୍ର ବେହେରା) :** ବାଲେଶ୍ୱର ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନାଙ୍କୁ ଆଉ ଗୋଟିଏ ରାଷ୍ଟ୍ରୀୟସ୍ତରର ସମ୍ମାନ। ଫେମ ଇଣ୍ଡିଆ ମେଗାଜିନ ଓ ଏସିଆ ପୋଷ୍ଟ ପକ୍ଷରୁ ହୋଇଥିବା ମିଳିତ ସର୍ଭେ ୨୦୧୮ରେ ତାଙ୍କୁ 'ଶାନଦାର' ବିଭାଗରେ ଦେଶର ଶ୍ରେଷ୍ଠ ସାଂସଦ ଭାବେ ଚୟନ କରାଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବ ବର୍ଷ ମଧ୍ୟ ଫେମ ଇଣ୍ଡିଆ ପକ୍ଷରୁ ସର୍ଭେରେ ତାଙ୍କୁ ଶ୍ରେଷ୍ଠ ସାଂସଦ ଭାବେ ମନୋନିତ କରାଯାଇଥିଲା। ଲଗାତର ଦୁଇଥର ଫେମ ଇଣ୍ଡିଆ ପକ୍ଷରୁ ଶ୍ରେଷ୍ଠ ସାଂସଦ ଭାବେ ଚୟନ କରାଯିବା ପରେ ସାଂସଦ ଶ୍ରୀ ଜେନାଙ୍କୁ ଶୁଭେଚ୍ଛାର ସୁଅ ଛୁଟି ଥିବା ବେଳେ ବିଜେଡ଼ି ନେତା ଓ କର୍ମୀଙ୍କ ମହଲରେ ଖୁସି ପରିଲକ୍ଷିତ ହୋଇଛି। ଲୋକସଭା ନିର୍ବାଚନରେ ମୋଟ ୫୪୩ ଜଣ ସାଂସଦ ଜିତିଥିବା ବେଳେ ଫେମ ଇଣ୍ଡିଆ ପକ୍ଷରୁ ସର୍ଭେ କରାଯାଇ ବିଭିନ୍ନ ବିଭାଗରେ ମୋଟ ୨୫ ଜଣଙ୍କୁ ଶ୍ରେଷ୍ଠ ଭାବେ ମନୋନିତ କରାଯାଇଛି। ଫେମ ଇଣ୍ଡିଆର ସମ୍ପାଦକ ରାଜଶ୍ରୀ ଓ ଏସିଆ ପୋଷ୍ଟର ପ୍ରମୁଖ ରାଜୀବ ମିଶ୍ରା ମିଳିତ ବିବୃତିରେ କହିଛନ୍ତି ଯେ ଏହି ସର୍ଭେରେ ଚୟନ ପାଇଁ ୨୫ଟି ବିଭାଗ କରାଯାଇଛି। ଯେଉଁଥିରେ ଜଣେ ସାଂସଦ ଲୋକମାନଙ୍କ ପ୍ରତି କାର୍ଯ୍ୟ କରିବାରେ କେତେ ନିଷ୍ଠା ରଖିଛନ୍ତି, ତାହା ନିରୀକ୍ଷଣ କରାଯାଇଛି ପରେ ଏସିଆ ପୋଷ୍ଟ ପକ୍ଷରୁ ୧୦ଟି ପ୍ରମୁଖ ନିର୍ଯ୍ୟାସରେ ଚୟନ କରାଯାଇଛି। ଜଣେ ସାଂସଦଙ୍କ ଲୋକପ୍ରିୟତା, ଜନତାଙ୍କ ସହିତ ସହଭାଗିତା, ନିଜର ପ୍ରତିଛବି, କାର୍ଯ୍ୟ କରିବାର ଶୈଳୀ, ସଂସଦରେ ଉପସ୍ଥିତି, ଆଲୋଚନାରେ ଅଂଶ ଗ୍ରହଣ, ଲୋକତନ୍ତ୍ରର ସୁରକ୍ଷା ପାଇଁ ବିଧେୟକ ଆଗତ କରିବା ସହ ନିଜ ସଂସଦୀୟ କ୍ଷେତ୍ରରେ ଲୋକମାନଙ୍କର ସହାୟତା କରିବା ପ୍ରଭୃତି ମାନକକୁ ଚୟନ ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି। ଏହି ସର୍ବେକ୍ଷଣରେ ସାଧାରଣ ଲୋକଙ୍କ ସହିତ ଲୋକ ପ୍ରତିନିଧି, ➤ ପୃ-୬





## କେମିତି କଟିବ ଏ ସପ୍ତାହ

**ମେଷ** ନୂଆ ଚାକିରିର ପ୍ରସ୍ତାବ ମିଳିପାରେ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ଛାତ୍ରଛାତ୍ରୀମାନେ କିଛିମାତ୍ରାରେ ସଫଳତା ପାଇବେ। ଗାଡି କିଣିବା ପାଇଁ ମନ ବଢ଼ିବ। ଶରୀର ସୁସ୍ଥ ଓ ମନ ଖୁସି ରହିବ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ** ସମାଜରେ ମାନ-ସମ୍ମାନ ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ନୂତନ ଗୃହ ନିର୍ମାଣ କାରବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ବିବାଦର ସମାଧାନ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ମିଥୁନ** କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। କର୍ମକ୍ଷେତ୍ରରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ପୁରସ୍କାର ମିଳିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିବ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। ବ୍ୟବସାୟରେ ଉନ୍ନତ ଲାଭ କରିବେ। କ୍ରୀଡାବିତ୍‌ମାନେ ସଫଳତା ଅର୍ଜନ କରିବେ।

**ସିଂହ** ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**କନ୍ୟା** କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଯାନବାହନ ପ୍ରତି ସତର୍କତା ରହିବେ। ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ। ପୁରୁଣା ବିବାଦରୁ ଆପଣଙ୍କୁ ଆରାମ ମିଳିବ।

**ତୁଳା** ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। ଗୃହରେ ଆର୍ଥିକ ଅବସ୍ଥା ଧିରେଧିରେ ସୁଧୁରିବ। ବୈବାହିକ ଜୀବନ ସୁଖମୟ ହେବ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦରୁ ମୁକ୍ତି ମିଳିବ।


**ବିଛା** କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ପ୍ରଶଂସା ହେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ। କଳାକାରମାନେ ଯଶ ଅର୍ଜନ କରିବେ। ଆଇନ୍ କାନୁନ୍ ମାମଲାରେ ସମାଧାନତା ହୋଇପାରେ।

**ଧନୁ** ସରକାରୀ କାମରେ ବାଧା ଦୂର ହେବ। ଧର୍ମପୁସ୍ତକ ପଢ଼ିବାରେ ଆଗ୍ରହ ବଢ଼ିବ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ। ବ୍ୟବସାୟୀଙ୍କୁ ପ୍ରଚୁର ଲାଭ ମିଳିବାର ସମ୍ଭାବନା ରହିଛି।

**ମକର** ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ମହିଳାଙ୍କର ସାମାଜିକ ଗତିବିଧିର ସମ୍ମାନ ବୃଦ୍ଧି ହେବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନପ୍ରାପ୍ତିର ସୁଯୋଗ ହାତଛଡା କରିବେ।

**କୁମ୍ଭ** ପୂଜା ପାଠରେ ଅଧିକ ସମୟ ବିତିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମୀନ** ଗୃହରେ ବନ୍ଧୁମିଳନରୁ ଶାନ୍ତି ଅନୁଭବ କରିବେ। ଧର୍ମ ଚର୍ଚ୍ଚାରେ ସମୟ କଟିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ। ଗୃହରେ ବୟସ୍କ ବ୍ୟକ୍ତିଙ୍କ ଶରୀର ଅସୁସ୍ଥ ରହିବ। ପରିଶ୍ରମର ଫଳ ପାଇବେ।


ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଦୁଷ୍କର୍ମ ପୀଡିତାଙ୍କ ପରିଚୟ ଗୋପନ ରଖ : ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ଦୁଷ୍କର୍ମ ପୀଡ଼ିତାଙ୍କୁ ସମାଜ ଘୃଣାଚକ୍ଷୁରେ ଦେଖୁଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ପୀଡ଼ିତାଙ୍କ ନାମ ଓ ପରିଚୟ ଗୋପନ ରଖିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ମଦନ ବି ଲୋକୁରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମକୁ ପୀଡ଼ିତାଙ୍କ ପରିଚୟ ପ୍ରକାଶ ନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପୋଲିସ ନାବାଳିକା ପୀଡ଼ିତାଙ୍କ ଏଫ୍‌ଆଇଆର୍‌କୁ ସାଧାରଣରେ ପ୍ରକାଶ ନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି କରି ବିଚାରପତି ଗଣମାଧ୍ୟମର ସ୍ୱାଧୀନତା ଓ ପୀଡ଼ିତାଙ୍କ ନିରପେକ୍ଷ ଶୁଣାଣି ମଧ୍ୟରେ ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଆଡଭୋକେଟ୍ ଇନ୍ଦିରା ଜୟସିଂହ କୋର୍ଟଙ୍କ ଆମିକ୍ସ କ୍ୟୁରି ଭାବେ ମାମଲାରେ ସହାୟତା କରିଥିଲେ। ସେ ମହିଳାଙ୍କ ପ୍ରତି ଅପରାଧ ସମ୍ପର୍କିତ ଖବର ପ୍ରସାରଣ ଉପରେ ନୀତିଖସଡା ପ୍ରସ୍ତୁତ ପାଇଁ ଯୁକ୍ତି କରିଥିଲେ। ଦୁଷ୍କର୍ମ ମାମଲାରେ ପୁଲିସ ଅଭିଯୋଗ ଫର୍ଦ୍ଦ ଦାଖଲ ସମୟରେ ଗଣମାଧ୍ୟମ



ପ୍ରତିନିଧିଙ୍କୁ ସମ୍ବେଦନଶୀଳ ଖବର ପ୍ରଦାନ କରୁଥିବା ନେଇ ଜୟସିଂହ ଖଣ୍ଡପୀଠଙ୍କୁ କହିଥିଲେ। ଏହି ପରିପ୍ରେକ୍ଷୀରେ ସେ କାଠୁଆ ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ଉଦାହରଣ ଦେଇ ପୁଲିସ ଅଭିଯୋଗ ଫର୍ଦ୍ଦ ଦାଖଲ ପରେ ଗଣମାଧ୍ୟମ କିପରି କିଛି ଅଭିଯୁକ୍ତଙ୍କୁ ନିରୀହ ଓ ନିର୍ଦ୍ଦୋଷ ରୂପେ ଚିତ୍ରଣ କରିଥିଲା, ସେ ସମ୍ପର୍କରେ ବଖାଣିଥିଲେ। ଜାନୁଆରୀ ୧୦ରେ ଜମ୍ମୁ-କଶ୍ମୀରର କାଠୁଆ ଜିଲ୍ଲାରେ ନୋମାଡିକ୍ ସମ୍ପ୍ରଦାୟର ଜନୈକ ଆଠବର୍ଷର ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯିବା ପରେ ହତ୍ୟା କରାଯାଇଥିଲା। ଘଟଣା ଘଟିବାର ସପ୍ତାହକ ପରେ ସେହି ଅଞ୍ଚଳରେ ନାବାଳିକାଙ୍କ ମୃତଦେହ ମିଳିଥିଲା। ଆଡଭୋକେଟ୍ ଜୟସିଂହ ଆଇପିସି ଧାରା- ୨୨୮-ଏ ଓ ପୋକ୍‌ସୋ ଆଇନ୍ ଧାରା-୨୩ ଅନୁସାରେ ପୀଡ଼ିତାଙ୍କ ନାମ ଓ ପରିଚୟ ଗୋପନ ରଖିବାକୁ ପରାମର୍ଶ ଦିଆଯାଇଥିଲେ ମଧ୍ୟ ପୁଲିସ ଓ ଗଣମାଧ୍ୟମ ତାହାକୁ ମାନୁ ନଥିବା କହିଥିଲେ। ପୀଡ଼ିତାଙ୍କ ନାମ ଓ ପରିଚୟ ପର୍ଦ୍ଦାଫାସ କରୁଥିବା ଗଣମାଧ୍ୟମ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟ ୨୦୧୨ ଡିସେମ୍ବର ୧୬ରେ ନୂଆଦିଲ୍ଲୀରେ ଘଟିଥିବା ପାରାମେଡିକୋ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ତାଙ୍କର ମୃତ୍ୟୁ ମାମଲା ସମ୍ପର୍କିତ ଦାଖଲ ପିଟିସନ୍‌ର ଏକତ୍ର ଶୁଣାଣି ସମୟରେ ସୁପ୍ରିମକୋର୍ଟ ମହିଳାଙ୍କ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଭାରତ ଆମେରିକାର ପ୍ରକୃତ ବନ୍ଧୁ: ଟ୍ରମ୍ପ

**ୱାଶିଂଟନ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି ଯେ, ଭାରତ ହେଉଛି ଆମେରିକାର ପ୍ରକୃତ ବନ୍ଧୁ। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଏହି ଉକ୍ତିକୁ ଉଦ୍ଧାର କରି ଆମେରିକାର ଜଣେ ପ୍ରମୁଖ କୂଟନୀତିଜ୍ଞ କହିଛନ୍ତି, ଭାରତ ସହ ସମ୍ପର୍କ ଦୃଢ଼ କରିବା ପାଇଁ ଗତ ୨ ବର୍ଷ ଧରି ଆମେରିକା ଯେଉଁସବୁ ପଦକ୍ଷେପ ନେଉଛି, ଏହା ଦ୍ୱାରା ଭାରତର ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ବିଶେଷ ଫାଇଦା ହେଉଛି ବୋଲି କହିଛନ୍ତି ଦକ୍ଷିଣ ଓ କେନ୍ଦ୍ର ଏସିଆ ଦାୟିତ୍ୱରେ ଥିବା ଆମେରିକାର ପ୍ରମୁଖ ଉପସହକାରୀ ବୈଦେଶିକ ସଚିବ ଆଲିଶ୍ ୱେଲ୍ସ। ଆମେରିକାରେ ବିଦାୟୀ ରାଷ୍ଟ୍ରଦୂତ ନବତେଜ୍ ସିଂହ ସର୍ଣ୍ଣାଙ୍କ ସମ୍ମାନାର୍ଥେ ଆୟୋଜିତ ବିଦାୟକାଳୀନ ସମାରୋହରେ ଆଲିଶ୍ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍ ଭାରତକୁ ପ୍ରକୃତ ବନ୍ଧୁ କହୁଥିଲା ବେଳେ ବୈଦେଶିକ ସଚିବ ପୋମ୍ପେଓ ଦୁଇ ଦେଶର ସମ୍ପର୍କ ଅଧିକ ଦୃଢ଼ ହେଉଥିବା ମତ ଦେଇଛନ୍ତି।



# ନେପାଳରେ ଭାରତୀୟ ମୁଦ୍ରା ପ୍ରଚଳନ ଉପରେ ରୋକ୍

**କାଠମାଣ୍ଡୁ :** ଭାରତୀୟ ମୁଦ୍ରାର ପ୍ରଚଳନ ଉପରେ ପଡ଼ୋଶୀ ଦେଶ ନେପାଳ ରୋକ୍ ଲଗାଇଛି। ଦୁଇବର୍ଷ ପୂର୍ବେ ଭାରତ ସରକାର ଦେଶରେ ବିମୁଦ୍ରାକରଣ ଘୋଷଣା କରିଥିଲେ ଏବଂ ବର୍ତ୍ତମାନ ନେପାଳ ୧୦୦ରୁ ଉର୍ଦ୍ଧ୍ୱ ଭାରତୀୟ ନୋଟ୍‌ଗୁଡ଼ିକୁ ପ୍ରଚଳନରୁ ବାଦ୍ ଦେଇଛି। ନେପାଳର କ୍ୟାବିନେଟ୍ ତତ୍କାଳ ପ୍ରଭାବରେ ଏହି ଆଦେଶକୁ ଲାଗୁ କରିବା ନିମିତ୍ତ ନିର୍ଦ୍ଦେଶ ଦେଇଛନ୍ତି। ନେପାଳର ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ମୁତାବକ; ସୂଚନା ଏବଂ ଯୋଗାଯୋଗ ମନ୍ତ୍ରୀ ଗୋକୁଳ ପ୍ରସାଦ ବାସ୍କୋଟା ସେଠାକାର ଲୋକମାନଙ୍କୁ ୧୦୦ରୁ ଉର୍ଦ୍ଧ୍ୱ ଟଙ୍କିଆ ନୋଟ୍ ତଥା ୨୦୦, ୫୦୦ ଏବଂ ୨୦୦୦ ଟଙ୍କାର ନୋଟ୍ ନରଖିବାକୁ ଅପିଲ୍ କରିଛନ୍ତି। ଅର୍ଥାତ୍ ବର୍ତ୍ତମାନ ଠାରୁ ନେପାଳରେ କେବଳ ୧୦୦ ଟଙ୍କିଆ ନୋଟ୍ ଗ୍ରହଣୀୟ ହେବ।

# ଜିଏସ୍‌ଟି ଲାଗୁ ପରେ ରିଅଲ୍ ଇଷ୍ଟେଟ୍ ସେକ୍ଟରରେ ସର୍ବାଧିକ କ୍ଷତି

**ନୂଆଦିଲ୍ଲୀ :** ୨୦୧୬ ମସିହାରେ ନୋଟ୍‌ବନ୍ଦୀ ଏବଂ ୨୦୧୭ ମସିହା ଜୁଲାଇରେ ଜିଏସ୍‌ଟି ଲାଗୁ ହେବା ପରଠାରୁ ରିଅଲ୍ ଇଷ୍ଟେଟ୍ ସେକ୍ଟରକୁ ସର୍ବାଧିକ କ୍ଷତି ଉଠାଇବାକୁ ପଡ଼ିଛି। ହେଲେ ୨୦୧୭ରେ ଏହି ସେକ୍ଟରରେ ସର୍ବାଧିକ ନିବେଶ ହୋଇଥିବା ଉଲ୍ଲେଖ କରାଯାଇଛି। ଗତ ୧୦ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ପ୍ରାଇଭେଟ୍ ଇକ୍ୟୁଟି ଫଣ୍ଡ ଅନ୍ତର୍ଗତ ସର୍ବାଧିକ ୭.୧ ବିଲିୟନ୍ ଡଲାରର ନିବେଶ ହୋଇଛି। ଏହି ନିବେଶ ମୁଖ୍ୟତଃ ବ୍ୟବସାୟିକ କ୍ଷେତ୍ରରେ କରାଯାଇଛି। ରିପୋର୍ଟ ମୁତାବକ, ୨୦୦୮ ମସିହାରେ ଏ କ୍ଷେତ୍ରରେ ୭ ବିଲିୟନ୍ ଡଲାର ନିବେଶ କରାଯାଇଥିଲା। ମାତ୍ର ୨୦୦୯ରେ ଏହା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇ ୧.୩ ବିଲିୟନ୍ ଡଲାରକୁ ଖସିଆସିଥିଲା। ଆମେରିକାସ୍ଥିତ ସିବିଆଇ ରିସର୍ଚ୍ଚର ମୁଖ୍ୟ ଅଭିନବ ଯୋଶୀ କହିଛନ୍ତି ଯେ ପ୍ରାଇଭେଟ୍ ସେକ୍ଟରରେ ହେଉଥିବା ନିବେଶ ମଧ୍ୟରୁ ଅଧିକାଂଶ ନିବେଶ ଆବାସ କ୍ଷେତ୍ରରେ ହୋଇଛି। ୨୦୧୫ ସୁଦ୍ଧା କାର୍ଯ୍ୟାଳୟ ପାଇଁ ୪୦ ମିଲିୟନ୍ ସ୍କୋୟାର୍ ଫୁଟ୍ ସ୍ଥାନ ପ୍ରତିବର୍ଷ ବ୍ୟବହୃତ ହେଉଥିଲା, କିନ୍ତୁ ଗତବର୍ଷ ଏହା ବୃଦ୍ଧି ପାଇ ୪୨.୫ ମିଲିୟନ୍ ସ୍କୋୟାର୍ ଫୁଟ୍ ପର୍ଯ୍ୟନ୍ତ ପହଞ୍ଚିଛି। ସେହିପରି ୨୦୧୮ରେ ଏହା ୪୦ ମିଲିୟନ୍ ସ୍କୋୟାର୍



ଫୁଟ୍‌ରୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହାଛଡ଼ା ବାଣିଜ୍ୟିକ କ୍ଷେତ୍ରରେ କାର୍ଯ୍ୟାଳୟକୁ ଭଡ଼ାରେ ନେବାର ଚାହିଦା ବଢ଼ିଛି। ତେଣୁ ଭବିଷ୍ୟତରେ ଏହା ଆହୁରି ବଢ଼ିବ ବୋଲି ମଧ୍ୟ ଆଶା କରାଯାଉଛି। ୨୦୧୭ରେ ଡିଏଲ୍‌ଏଫ୍-ଜିଆଇସି ମଧ୍ୟରେ ହୋଇଥିବା ସଉଦା ପରେ ସିଙ୍ଗାପୁର କମ୍ପାନୀ ତରଫରୁ ୬୦୦ ମିଲିୟନ୍ ଡଲାର ନିବେଶ କରାଯାଇଥିଲା। ଆବାସ କ୍ଷେତ୍ରରେ ହୋଇଥିବା ବୃହତ୍ ନିବେଶକୁ ଦୃଷ୍ଟିରେ ରଖି ଆଗାମୀ ସମୟରେ ବ୍ୟବସାୟିକ କ୍ଷେତ୍ରରେ ନିବେଶ ଆହୁରି ବଢ଼ିବ ବୋଲି ପ୍ରକାଶ କରାଯାଇଛି। ତେବେ ଗତ ୪-୫ ବର୍ଷ ମଧ୍ୟରେ ଏ ସମ୍ବନ୍ଧରେ ବେସରକାରୀ କ୍ଷେତ୍ରଗୁଡ଼ିକ ବେଶ୍ ଆଗ୍ରହ ଦେଖାଇବା ସହିତ ବୃହତ୍ ପରିମାଣର ନିବେଶ କରିଛନ୍ତି ବୋଲି ଯୋଶୀ କହିଛନ୍ତି।

# ଏଣିକି ପ୍ଲାଟ୍‌ଫର୍ମରେ ମହଙ୍ଗା ହେବ ଡବ୍ଲ୍ୟୁଭିଏମ୍ ପାଣି

**ନୂଆଦିଲ୍ଲୀ :** ରେଳ ଷ୍ଟେସନ୍‌ରେ ଲଗାଯାଇଥିବା ୱାଟର୍ ଭେଣ୍ଡିଂ ମେସିନ୍ (ଡବ୍ଲ୍ୟୁଭିଏମ୍) ମାଧ୍ୟମରେ ଉପଲବ୍ଧ ହେଉଥିବା ପାଣି ଏଣିକି ମହଙ୍ଗା ହୋଇଯିବ ବୋଲି ଉଲ୍ଲେଖ କରାଯାଇଛି। ଏହା ଅନ୍ତର୍ଗତ ଗ୍ଲାସ୍ ପ୍ରତି ୧ଟଙ୍କା ଲେଖାଏଁ ଅଧିକ ମୂଲ୍ୟ ପରିଶୋଧ କରାଯିବ, ଯାହାଦ୍ୱାରା ଯାତ୍ରୀମାନଙ୍କ ପକେଟ୍ ଉପରେ ଅଧିକ ବୋଝ ପରିଲକ୍ଷିତ ହେବ। ଏହାଛଡ଼ା ଡବ୍ଲ୍ୟୁଭିଏମ୍ ପାଣିକୁ ବୋତଲରେ ଭରିବା ଲାଗି ଆଦାୟ କରାଯାଉଥିବା ମୂଲ୍ୟକୁ ବୃଦ୍ଧି କରିବା ଲାଗି ମଧ୍ୟ ଇଣ୍ଡିଆନ୍ ରେଲ୍‌ୱେ କ୍ୟାଟେରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆର୍‌ସିଟିସି) ତରଫରୁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ୩୦୦ ମିଲିଲିଟର ପାଣି ବିକ୍ରି ମୂଲ୍ୟରେ ସଂଶୋଧନ କରାଯିବାର ନିଷ୍ପତ୍ତି ନିଆଯାଇଛି ବୋଲି ରେଲ୍‌ୱେ ବୋର୍ଡର ଡେପୁଟି ଡାଇରେକ୍ଟର (ପର୍ଯ୍ୟଟନ ଏବଂ ଖାଦ୍ୟପେୟ) ପିପି ଖରାଦ କହିଛନ୍ତି। ପୁନା ଡିଭିଜନ୍ ତରଫରୁ ପ୍ରମୁଖ ଷ୍ଟେସନ୍‌ଗୁଡ଼ିକରେ ୧୪ଟି ଡବ୍ଲ୍ୟୁଭିଏମ୍ ସ୍ଥାପିତ କରାଯାଇଛି। ତନ୍ମଧ୍ୟରୁ ପୁନା ଷ୍ଟେସନ୍‌ରେ କେବଳ ୬ଟି ମେସିନ୍ ଲାଗିଛି। ଏହି ମେସିନ୍ ଯାତ୍ରୀମାନଙ୍କୁ ଶସ୍ତାରେ ଶୁଦ୍ଧ ପାନୀୟଜଳ ପ୍ରଦାନ କରୁଛି। ପାଣିର ପୁରୁଣା ଦର ସମ୍ପର୍କରେ କହିବାକୁ ଗଲେ ୩୦୦ ମିଲି ପାଣି ପାଇଁ ୧ ଟଙ୍କା ଦେବାକୁ ପଡୁଥିଲା।




ହେଲେ ସଂଶୋଧନ ପରେ ୩୦୦ ମିଲି ପାଣି ପାଇଁ ବର୍ତ୍ତମାନ ୨ ଟଙ୍କା ଦେବାକୁ ହେବ। ସେହିପରି ଅଧା ଲିଟର ପାଣି ପାଇଁ ପୂର୍ବରୁ ୨ ଟଙ୍କା ଆଦାୟ କରାଯାଉଥିବା ବେଳେ ଏବେଠାରୁ ଏଥିଲାଗି ୩ଟଙ୍କା, ୧ ଲିଟର ପାଣି ପାଇଁ ୫ ଟଙ୍କା ଏବଂ ଦୁଇ ଲିଟର ପାଣି ପାଇଁ ୮ ଟଙ୍କା ଲେଖାଏଁ ଖର୍ଚ୍ଚ କରିବାକୁ ହେବ। ପ୍ରକାଶଯୋଗ୍ୟ, ଆଇଆର୍‌ସିଟିସି ନିଜ ୱେବ୍‌ସାଇଟ୍‌କୁ ଆହୁରି ସୁବିଧାଜନକ କରିବା ଲାଗି ନିକଟରେ ଏକ ଚାଟ୍‌ବଟ୍‌କୁ ଶୁଭାରମ୍ଭ କରିଛି, ଯାହା ତୁରନ୍ତ ଗ୍ରାହକଙ୍କ ପ୍ରଶ୍ନର ଉତ୍ତର ଦେବାରେ ସକ୍ଷମ ହେବ। ଏହି ଚାଟ୍‌ବଟ୍‌ର ନାମ ରହିଛି 'ଆସ୍କଦିସା' ଏବଂ ଏହା ଶୁଭାରମ୍ଭ ହେବାର ଗୋଟିଏ ସପ୍ତାହ ମଧ୍ୟରେ ହିଁ ୨୦ ଲକ୍ଷରୁ ଅଧିକ ପ୍ରଶ୍ନକୁ ସମାଧାନ କରିସାରିଛି। ଏହି ଚାଟ୍‌ବଟ୍ ସାହାଯ୍ୟରେ ଆଇଆର୍‌ସିଟିସି ୧୯ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ କେବଳ ମାସେ ଭିତରେ ୧୦ କୋଟିରୁ ଉର୍ଦ୍ଧ୍ୱ ପରିଦର୍ଶକଙ୍କୁ ବିଜ୍ଞାପନ ପାଇଁ ଉପଲବ୍ଧ କରାଇବାରେ ସଫଳତା ହାସଲ କରିଛି। ଆସ୍କଦିସାରେ କେତେକ ବିଶେଷ ଫିଚରକୁ ମଧ୍ୟ ସାମିଲ କରାଯାଇଛି।

# ଇନ୍ଧନ ମୂଲ୍ୟ ହ୍ରାସ; ଲାଭାନ୍ୱିତ ହେବେ ଏୟାରଲାଇନ୍ସ କମ୍ପାନୀ

**ନୂଆଦିଲ୍ଲୀ :** ଆସନ୍ତା ବର୍ଷ ବିମାନ ଇନ୍ଧନର ହାରାହାରି ମୂଲ୍ୟରେ ହ୍ରାସ ତଥା ବିମାନ ସେବା କମ୍ପାନୀଗୁଡ଼ିକର ପ୍ରଫିଟ୍‌ରେ ବୃଦ୍ଧି ପରିଲକ୍ଷିତ ହେବ ବୋଲି ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ (ଆୟଟା) ପକ୍ଷରୁ ପୂର୍ବାନୁମାନ ବ୍ୟକ୍ତ କରାଯାଇଛି। ଆୟଟା ତରଫରୁ ଜାରି ହୋଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୧୯ ମସିହାରେ ବିମାନ ଉଦ୍ୟୋଗର ଶୁଦ୍ଧ ଲାଭ ୩୫.୫ ବିଲିୟନ୍ ଡଲାର ରହିବ। ସେହିପରି ଚଳିତ ବର୍ଷ ଏହା ୩୨.୩ ବିଲିୟନ୍ ଡଲାର ରହିବ ବୋଲି ଅନୁମାନ କରିଛି। ଏହା ପୂର୍ବରୁ ଜୁନ୍‌ରେ ଆୟଟା ଚଳିତ ବର୍ଷ ଲାଗି ପ୍ରଫିଟ୍ ୩୩.୮ ବିଲିୟନ୍ ଡଲାର ରହିବ ବୋଲି ପୂର୍ବାନୁମାନ କରିଥିଲା, କିନ୍ତୁ ବର୍ତ୍ତମାନ ସଂଘ ଏହାକୁ ହ୍ରାସ କରିଥିବା ଉଲ୍ଲେଖ କରିଛି। ରିପୋର୍ଟ ମୁତାବକ, ଆସନ୍ତା ବର୍ଷ ବିମାନ ଉଦ୍ୟୋଗର ମୋଟ ରାଜସ୍ୱ ୮୮୫ ବିଲିୟନ୍ ଡଲାର ରହିପାରେ, ଯାହା ଚଳିତବର୍ଷ




୮୨୧ ବିଲିୟନ୍ ଡଲାରରୁ ୭.୭% ଅଧିକ। ବିମାନ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ୪.୩୪ ବିଲିୟନ୍‌ରୁ ବୃଦ୍ଧି ପାଇ ୪.୫୯ ବିଲିୟନ୍‌ରେ ପହଞ୍ଚିବା ନେଇ ଅନୁମାନ କରାଯାଇଛି। ସେହିପରି ବୈଷୟିକ ମାଲ୍ ପରିବହନ ୬.୩୭ କୋଟି ଟନ୍‌ରୁ ବୃଦ୍ଧିପାଇ ୬.୫୯ କୋଟି ଟନ୍‌ରେ ପହଞ୍ଚିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆୟଟାର କହିବା ମୁତାବକ, ଏୟାର୍‌ଲାଇନ୍ସର ପ୍ରଫିଟ୍ ବଢ଼ିବା ଯୋଗୁଁ ଅଶୋଧିତ ତୈଳଦରରେ ହ୍ରାସ ତଥା ସୁଦୃଢ଼ ବୈଷୟିକ ଆର୍ଥିକ ବିକାଶ ରହିବ। ତେଣୁ ୨୦୧୯ରେ ଅଶୋଧିତ ତୈଳଦରର ହାରାହାରି ମୂଲ୍ୟ ବ୍ୟାରେଲ୍ ପ୍ରତି ୬୫ ଡଲାର ରହିବ ବୋଲି ଆୟଟା ଅନୁମାନ ଲଗାଇଛି। ଚଳିତବର୍ଷ ବ୍ୟାରେଲ୍ ପ୍ରତି ୭୩ ଡଲାର ରହିଛି। ଏହାଦ୍ୱାରା ବିମାନ ଇନ୍ଧନର ହାରାହାରି ମୂଲ୍ୟ ବ୍ୟାରେଲ୍ ପ୍ରତି ୨୦୧୮ର ୮୭.୬ ଡଲାରରୁ ହ୍ରାସ ପାଇ ୮୧.୩ ଡଲାର ରହିବ। ସେହିପରି ବୈଷୟିକ ବିକାଶ ଦର ମଧ୍ୟ ୩.୧% ରହିବାର ସମ୍ଭାବନା ରହିଛି, ଯାହା ଚଳିତବର୍ଷ ୩.୨% ରହିଥିଲା।

# ଅନାସ୍ଥା ଜିତିଲେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ

**ଲଣ୍ଡନ୍ :** ଗୋଟିଏ ବର୍ଷ ପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ଆସନ ସୁରକ୍ଷିତ ହୋଇଯାଇଛି। ନିମ୍ନ ସଦନରେ ଅନାସ୍ଥା ଭୋଟର ସମ୍ମୁଖୀନ ହୋଇ ସେ ଆପଣା ସପକ୍ଷରେ ୨୦୦ ଭୋଟ ଲାଭ କରିଥିବା ବେଳେ ବିପକ୍ଷରେ ୧୧୭ ଭୋଟ ଥିଲା। ନିମ୍ନ ସଦନ କୁହାଯାଉଥିବା ହାଉସ୍ ଅଫ୍ କମନ୍ସରେ ସାଂସଦଙ୍କ ସଂଖ୍ୟା ୩୧୭। ମେ'ଙ୍କ ଦଳର ୪୮ ଜଣ ସାଂସଦ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ, ଫଳରେ ମେ'ଙ୍କ ପାଇଁ ସଙ୍କଟ ଉପୁଜିଥିଲା। ଅନାସ୍ଥାରେ ଜିତିବା ପରେ ସେ ଆଗାମୀ ଦିନରେ ବ୍ରିଟେନ୍‌ବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ କାମ କରିବେ ବୋଲି କହିଥିଲେ। ବ୍ରେକ୍‌ଜିଟ୍ ବୁଝାମଣା ପ୍ରସଙ୍ଗରେ ସେ ୟୁରୋପୀୟ ସଂଘ ନେତାଙ୍କ ସହ ଆଲୋଚନା କରିବାକୁ ସଂକେତ ଦେଇଛନ୍ତି। ୧୯୨୨ କମିଟି ଅଧ୍ୟକ୍ଷ ଗ୍ରାହାମ ବ୍ରାଡି ଅନାସ୍ଥା ଭୋଟର ଫଳାଫଳ ଘୋଷଣା କରି କହିଥିଲେ ଯେ ଦଳର ନିୟମ ଅନୁସାରେ ମେ'ଙ୍କ ନେତୃତ୍ୱ ଗୋଟିଏ ବର୍ଷ ପାଇଁ ସୁରକ୍ଷିତ। ବ୍ରେକ୍‌ଜିଟ୍ ପ୍ରସଙ୍ଗରେ ମେ'ଙ୍କ ପଦକ୍ଷେପକୁ ଚାଲେଞ୍ଜ କରି ସାଂସଦମାନେ ଅନାସ୍ଥା ଆଗତ କରିଥିଲେ। ୨୦୨୨ରେ ଦଳ ତାଙ୍କୁ ନେତା କରିବା ସପକ୍ଷରେ ନାହିଁ ବୋଲି ସୂଚନା ମିଳିଛି। ଦଳର ମତିଗତିକୁ ଲକ୍ଷ୍ୟ କରି ମେ' ୨୦୨୨ ସାଧାରଣ ନିର୍ବାଚନରେ ଦଳର ନେତୃତ୍ୱ ନେବେ ନାହିଁ ବୋଲି ସ୍ପଷ୍ଟ କରି ଦେଇଛନ୍ତି। ଅନାସ୍ଥା ଜିତିବା ପାଇଁ ମେ'ଙ୍କୁ ୧୫୯ ଭୋଟର ଆବଶ୍ୟକତା ଥିଲା। ଅନାସ୍ଥାରେ ହାରି ଯାଇଥିଲେ ଶାସକ ଦଳ ଆଉ ଜଣକୁ ନେତା ରୂପେ ବାଛିଥାନ୍ତେ। ଟୋରୀ ଦଳର ପୂର୍ବତନ ବିଦେଶ ସଚିବ ବୋରିସ୍ ଜନସନ୍, ବର୍ତ୍ତମାନର ବିଦେଶ ସଚିବ ଜେରେମି ହଣ୍ଟ, ସ୍ୱରାଷ୍ଟ୍ର ସଚିବ ସାଜିଦ୍ ଜାଭିଦ୍ ପ୍ରଭୃତି ନେତାମାନେ ମେ'ଙ୍କ ସ୍ଥାନ ପୂରଣ କରିବାକୁ ଆଗଧାଡ଼ିରେ ଅଛନ୍ତି।

# 'ମୋଦିଙ୍କ ମନ୍ତବ୍ୟ ପିଲାଳିଆ'

**ମୁମ୍ବାଇ :** ଭାରତକୁ କଂଗ୍ରେସ ମୁକ୍ତ କରିବା ଚକ୍କରରେ ବିଜେପି ହାତରୁ ତିନୋଟି ରାଜ୍ୟ ଖସିଗଲା। ବିଜେପିର ଗଡ଼ ହିସାବରେ ଚର୍ଚ୍ଚିତ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ କଂଗ୍ରେସର ବିଜୟକେତନ ଉଡିଛି। ପ୍ରଧାନମନ୍ତ୍ରୀ ମୋଦୀ ଓ ବିଜେପି ଅଧ୍ୟକ୍ଷ ଅମିତ ଶାହଙ୍କୁ କଣଠେସା କରି ରାହୁଲ ଗାନ୍ଧୀ 'ଉଜ୍ଜ୍ୱଳ ତାରକା' ବନିଗଲେ। ତେଲେଙ୍ଗାନାରେ କଂଗ୍ରେସ ତୁଳନାରେ ବିଜେପି ପତିଆରା ଆହୁରି ତଳକୁ ଖସିଛି। ମିଜୋରାମରେ କଂଗ୍ରେସ ସ୍ଥାନ ପୂରଣ କରିଛି ଏମ୍‌ଏନ୍‌ଏଫ୍। ଶିବସେନା ବିଜେପିର ସହଯୋଗୀ ହେଲେ ମଧ୍ୟ ଯାହା ନିଚ୍ଛକ ସତ୍ୟ ବା ସମାଲୋଚନା କରିବାକୁ ପଛାଇନାହିଁ। ୫ ବର୍ଷ ପୂର୍ବେ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରି ବିଜେପି ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ନିର୍ବାଚନ ଲଢ଼ିଥିଲା। ବିଜୟ ଲାଭ କରି ସରକାର ଗଠନ କରିଥିଲା। କିନ୍ତୁ ଏବେ ବିଜେପି ଲୋକପ୍ରିୟତା ହରାଇବା ଆରମ୍ଭ କରିଛି। ଚଳିତ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜେପି ନେତା ରମଣ ସିଂଙ୍କ ହାତରୁ ଛତିଶଗଡ଼ ଛଡାଇ ନେଇଛି। ବିଜେପିକୁ କଡ଼ା ଟକ୍କର ଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ନବଗଠିତ ଦଳ ଜେସିସି ମୁଣ୍ଡ ଟେକିଛି। ଚଳିତ ନିର୍ବାଚନରେ ଅଜିତ ଯୋଗୀଙ୍କ ଦଳକୁ ସେତେଟା ସଫଳତା ନ ମିଳିଥିଲେ ମଧ୍ୟ ଜନତାଙ୍କ ଅକୁଣ୍ଠ ସମର୍ଥନକୁ ସମ୍ମାନ ଜଣାଇଛନ୍ତି। ଠିକ୍ ସେହିପରି ମଧ୍ୟପ୍ରଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରେ ବିଜେପିର ଦ୍ୱିତୀୟ ଲୋକପ୍ରିୟ ନେତା ଥିଲେ ଶିବରାଜ ସିଂହ ଚୌହ୍ୱାନ। କିନ୍ତୁ କଂଗ୍ରେସ ବିଜେପିର ବିଜୟ ରଥକୁ ଅଟକାଇବାରେ ସକ୍ଷମ ହୋଇଛି। ବିଜେପିର ଟାଣୁଆ ନେତା ଶିବରାଜ ସିଂହ



ଚୌହ୍ୱାନଙ୍କୁ ଯନ୍ତାରେ ଭର୍ତ୍ତି କରିଦେଇଛି। ରାଜସ୍ଥାନରେ କଂଗ୍ରେସ ୧୪୦ଟି ଆସନ ପାଇବା ଆଶା କରୁଥିଲା। କିନ୍ତୁ ଦଳର ଅନ୍ତଃକନ୍ଦଳ କାରଣରୁ ୧୦୦ଟି ଆସନ ମିଳିଛି। ତେଣୁ ସେଠାରେ କଂଗ୍ରେସ ସରକାର ଗଠନ କରିବା ନିଶ୍ଚିତ। ୫ଟି ଯାକ ରାଜ୍ୟ ବିଜେପି ମୁକ୍ତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବଳିଷ୍ଠ ପ୍ରଭାବରେ ବିଜେପି ସବୁ ନିର୍ବାଚନରେ ଜିତାପଟ ହାସଲ କରିବ ବୋଲି ଦୃଢ଼ ଆଶା ବାନ୍ଧିଥିଲା କିନ୍ତୁ ତାହା କ୍ରମେ ଫସର ଫାଟିଯାଇଛି। ଶିବସେନା ପ୍ରତିକ୍ରିୟାରେ କହିଛି, 'ଲୋକଙ୍କୁ ସବୁବେଳେ ବୋକା ବନାଇ ଜିତିବା ସମ୍ଭବ ନୁହେଁ।' ଶିବସେନା ମତରେ କେନ୍ଦ୍ରର ବିଜେପି ମେଣ୍ଟ ହାତରୁ ଗୁରୁତ୍ୱପୂର୍ଣ୍ଣ ହିନ୍ଦୀ ଭାଷାଭାଷୀ ରାଜ୍ୟ ଖସିଯିବା ପଛରେ କୃଷକ ଅଶାନ୍ତି, ବିମୁଦ୍ରାକରଣ ଯନ୍ତ୍ରଣା, ବେରୋଜଗାରୀ, ଦରଦାମ ବୃଦ୍ଧି ଓ ସର୍ବୋପରି ପ୍ରଧାନମନ୍ତ୍ରୀଙ୍କ ବିଦେଶ ଭ୍ରମଣ କଂଗ୍ରେସକୁ ସୁହାଇଲା। ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ରାହୁଲ ଗାନ୍ଧୀ ତାଙ୍କୁ 'ଭାରତ ମାତା କି ଜୟ' ଉଚ୍ଚାରଣ କରିବାକୁ ବାରଣ କରିଥିଲେ। ରାମ ମନ୍ଦିର ନିର୍ମାଣରେ ବାଧା ସୃଷ୍ଟି କରୁଛନ୍ତି। ମୋଦୀଙ୍କ ଏ ପ୍ରକାର ମନ୍ତବ୍ୟକୁ ଶିବସେନା ପିଲାଳିଆମୀ କହିଛି। ପ୍ରଧାନମନ୍ତ୍ରୀ ମୋଦୀ ମନ୍ଦିର ନିର୍ମାଣ ପ୍ରତିଶ୍ରୁତି ପୂରଣ କରିବାକୁ ବିଫଳ ହୋଇଛି। ଶିବସେନା ଅଭିଯୋଗ କରିଛି ଯେ ଅର୍ଜିତ ପଟେଲ ଯେ ୨୦୧୬ ନଭେମ୍ବରରେ ସରକାରଙ୍କ ବିମୁଦାକରଣ ପଦକ୍ଷେପକୁ ସମର୍ଥନ କରିଥିଲେ। ସରକାରଙ୍କ ଚାପରେ ଅତିଷ୍ଠ ହୋଇ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ପଦବୀରୁ ଇସ୍ତଫା ଦେଲେ। ହାତଗଣତି ପୁଞ୍ଜିପତିଙ୍କ ଇଚ୍ଛାରେ ଭାରତର ଶାସନ କାର୍ଯ୍ୟ ଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି। ରିଜର୍ଭ ବ୍ୟାଙ୍କର ସ୍ୱାଧୀନତାରେ ହସ୍ତକ୍ଷେପ ଚାଲିଛି। ଯାହା ହେଉନା କାହିଁକି, ପାଞ୍ଚୋଟି ରାଜ୍ୟର ଭୋଟରମାନେ ଅର୍ଥବଳ ଓ ବାହୁବଳ, ଇଭିଏମ୍ ଭୋଟିଂ ଟ୍ୟାମ୍ପରିଂ ପଛରେ ବାଇ ନହୋଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଛନ୍ତି।





# ଚିଠିରେ ଚିଠିରେ ରାଜନୀତି

## ପ୍ରକଳ୍ପ ପାଇଁ ଜମି ଦିଅ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଓଡ଼ିଶାରେ ପ୍ରସ୍ତାବିତ ବିଭିନ୍ନ ପେଟ୍ରୋଲିୟମ୍ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି । କେନ୍ଦ୍ର ସରକାର ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଚାକିରି ଓ ରୋଜଗାର ସମ୍ଭାବନା ସୃଷ୍ଟି କରିଥିବାବେଳେ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଉ ନଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ଓଡ଼ିଶା ପୂର୍ବରୁ ଦେଶରେ ଇସ୍ପାତର ପେଣ୍ଠସ୍ଥଳୀ ଭାବେ ପରିଚିତ ଥିବାବେଳେ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶା ଦେଶର ଗ୍ୟାସ୍ ଓ ପେଟ୍ରୋକେମିକାଲ୍ ଶିଳ୍ପର ପେଣ୍ଠସ୍ଥଳୀ ଭାବେ ମଧ୍ୟ ପରିଚିତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ରହିଛି । ପାରାଦୀପ ପୂର୍ବ ଭାରତର ପେଟ୍ରୋଲିୟମ ଶିଳ୍ପର ପ୍ରବେଶ ପଥ ଭାବେ ବିକଶିତ ହେଉଛି । ଶ୍ରୀ ପ୍ରଧାନ କହିଛନ୍ତି ୨୦୧୩-୧୪ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦରରେ ପେଟ୍ରୋଲିୟମ୍ ପଦାର୍ଥର ପରିବହନର ମାତ୍ରା ୧୭.୭୦ ଏମ୍ଏମ୍ଟି ଥିବାବେଳେ ୨୦୧୭-୧୮ ସୁଦ୍ଧା ପାଖାପାଖି ଦୁଇଗୁଣା ହୋଇ ୩୩.୭୮ ଏମ୍ଏମ୍ଟିରେ ପହଞ୍ଚିଛି । ୪୦ ହଜାର କୋଟି ଟଙ୍କାର ୧୫ ଏମ୍ଏମ୍ଟିପିଏ କ୍ଷମତା ବିଶିଷ୍ଟ ପାରାଦୀପ ତୈଳ ରିଫାଇନାରୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହ ତୈଳ ଓ ଗ୍ୟାସ କ୍ଷେତ୍ରର ନୂଆ ନୂଆ ପ୍ରକଳ୍ପରେ ପୁଞ୍ଜି ନିବେଶ ହୋଇଛି । ତେବେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେବା ମାମଲାରେ ୫ଟି ବୃହତ ପ୍ରକଳ୍ପ ପାଇଁ ଦୀର୍ଘଦିନର ଆବେଦନ ପଡ଼ି ରହିଥିବା ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଦର୍ଶାଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୧୫ରୁ ୨୫ ଏମ୍ଏମ୍ଟିପିଏକୁ ପାରାଦୀପ ତୈଳ ବିଶୋଧନାଗାରର କ୍ଷମତା ବୃଦ୍ଧି, ପେଟ୍ କୋକ୍ ଗ୍ୟାସିଫିକେସନ୍ ପ୍ରକଳ୍ପ,ପିଏକ୍ସ, ପିଟିଏ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଜାଗା ତଥା ଭଦ୍ରକରେ ଟେକ୍ସଟାଇଲ୍ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବାପାଇଁ ଦରଖାସ୍ତ ଦିଆଯାଇଥିବା ସତ୍ତ୍ୱେ ରାଜ୍ୟ ସରକାର ଏହା ଉପରେ ପଦକ୍ଷେପ ନେଉ ନଥିବା ଏହି ଚିଠିରେ ଉଲ୍ଲେଖ କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି, ତାଙ୍କ ଅନୁରୋଧ କ୍ରମେ ତାଇୱାନ ସରକାରଙ୍କର ପେଟ୍ରୋଲିୟମ୍ ଫାର୍ମ ସିପିସି କର୍ପୋରେସନ ୪୩ ହଜାର କୋଟି ଟଙ୍କା ବିନିଯୋଗ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଜମି, ଜଳ, ବିଜୁଳି ଓ ପରିବହନ ଆବଶ୍ୟକତାକୁ ପୂରଣ କରିବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଉନାହାନ୍ତି ।

## ତିତ୍‌ଲି କ୍ଷତିପୂରଣ ଦିଅ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଘୂର୍ଣ୍ଣିଝଡ ତିତ୍‌ଲି କ୍ଷତିଗ୍ରସ୍ତ ଓଡ଼ିଶାକୁ ଏ ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ମିଳିଲାନି । ଏହାଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳରେ ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ତୁରନ୍ତ କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହଙ୍କୁ ଚିଠି ଲେଖିଛନ୍ତି । ଏ ଦିଗରେ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ତିତଲି ବାତ୍ୟା, ବନ୍ୟା ଓ ଭୂସ୍ଖଳନ ଯୋଗୁ ୧୭ ଜିଲ୍ଲା ପ୍ରଭାବିତ ହୋଇଛି । ୧୨୮ ବ୍ଲକର ୬୦.୩୧ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହି ଦୁର୍ବିପାକର ମୁକାବିଲା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ନେଇଥିଲେ । କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଦେବା ସହ ନଷ୍ଟ ହୋଇଯାଇଥିବା ଘର, ଭିତ୍ତିଭୂମି ଆଦିର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିଥିଲେ । ଏଥିପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ୧୬୮୯.୧୩ କୋଟି ଟଙ୍କା ବିନିଯୋଗ କରାଯାଇଛି । ଯାହା ଫଳରେ ଏସ୍‌ଡିଆରଏଫ୍ ପାଣ୍ଠି ଏବେ ସମ୍ପୂର୍ଣ୍ଣ ଖାଲି ହୋଇଯାଇଛି । ଏହି ପାଣ୍ଠି ପୂରଣ ସହ ବାକି ରହିଥିବା ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଏନ୍‌ଡିଆର୍‌ଏଫ୍ ଅର୍ଥ ତୁରନ୍ତ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ୨୭୭୯.୩୨ କୋଟି ଟଙ୍କାର କ୍ଷତି ଆକଳନ କରି ଏକ ସ୍ମାରକପତ୍ର ଜରିଆରେ କେନ୍ଦ୍ର ଠାରୁ ୨୦୨୩. ୧୩ କୋଟି ଟଙ୍କା ସହାୟତା ମାଗିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ଗତ ଅକ୍ଟୋବର ୧୮ରେ ଚିଠି ଲେଖି ୧୦୦୦ କୋଟି ଟଙ୍କା ଅନ୍ତରୀଣ ସହାୟତା ଦେବାକୁ ଅନୁରୋଧ କରିଥିଲି । କେନ୍ଦ୍ରୀୟ ଟିମ୍ ନଭେମ୍ବର ପ୍ରଥମ ସପ୍ତାହରେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ ମଧ୍ୟ କରିଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାକୁ କୌଣସି ସହାୟତା



ମିଳିନାହିଁ । ସୂଚନାଯୋଗ୍ୟ, ତିତ୍‌ଲି ପ୍ରଭାବିତ ଆନ୍ଧ୍ରପ୍ରଦେଶକୁ ଗତ ୬ ତାରିଖରେ ଏନ୍‌ଡିଆରଏଫ୍‌ରୁ ୫୩୯.୫୨ କୋଟି ଟଙ୍କା, କେରଳକୁ ୩୦୪୮ କୋଟି ଟଙ୍କା ଓ ନାଗାଲାଣ୍ଡକୁ ୧୩୧.୧୬ କୋଟି ଟଙ୍କା ପ୍ରଦାନ କରିଛନ୍ତି । ମାତ୍ର ଓଡ଼ିଶା ବାତ୍ୟା ସହାୟତା ସମ୍ପର୍କରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ।

## ଲୋକାୟୁକ୍ତ ପାଇଁ କମିଟି ଗଠିତ

**ଭୁବନେଶ୍ୱର :** ଓଡ଼ିଶାରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନାମ ଚୂଡ଼ାନ୍ତ ପାଇଁ ୭ ଜଣିଆ ସର୍ଚ୍ଚ କମିଟି ଗଠନ ହୋଇଛି । ସୋମବାର ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ୭ ଜଣିଆ ସର୍ଚ୍ଚ କମିଟି ସଦସ୍ୟଙ୍କ ନାମ ଚୂଡ଼ାନ୍ତ କରାଯାଇଛି । ଅବସରପ୍ରାପ୍ତ ବିଚାରପତି ଅମିତାଭ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାୟୁକ୍ତ ସର୍ଚ୍ଚ କମିଟିରେ ପ୍ର. ଭେଙ୍କଟରାଓ ରାମଭଟ୍ଟଲା, ଅବସରପ୍ରାପ୍ତ ଆଇଏଏସ୍ ସଞ୍ଜୀବ ହୋତା, ପୂର୍ବତନ ଆଇଏଏସ୍ ଡ. ରବିନାରାୟଣ ବହିଦାର୍, ପୂର୍ବତନ ଡିଜିପି ଗୋପାଳ ନନ୍ଦ, ଡ. ବିଧୁଭୂଷଣ ସାମଲ୍, ପ୍ରଫେସର୍ ସ୍ନିଗ୍ଧା ପଟ୍ଟନାୟକ ସଦସ୍ୟ ଅଛନ୍ତି । ଏହି ସର୍ଚ୍ଚ କମିଟି ଆସନ୍ତା ମାସକ ମଧ୍ୟରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନାଁ ସୁପାରିସ କରିବେ । ସିଲେକ୍ସନ କମିଟି ମାସକ ପରେ ବୈଠକ କରି ସର୍ଚ୍ଚ କମିଟି ଦେଇଥିବା ସୁପାରିସ ଉପରେ ଲୋକାୟୁକ୍ତ ଉପରେ ଲୋକାୟୁକ୍ତ ନିଯୁକ୍ତିକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ ପରେ ରାଜ୍ୟ ସରକାର ଜୁଲାଇ ୯ରେ ଲୋକାୟୁକ୍ତ ପାଇଁ ସର୍ଚ୍ଚ କମିଟି ଗଠନ କରିଛନ୍ତି ।

## ଟଙ୍କା ଫେରାଇବ ରୋଜ୍‌ଭ୍ୟାଲି କମ୍ପାନୀ; ପାଇବେ ୨.୩୮ ଲକ୍ଷ ଜମାକାରୀ

**କଟକ :** ରୋଜ୍‌ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଚିଟ୍‌ଫଣ୍ଡ ମାମଲାରେ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟ ଗୁରୁବାର ଏକ ଐତିହାସିକ ରାୟ ପ୍ରଦାନ କରିଛନ୍ତି । ଏହି ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ୨ଲକ୍ଷ ୩୮ ହଜାର ୪୭୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୯୨ କୋଟି ୮ ଲକ୍ଷ ୯୬ ହଜାର ୯୮୨ ଟଙ୍କା ଫେରାଇବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅର୍ଥ ବିଭାଗର ଅନୁମୋଦନକ୍ରମେ ଚିହ୍ନିତ ଜମାକାରୀଙ୍କ ଆକାଉଣ୍ଟ୍‌ରେ ଏହି ଅର୍ଥ ଅନ୍‌ଲାଇନ ବ୍ୟବସ୍ଥାରେ ଜମା କରିବାକୁ କୁହାଯାଇଛି । ଚିଟ୍‌ଫଣ୍ଡ୍ କୋର୍ଟ ତାଙ୍କର ଏହି ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କହିଛନ୍ତି । ଅଦାଲତଙ୍କ ଏପରି ଆଦେଶ ଫଳରେ ତହସିଲ୍ ଓ ଜିଲ୍ଲାଓ୍ୱାରୀ ଚିହ୍ନଟ କ୍ଷତିଗ୍ରସ୍ତ ଜମାକାରୀମାନେ ଉପକୃତ ହେବେ । ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ମାମଲାରେ କ୍ଷୁଦ୍ର ଜମାକାରୀମାନେ ୯୫ କୋଟି ୮୪ ଲକ୍ଷ ୧୨ ହଜାର ୮୯୩ ଟଙ୍କା ଫେରି ପାଇବାକୁ ଆବେଦନ କରିଥିଲେ । ସେମାନଙ୍କୁ ୯୨ କୋଟି ୮ ଲକ୍ଷ ୯୬ ହଜାର ୯୮୨ ଟଙ୍କା ମିଳିବ ବୋଲି ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତର ବିଚାରପତି ଇ ବି ରାଓ ସ୍ପଷ୍ଟ କରିଛନ୍ତି । ସମୁଦାୟ ଜମାକାରୀଙ୍କ ମଧ୍ୟରୁ ୩୭ ହଜାର ୭୫୮ ଜଣ କ୍ଷୁଦ୍ର ଜମାକାରୀ ୭ ହଜାର ଟଙ୍କା ଲେଖାଏଁ ଜମାରାଶି ଫେରି ପାଇବାକୁ ଆବେଦନ କରିଥିଲେ । ମାତ୍ର ୧୦ ହଜାର କ୍ଷୁଦ୍ର ଜମାକାରୀଙ୍କୁ ୭ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ୭ ହଜାର ଟଙ୍କା ବାଦ୍ ଜମାକାରୀଙ୍କ ବଳକା ଜମାରାଶିର ୫୨ ପ୍ରତିଶତ ମଧ୍ୟ ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତର ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ମହାନ୍ତି ସୂଚନା ଦେଇଛନ୍ତି । ଏହି ମାମଲାରେ ଗତ ଅକ୍ଟୋବର ୨୬ରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ପ୍ରାଧିକୃତ ଅଧିକାରୀ ଓଡ଼ିଶା ପ୍ରୋଟେକ୍‌ସନ ଅଫ୍ ଇଣ୍ଟ୍ରେଷ୍ଟ୍ ଅଫ୍ ଡିପୋଜିଟର୍ସ (ଇନ୍ ଫାଇନାନ୍‌ସିଆଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ୍‌ସ-ଓପିଆଇଡି) ଆଇନ ୨୦୧୧ର ୪ ଧାରା ଆଧାରରେ ସଂସ୍ଥାର ଜବତ ଜମା ରାଶିକୁ ଜମାକାରୀଙ୍କ ମଧ୍ୟରେ ବାଣ୍ଟି ଦେବାକୁ ଆବେଦନ କରିଥିଲେ । ପୂର୍ବରୁ ଦୁଇଟି ମାମଲାରେ ସଂସ୍ଥାର ଜବତ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଅଦାଲତ ୨୦୧୫ ଫେବୃୟାରୀ ୨୫ ଓ ୨୦୧୮ ମାର୍ଚ୍ଚ ୨୦ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରାଧିକୃତ ଅଧିକାରୀଙ୍କ ପକ୍ଷରୁ ରୁଜୁ ମାମଲାରେ ରୋଜ୍‌ଭ୍ୟାଲି ହୋଟେଲ୍‌ସ ଏଣ୍ଡ୍ ଏଣ୍ଟରଟେନ୍‌ମେଣ୍ଟ୍ ଲିମିଟେଡ୍‌ର ସହକାରୀ ଆଞ୍ଚଳିକ ପରିଚାଳକ ବିକ୍ରମଜିତ୍ ଭୌମିକ୍, ରୋଜ୍‌ଭ୍ୟାଲି ରିଅଲ୍ ଇଷ୍ଟେଟ୍ ଏଣ୍ଡ୍ କନ୍‌ଷ୍ଟ୍ରକ୍‌ସନ୍ ଲିମିଟେଡ୍ ଓଡ଼ିଶା ଶାଖାର ପ୍ରାଧିକୃତ ଅଧିକାରୀ ତଥା ମାର୍କେଟିଂ ମ୍ୟାନେଜର୍ ରଞ୍ଜନ କୁମାର ଦାସ, ରୋଜ୍‌ଭ୍ୟାଲି ରିଅଲ୍ ଇଷ୍ଟେଟ୍ ଏଣ୍ଡ୍ କନ୍‌ଷ୍ଟ୍ରକ୍‌ସନ ଲିମିଟେଡ୍‌ର ଉପଦେଷ୍ଟା ଅରୁନ୍ ମୁଖାର୍ଜୀ ଏବଂ ରୋଜ୍‌ଭ୍ୟାଲି ରିଅଲ୍ ଇଷ୍ଟେଟ୍ ଏଣ୍ଡ୍ କନ୍‌ଷ୍ଟ୍ରକ୍‌ସନ ଲିମିଟେଡ୍‌ର ସୁଦୀପ୍ତ ବାନାର୍ଜୀ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ସୂଚନା ଥାଉକି ସଂସ୍ଥା ବିରୋଧରେ ୧୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅଭିଯୋଗ ରହିଛି । ଏହି ସଂସ୍ଥା ସ୍ୱଳ୍ପ ସମୟରେ ଲୋକଙ୍କ ଜମାରାଶିକୁ ଦୁଇଗୁଣ କରିବାକୁ ଲୋଭନୀୟ ପ୍ରତିଶ୍ରୁତି ଦେଇ ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ତ୍ରିପୁରା, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ଅନ୍ୟାନ୍ୟ ସ୍ଥାନରେ ଏହାର ଶାଖା ଅଫିସ୍ ଖୋଲି କୋଟି କୋଟି ଟଙ୍କା ଆଦାୟ କରିଥିଲା । ପରବର୍ତ୍ତୀ ସମୟରେ ଜମାକାରୀଙ୍କ ଅର୍ଥ ନ ଫେରାଇବାରୁ ଏକାଧିକ ଅଭିଯୋଗ ହୋଇଥିଲା ।

## ଓଡ଼ିଶାକୁ ୫ମ କୃଷି କର୍ମଣ ପୁରସ୍କାର

**ଭୁବନେଶ୍ୱର :** କୃଷି କ୍ଷେତ୍ରରେ ସଫଳତା ଯୋଗୁଁ ଓଡ଼ିଶା ପଞ୍ଚମ ଥର ପାଇଁ କୃଷି କର୍ମଣ ପୁରସ୍କାର ପାଇବାକୁ ଯାଉଛି । ଖାଦ୍ୟ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ୨୦୧୬-୧୭ ବର୍ଷ ପାଇଁ କ୍ୟାଟୋଗୋରୀ-୨ ଅନ୍ତର୍ଗତ ଓଡ଼ିଶାକୁ ଏହି ପୁରସ୍କାର ମିଳିବ । ପୁରସ୍କାର ସ୍ୱରୂପ କେନ୍ଦ୍ର ସରକାର ୧ କୋଟି ଟଙ୍କା ଦେବେ । ୨୦୧୯ରେ ଦିଲ୍ଲୀରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂ ରାଜ୍ୟର କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ଚିଠି ଲେଖି ଜଣାଇଛନ୍ତି ।



## ମାର୍ଚ୍ଚ ୭ରୁ +୨ ପରୀକ୍ଷା



**ଭୁବନେଶ୍ୱର :** +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଆସନ୍ତା ମାର୍ଚ୍ଚ ୭ରୁ ଆରମ୍ଭ ହେବ । ପ୍ରଥମ ଦିବସରେ ଉଭୟ ବିଜ୍ଞାନ ଓ ବାଣିଜ୍ୟର ଛାତ୍ରଛାତ୍ରୀଙ୍କ ଲାଗି ଏମ୍ଆଇଏଲ୍ ବା ମାତୃଭାଷା (ଓଡ଼ିଆ) ପରୀକ୍ଷା ଥିବା ବେଳେ ମାର୍ଚ୍ଚ ୮ରୁ କଳା ଛାତ୍ରଛାତ୍ରୀଙ୍କ ଓଡ଼ିଆ ପରୀକ୍ଷା ହେବ । ତେବେ ପୂର୍ବ ବର୍ଷ ପରି ଏବର୍ଷ ମଧ୍ୟ ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରୀରେ ଆରମ୍ଭ ହେବ । ପ୍ରାକ୍ଟିକାଲ ଜାନୁଆରୀ ୨୮ରୁ ଫେବୃଆରୀ ୮ ପର୍ଯ୍ୟନ୍ତ ଚାଲିବ । ସେହିପରି ଥିଓରୀ ପରୀକ୍ଷା ମାର୍ଚ୍ଚ ୭ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ସୂଚନା ଦେଇଛନ୍ତି । ଶ୍ରୀ ସାହୁ କହିଛନ୍ତି ଯେ, ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଥିଓରୀ ପରୀକ୍ଷା ଚାଲିବ । ସକାଳ ସାଢ଼େ ୯ଟା ସୁଦ୍ଧା ପରୀକ୍ଷାର୍ଥୀମାନେ ପରୀକ୍ଷାକେନ୍ଦ୍ରରେ ପହଞ୍ଚିବେ । ରାଜ୍ୟର ପ୍ରାୟ ୧୭୩୦ରୁ ଅଧିକ ଜୁନିୟର କଲେଜର ପ୍ରାୟ ୩ ଲକ୍ଷ ୭୦ ହଜାର ଛାତ୍ରଛାତ୍ରୀ ଏବର୍ଷ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ କଳାରେ ପ୍ରାୟ ୨ ଲକ୍ଷ ୩୦ ହଜାର ପରୀକ୍ଷାର୍ଥୀ ଥିବା ବେଳେ ବିଜ୍ଞାନରେ ପ୍ରାୟ ୧ଲକ୍ଷ, ବାଣିଜ୍ୟରେ ପ୍ରାୟ ୭୦ଜହାର ଓ ଧନ୍ଦାମୂଳକ ଶିକ୍ଷାରେ ପ୍ରାୟ ୮ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପରୀକ୍ଷା ଶେଷ ହେବା ପରେ ଏପ୍ରିଲ ତୃତୀୟ ସପ୍ତାହ ସୁଦ୍ଧା ମୂଲ୍ୟାଙ୍କନ ପ୍ରକ୍ରିୟା ଶେଷ ହେବ । ମେ’ ଦ୍ୱିତୀୟ ସପ୍ତାହ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବ ।

## ନୂଆଦିଲ୍ଲୀରେ ଏଥର ଗଡ଼ିବନି ଓଡ଼ିଶାର ପ୍ରଜ୍ଞାପନ ମେଢ଼

**ଭୁବନେଶ୍ୱର :** ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆସନ୍ତା ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀର ଜନପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଗଡ଼ିବ ନାହିଁ । ଏଥର ଓଡ଼ିଶାରୁ ଯାଇଥିବା ଚାରିଟି ଥିମର ଡିଜାଇନ ମନୋନୟନ କମିଟି ସଦସ୍ୟଙ୍କ ମନ ଜିଣିପାରିନାହିଁ । ଚଳିତ ମାସ ନୂଆଦିଲ୍ଲୀରେ ଅନୁଷ୍ଠିତ ୨ୟ ରାଉଣ୍ଡ ମନୋନୟନ ପ୍ରକ୍ରିୟାରେ ପ୍ରତିରକ୍ଷା ବିଭାଗର ବିଚାରକମଣ୍ଡଳୀ ଶେଷ ଡିଜାଇନ୍‌କୁ ଖାରଜ କରି ଦେଇଥିଲେ । ଅନୁରୂପ ଭାବେ ଗତବର୍ଷ ଓଡ଼ିଶା ମେଢ଼ ଡିଜାଇନ ଶେଷ ମୁହୂର୍ତ୍ତରେ ସାଧାରଣତନ୍ତ୍ର ଦିବସ ପରେଡରୁ ବାଦ ପଡିଥିଲା । ସୂଚନାଥାଉ କି, ୨୦୧୯ ସାଧାରଣତନ୍ତ୍ର ଦିବସ ପରେଡରେ ସାମିଲ ହେବା ପାଇଁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଚାରିଟି ଥିମକୁ ନେଇ ଡିଜାଇନ୍ ଦାଖଲ କରାଯାଇଥିଲା । ଦକ୍ଷତା ବିକାଶ ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ଓ ଦକ୍ଷତା ବିକାଶ ସମ୍ପର୍କିତ କାର୍ଯ୍ୟକ୍ରମର ଥିମ୍‌କୁ ନେଇ ଡିଜାଇନ୍ ପ୍ରସ୍ତୁତ କରାଯାଇଥିଲା । ସେହିପରି ରାଜ୍ୟର ତିନିଜଣ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଡିଜାଇନ୍ ମଧ୍ୟ ମନୋନୟନ କମିଟିକୁ ପଠାଯାଇଥିଲା । ଏଥିମଧ୍ୟରୁ ଗାନ୍ଧିଜୀ ଏବଂ ଓଡ଼ିଶା ଥିମ୍‌କୁ ନେଇ ୨ ଶିଳ୍ପୀ ଡିଜାଇନ୍ ପ୍ରସ୍ତୁତ କରିଥିବା ବେଳେ ଅନ୍ୟଜଣେ ହକି ବିଶ୍ୱକପ ଥିମ୍‌କୁ ନେଇ ଡିଜାଇନ୍ ପ୍ରସ୍ତୁତ କରିଥିଲେ । ସବୁଥର ଭଳି ଏଥର ମଧ୍ୟ ପ୍ରତିରକ୍ଷା ବିଭାଗର ୧୬ଜଣିଆ ମନୋନୟନ କମିଟି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ଆସିଥିବା ଡିଜାଇନର ମୂଲ୍ୟାୟନ କରିଥିଲେ । ତେବେ ପ୍ରଥମ ରାଉଣ୍ଡରେ ଓଡ଼ିଶାର ତିନି କଳାକାରଙ୍କ ଡିଜାଇନ୍ ବାଦ୍ ପଡିଥିବା ବେଳେ ଦକ୍ଷତା ବିକାଶ ବିଭାଗର ଡିଜାଇନ୍ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଚଳିତ ମାସ ୮ ତାରିଖରେ ଅନୁଷ୍ଠିତ ମନୋନୟନ କମିଟିର ଦ୍ୱିତୀୟ ରାଉଣ୍ଡ ବୈଠକରେ ଏହି ଡିଜାଇନ୍ ବାଦ ପଡିଥିଲା ।


## ଧାମରାରେ ହେବ ଏଲ୍‌ଏନ୍‌ଜି ଟର୍ମିନାଲ

**ଭୁବନେଶ୍ୱର :** ଆସନ୍ତା ୧୦ ବର୍ଷ ମଧ୍ୟରେ ଭାରତରେ ପେଟ୍ରୋଲିୟମ ଶକ୍ତି କ୍ଷେତ୍ରରେ ପ୍ରାୟ ୩୦ ହଜାର କୋଟି ଡଲାର ବିନିଯୋଗ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ବିଶେଷ କରି ରିଫାଇନେରୀ ପ୍ରତିଷ୍ଠା, ତୈଳ ଓ ଗ୍ୟାସ୍ ପାଇପ୍‌ଲାଇନ ଏବଂ ସହରାଞ୍ଚଳ ଗ୍ୟାସ୍ ବିତରଣ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏହି ପରିମାଣର ପୁଞ୍ଜି ବିନିଯୋଗ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । କେପିଏମ୍‌ଜି ପକ୍ଷରୁ ଆୟୋଜିତ ଏନରିଚ୍ ୨୦୧୮ ଶକ୍ତି ସମ୍ମିଳନୀରେ ଯୋଗ ଦେବା ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ସମଗ୍ର ବିଶ୍ୱରେ ଶକ୍ତି ଉପଯୋଗ କରିବା କ୍ଷେତ୍ରରେ ଆମେରିକା ଏବଂ ଚୀନ୍ ପରେ ଭାରତ ହେଉଛି ତୃତୀୟ ସର୍ବବୃହତ ରାଷ୍ଟ୍ର । ସାଂପ୍ରତିକ ସ୍ଥିତିରେ ଭାରତର ଶକ୍ତି ଉପଯୋଗ ଚାହିଦା ଯେତିକି ରହିଛି ତାହା ୨୦୪୦ ମସିହା ସୁଦ୍ଧା ତିନିଗୁଣ ବୃଦ୍ଧି ପାଇବ । ଏପରିକି ଆସନ୍ତା ୨୫ ବର୍ଷ ମଧ୍ୟରେ ବିଶ୍ୱ ଶକ୍ତି ଚାହିଦା କ୍ଷେତ୍ରରେ ଭାରତ ଏକ ନମ୍ବର ରାଷ୍ଟ୍ର ଭାବେ ପ୍ରତିଷ୍ଠା ଲାଭ କରିବ ବୋଲି ବି ପି ଏନର୍ଜି ଆଉଟ୍‌ଲୁକ୍ ପକ୍ଷରୁ ଆକଳନ କରାଯାଇଥିବା ଶ୍ରୀ ପ୍ରଧାନ କହିଥିଲେ । ଭବିଷ୍ୟତ ଚାହିଦା ମେଣ୍ଟାଇବା ପାଇଁ ମହାରାଷ୍ଟ୍ରରେ ୪୦୦୦ କୋଟି ଡଲାର ବିନିଯୋଗରେ ବିଶ୍ୱର ସର୍ବବୃହତ ରିଫାଇନେରୀ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଥିବା ବେଳେ ଗ୍ୟାସ୍ ଗ୍ରୀଡ୍‌କୁ ଦେଶର ପୂର୍ବାଞ୍ଚଳ ସହ ଯୋଡିବା ପାଇଁ ୩୦୦ କୋଟି ଡଲାର ବିନିଯୋଗ କରାଯାଉଛି ବୋଲି ସେ କହିଥିଲେ । ସେହିପରି ଦେଶର ପୂର୍ବାଞ୍ଚଳ ଏବଂ ଦକ୍ଷିଣାଞ୍ଚଳକୁ ଆମଦାନୀକୃତ ଗ୍ୟାସ୍ ଯୋଗାଣ ପାଇଁ ୧୦, ୦୦୦ କୋଟି ଟଙ୍କା ବିନିଯୋଗରେ ତାମିଲନାଡୁର ଇନୋର ବନ୍ଦର ଏବଂ ଓଡ଼ିଶାର ଧାମରା ବନ୍ଦରରେ ପ୍ରାକୃତିକ ଗ୍ୟାସ୍ ଟର୍ମିନାଲ ପ୍ରତିଷ୍ଠା କରାଯାଉଥିବା ସେ କହିଥିଲେ । ଏହାବ୍ୟତୀତ ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ସହରାଞ୍ଚଳରେ ରନ୍ଧନ ଗ୍ୟାସ୍ ଏବଂ ଅଟୋମୋବାଇଲ କ୍ଷେତ୍ର ପାଇଁ ସିଏନଜି ଯୋଗାଣ ବ୍ୟବସ୍ଥାର ୭୦ ପ୍ରତିଶତ କାର୍ଯ୍ୟ ଶେଷ କରିବାକୁ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି । ୨୦୧୪ ମସିହା ସୁଦ୍ଧା ଦେଶର ମାତ୍ର ୬୬ଟି ଜିଲ୍ଲାକୁ ସହରାଞ୍ଚଳ ଗ୍ୟାସ୍ ବିତରଣ ବ୍ୟବସ୍ଥାରେ ସଂଯୋଗ କରାଯାଇଥିବା ବେଳେ ଆଗାମୀ ୨ ରୁ ୩ ବର୍ଷ ମଧ୍ୟରେ ୪୦୦ ଜିଲ୍ଲାକୁ ଏହି ବ୍ୟବସ୍ଥା ସଂପ୍ରସାରିତ କରାଯିବ ବୋଲି ଶ୍ରୀ ପ୍ରଧାନ କହିଥିଲେ । ସେହିପରି କ୍ଲିନ୍ ଏନର୍ଜି ଯୋଜନାରେ କୃଷିବର୍ଜ୍ୟ ପଦାର୍ଥରୁ ବାଇଓ-ସିଏନ୍‌ଜି ପ୍ରସ୍ତୁତି ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ୫୦୦୦ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ ।

## ସୂର୍ଯ୍ୟମନ୍ଦିର ସୁରକ୍ଷିତ : ମହେଶ ଶର୍ମା

**ଭୁବନେଶ୍ୱର :** କୋଣାର୍କର ସୂର୍ଯ୍ୟ ମନ୍ଦିର ପ୍ରତି କୌଣସି ବିପଦ ନାହିଁ । ବିଶ୍ୱ ପ୍ରସିଦ୍ଧ ଏହି ମନ୍ଦିର ସୁରକ୍ଷା ମାନଦଣ୍ଡର ମାପକାଠିଠାରୁ ୫ ଗୁଣ ଅଧିକ ସୁରକ୍ଷିତ ଅଛି ବୋଲି କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଡ. ମହେଶ ଶର୍ମା କହିଛନ୍ତି । ଅନ୍ତର୍ଜାତୀୟ ସ୍ତରର ଏକ ସଂସ୍ଥା ଦ୍ୱାରା କୋଣାର୍କ ମନ୍ଦିରର ସ୍ଥିତି ସୁରକ୍ଷା ଯାଞ୍ଚ କରିବା ପ୍ରସ୍ତାବକୁ କେନ୍ଦ୍ର ମନ୍ତ୍ରାଳୟ ଗ୍ରହଣ କରିଛି ବୋଲି ସେ ସୂଚନା ଦେଇଛନ୍ତି । ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ ଡ. ଶର୍ମା କହିଲେ ଯେ ପୁରୀର ଶ୍ରୀମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଭଳି ବିଶ୍ୱପ୍ରସିଦ୍ଧ ଐତିହ୍ୟସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ପ୍ରତି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ରୁର୍‌କୀସ୍ଥିତ କେନ୍ଦ୍ରୀୟ କୋଠାବାଡ଼ି ଗବେଷଣା ପ୍ରତିଷ୍ଠାନ ଓ ଆନ୍ତର୍ଜାତୀକ କୀର୍ତ୍ତିରାଜି ଓ ଐତିହ୍ୟସ୍ଥଳୀ ପରିଷଦର ମିଳିତ ଅନୁଧ୍ୟାନ ପରେ କୋଣାର୍କ ମନ୍ଦିର ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଛି । ଏହି ଦୁଇଟି ସଂସ୍ଥାର ଅନୁଧ୍ୟାନ ଅନୁଯାୟୀ କୋଣାର୍କ ମୁଖ୍ୟ ମନ୍ଦିରର ଭିତ୍ତିଭୂମି ତଳେ ରହିଥିବା ମାଟି ୨୨୩୨ କିଲୋ ନିଉଟନ/ ମିଟର ପର୍ଯ୍ୟନ୍ତ କ୍ଷମତାର ଚାପ ବା ଓଜନ ବହନ କରିପାରିବ । ହେଲେ ବର୍ତ୍ତମାନ କୋଣାର୍କ ମନ୍ଦିରର ଭିତ୍ତିଭୂମି ଉପରେ ସାମଗ୍ରୀକ ଓଜନ କ୍ଷମତା ୪୬୯ କିଲୋ ନିଉଟନ/ମିଟର ରହିଛି । ତେଣୁ ଭୂକମ୍ପ, ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟକୁ ସହିପାରିବାର କ୍ଷମତା ଏହି ୟୁନେସ୍କୋ ଐତିହ୍ୟସ୍ଥଳୀର ରହିଛି । ଜୁନ ୨୦୧୫ ଓ ଫେବ୍ରୁଆରୀ ୨୦୧୭ରେ ଏଣ୍ଡୋସ୍କୋପିକ୍ ଅନୁଧ୍ୟାନ ଏବଂ ୨୦୧୭ ଫେବ୍ରୁଆରୀରେ ବିସ୍ତୃତ ଭାବେ ଜିଓ ଟେକ୍ନିକାଲ ଅନୁଧ୍ୟାନ କରାଯାଇଛି । ଆବଶ୍ୟକସ୍ଥଳେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ କୋଣାର୍କ ମନ୍ଦିରର ସଂରକ୍ଷଣ ଓ ସୌନ୍ଦର୍ଯ୍ୟବର୍ଦ୍ଧନ ପାଇଁ ଯେ କୌଣସି ଆନ୍ତର୍ଜାତିକ ବିଶେଷଜ୍ଞ ସଂସ୍ଥାର ସହଯୋଗ ଓ ମତାମତ ଲୋଡ଼ିବାକୁ ସଙ୍କୋଚ ପ୍ରକାଶ କରିବ ନାହିଁ ବୋଲି ମନ୍ତ୍ରୀ କହିଥିଲେ । ମହାବାତ୍ୟା ପରେ ସମୁଦ୍ରକୁ ଲାଗି କୋଣାର୍କ ଚତୁଃପାର୍ଶ୍ୱରେ ଥିବା ସୁଉଚ୍ଚ ଝାଉଁ ଜଙ୍ଗଲ ନଷ୍ଟ ହୋଇଯିବା ପରେ କୋଣାର୍କ ମନ୍ଦିରକୁ ସିଧାସଳଖ ଲୁଣି ପବନ ମାଡ଼ ହେଉଛି । ଏହାଦ୍ୱାରା ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟର ଦ୍ରୁତ ଅବକ୍ଷୟ ଘଟୁଥିବା ବିଷୟ ଇନ୍‌ଟାକ ପକ୍ଷରୁ କୁହାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଡ. ଶର୍ମା କହିଥିଲେ ଯେ, କାଜୁ ଜଙ୍ଗଲ ସୃଷ୍ଟି ବଦଳରେ ପୁଣି ଥରେ ଝାଉଁ ଜଙ୍ଗଲ ସୃଷ୍ଟି କରାଯିବାର ଆବଶ୍ୟକତା ନେଇ ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ ମାସକ ମଧ୍ୟରେ ଶେଷ ହେବ । ଏହାପରେ କୋଣାର୍କ ଚତୁଃପାର୍ଶ୍ୱରେ ନୂତନ ଜଙ୍ଗଲ ସୃଷ୍ଟି କରିବା ନେଇ ପଦକ୍ଷେପ ନିଆଯିବ । ସେହିପରି ମନ୍ଦିର ପରିସରରେ ବର୍ଷା ପାଣି ଜମି ରହୁଥିବା ସମସ୍ୟା ନେଇ ଡ. ଶର୍ମା କହିଥିଲେ ଯେ ଆଗାମୀ ତିନିମାସ ମଧ୍ୟରେ ଅଧିକ କ୍ଷମତା ସମ୍ପନ୍ନ ପମ୍ପ ଲଗାଯାଇ ପରିସରରୁ ତ୍ୱରିତ ଜଳ ନିଷ୍କାସନ ନେଇ ପଦକ୍ଷେପ ଗ୍ରହଣ କରାଯିବ । ଏଥିଲାଗି ସେ ତୁରନ୍ତ ପଦକ୍ଷେପ ନେବାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ଅପରପକ୍ଷରେ ନବଗ୍ରହଙ୍କ ପୂଜାର୍ଚ୍ଚନା ନେଇ ଶନିବାର ଦିନ ନିଶୁଳ୍କ ପ୍ରବେଶ ବ୍ୟବସ୍ଥା ଜାରି ରହିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ । ଦେଶର ବିଭିନ୍ନ ସ୍ଥାନରେ କୋଣାର୍କ ମନ୍ଦିରର ଅନେକ ସୂକ୍ଷ୍ମ ଭଗ୍ନାବଶେଷ ଓ କାରୁକାର୍ଯ୍ୟମାନ ସଂଗୃହୀତ ହୋଇ ରହିଥିଲେ ମଧ୍ୟ ସେ ସବୁର ଦସ୍ତାବିଜକରଣ ଠିକ୍‌ଭାବେ କରାଯାଇନାହିଁ ବୋଲି ଇନ୍‌ଟାକ ପକ୍ଷରୁ ମତ ରଖାଯାଇଥିଲା । କୋଣାର୍କର ସବୁ କାରୁକାର୍ଯ୍ୟକୁ ଏକାଠି କରି ଦସ୍ତାବିଜକରଣ କରିବା ସହ ଗୋଟିଏ (କୋଣାର୍କ)ସଂଗ୍ରହାଳୟରେ ସାଇତି ରଖିବା ଲାଗି କେନ୍ଦ୍ର ସରକାର ନିଶ୍ଚିତ ଭାବେ ବିଚାର କରିବେ ବୋଲି ମନ୍ତ୍ରୀ କହିଥିଲେ । କେବଳ କୋଣାର୍କ ମନ୍ଦିର ନୁହଁ ବରଂ ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର ଏବଂ ଅନ୍ୟାନ୍ୟ ଐତିହ୍ୟସ୍ଥଳୀ ତଥା କୀର୍ତ୍ତିରାଜିର ଉପଯୁକ୍ତ ସଂରକ୍ଷଣ ଦିଗରେ ତାଙ୍କ ମନ୍ତ୍ରଣାଳୟ ସମସ୍ତ ସୁଚିନ୍ତିତ ପଦକ୍ଷେପ ନେଉଛନ୍ତି । ବୈଠକରେ ଯେଉଁସବୁ ନିଷ୍ପତ୍ତି ନିଆଯାଇଛି ତାହାର କାର୍ଯ୍ୟକାରିତା ତଥା ଅଗ୍ରଗତି ନେଇ ଆଗାମୀ ୩୦ ଦିନ ପରେ ପୁଣି ଥରେ ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯିବ । ଏଥିରେ ବିଭିନ୍ନ ସଂସ୍ଥାର ବିଶେଷଜ୍ଞ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦାଧିକାରୀ ଉପସ୍ଥିତ ରହିବେ । ବୈଠକରେ ଉପସ୍ଥିତ ଥିବା କେନ୍ଦ୍ର ସଂସ୍କୃତି ସଚିବ ଅରୁଣ ଗୋଏଲ କହିଥିଲେ ଯେ, କୋଣାର୍କ ଭଳି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀର ମୌଳିକ ଢ଼ାଞ୍ଚା ଯେପରି ଅବକ୍ଷୟ ନହେବ ଏବଂ ସୁଦୃଢ଼ ରହିବ ସେ ଦିଗରେ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଏଥିରେ କୌଣସି ପକ୍ଷର ସନ୍ଦେହ ରହିବା ଉଚିତ ନୁହେଁ । ଏହି ସମୀକ୍ଷା ବୈଠକରେ ରାଜ୍ୟର ସଂସ୍କୃତି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ଶ୍ରୀ ଉଷା ଶର୍ମା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୭ - ୨୩ ଡିସେମ୍ବର, ୨୦୧୮

# ସକାରାତ୍ମକ ଆଲୋଚନା ସଫଳତା ଆଣେ

ଜନମତ ଆଗରେ ନେତା ବା କୌଣସି ରାଜନୈତିକ ଦଳ ବଡ ନୁହଁନ୍ତି ବୋଲି ସଦ୍ୟ ଅନୁଷ୍ଠିତ ହୋଇଯାଇଥିବା ପାଞ୍ଚ ରାଜ୍ୟର ବିଧାନସଭା ଫଳାଫଳରୁ ଏହା ପ୍ରମାଣିତ ହୋଇଛି। ତିନିଟି ରାଜ୍ୟରେ ବିଜେପିର ଆଶାତୀତ ବିଫଳତା ଏବଂ କଂଗ୍ରେସର ଉଲ୍ଲେଖନୀୟ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ବିଜୟ ଓ ପରାଜୟ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ହେଲେ ଏଠାରେ ଜୟ, ପରାଜୟ ଅପେକ୍ଷା ମୋଦି ବିଗତ ଦିନରେ ଦେଶବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିପାରି ନଥିବା ମୁଖ୍ୟ କାରଣ ବୋଲି ଆଲୋଚନା ହେଉଛି। ଯେଉଁଥିପାଇଁ ବିଜେପି ଗଡରେ କଂଗ୍ରେସର ବାଜିମାତ୍ ହେଲା। ଯଦିଓ ବିଗତ ନିର୍ବାଚନରେ କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧି ଇଭିଏମ୍‌କୁ ଦୋଷ ଦେଇଥିଲେ ଏଥର କିନ୍ତୁ ଶବ୍ଦ ବଦଳି ଯାଇଛି। ସେ ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡା ସମାଲୋଚନା କରି କହିଛନ୍ତି ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ବିଜେପି ଅସଫଳ ହେବାରୁ ଜନାଦେଶ କଂଗ୍ରେସ ସପକ୍ଷରେ ଯାଇଛି। ଏହା ସତ୍ୟ ଯେ, ଲୋକେ ଯେଉଁ ଆଶା ବିଶ୍ୱାସ ନେଇ ନେତାଙ୍କୁ ନିର୍ବାଚିତ କରିଛନ୍ତି ସେମାନେ ଯେତେବେଳେ ଲୋକ କଲ୍ୟାଣ ଠାରୁ ଦୂରେଇ ଯାଇ ଭିନ୍ନ କିଛି କରିବସନ୍ତି ସେତେବେଳେ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୁଏ। ଏହି ପ୍ରତିକ୍ରିୟାର ସ୍ୱରୂପ ହେଉଛି ସ୍ପଷ୍ଟ ଜନାଦେଶ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମ୍ବିଧାନିକ ବିଚାରଧାରାକୁ ନେଇ ଶାସନ ନ ଚାଲିଲେ ପରିସ୍ଥିତି ବଦଳିଯିବା ସୁନିଶ୍ଚିତ। ଏହାକୁ ଦୃଷ୍ଟିରେ ରଖି ଯେକୌଣସି ଜାତୀୟ ହୁଅନ୍ତୁ ବା ଆଞ୍ଚଳିକ ଦଳମାନେ ଚିନ୍ତା ନକଲେ ପରିଣାମ ଏପରି ହୋଇଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି। ଦେଶର ସାଧାରଣ ଭୋଟରମାନେ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଭୋଟ ଦେବା ପାଇଁ ସ୍ଥିର କରନ୍ତି ନାହିଁ। ପରିବେଶ, ପରିସ୍ଥିତି ଓ ସମୟର ଆହ୍ୱାନ କ୍ରମେ ସେମାନେ ନିର୍ବାଚନ ବେଳେ ନେତା ଚୟନ କରିବାଠୁ ଆରମ୍ଭ କରି ସାମାଜିକ ସ୍ୱାର୍ଥର ସ୍ୱପ୍ନ ଦେଖିବା ଆରମ୍ଭ କରିଦିଅନ୍ତି। ଏହାରି ଭିତରେ ଯେତେବେଳେ ସାଧାରଣ ଲୋକେ ଅନୁଭବ କରନ୍ତି ଯେଉଁ ସରକାର ସେମାନଙ୍କୁ ଶାସନ କରୁଛି ସେଥିରେ ସ୍ୱଚ୍ଛତା କେତେ। ଆସ୍ଥା ଓ ବିଶ୍ୱାସ ମଣିଷକୁ ମଣିଷ ସହ ଯୋଡିବାର ଏକ ବଡ ମାଧ୍ୟମ। ଏହି ବିଶ୍ୱାସ ଓ ଆସ୍ଥା ତୁଟିଗଲେ ବ୍ୟକ୍ତି ସ୍ତରରେ ହେଉ କିମ୍ବା ରାଜନୈତିକ ସ୍ତରରେ ଏହାର ପ୍ରଭାବ ପଡିଥାଏ। ବ୍ୟବସ୍ଥା ସୁଦୃଢ଼ ରହିଲେ ଅବସ୍ଥା ଭଲ ହୁଏ। ଯେଉଁଠି ବ୍ୟବସ୍ଥାରେ ତ୍ରୁଟି ଓ ନୀତିରେ ବିଚ୍ୟୁତି ଘଟେ ସେଠାରେ ଗଣତନ୍ତ୍ର ନିଜର ଅସଲ ଚେହେରା ସାମ୍ନାକୁ ଆଣେ। ବର୍ତ୍ତମାନ ଯେଉଁ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନର ଫଳାଫଳ ଦେଖିବାକୁ ମିଳିଲା ଏହା ତାହାର ପ୍ରତିଫଳନ ମାତ୍ର। ଭାଷଣ ମାଧ୍ୟମରେ ଲୋକଙ୍କୁ ମିଛ କହିବା ସହଜ। କିନ୍ତୁ ଭାଷଣ ବାହାରେ ବାସ୍ତବ ସ୍ଥିତିକୁ ଅନୁଭବ ନକରିବା ରାଜନୀତିରେ ବଡ ବିପଦ ସୃଷ୍ଟି କରେ। ବିକାଶ ଏକ ଏଜେଣ୍ଡା ହୋଇପାରେ। ମାତ୍ର ଏହାର ଅସଲ ସ୍ୱରୂପ କ'ଣ ତାହା ସାଧାରଣ ଲୋକ ଅନୁଭବ କରିନପାରିଲେ ଏଥିରେ ବିକାଶ ନାମକ ଶବ୍ଦ ପୋଥି ବାଇଗଣ ଭଳି ରହିଯିବ ସିନା, କାମରେ ଲାଗିବନି।

ସମ୍ପାଦକୀୟ



ତାରକ ମହାନ୍ତି

ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିଲେ ବି ଏଠାରେ କୃଷକମାନଙ୍କ ସମସ୍ୟା ପ୍ରତି ସବୁ ରାଜନୈତିକ ଦଳ ସେଭଳି କିଛି ଗୁରୁତ୍ୱ ନଦେବା ଦ୍ୱାରା ତଳସ୍ତରରେ ଏହାର ପ୍ରତିକ୍ରିୟା ଦେଖା ଯାଇଥାଏ। ଯେଉଁମାନେ ଶିଳ୍ପ ବିକାଶ ନାଁରେ କୃଷି କ୍ଷେତ୍ରକୁ ପଛୁଆ ଭାବି ଆଗକୁ ବାଟ ଚାଲୁଛନ୍ତି ସେମାନଙ୍କ ପାଇଁ ଏହା ଏକ ଚେତାବନୀ ସଦୃଶ। ତଥାପି ପରିବର୍ତ୍ତନ ଏକ ଧାରା। ଯେଉଁ ଧାରାରେ କଠୋର ଆହ୍ୱାନକୁ ସାମ୍ନା କରି ସଫଳତା ଆଣିବା କଷ୍ଟକର ହୋଇଥିଲେ ବି ଯେଉଁମାନେ ଏଥିରେ ନିଷ୍ଠାପର ଓ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରନ୍ତି ସେମାନଙ୍କୁ ବିଫଳତା ସ୍ପର୍ଶ କରିପାରିବ ନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ଗୋଟିଏ ଦଳ ଅନ୍ୟ ଗୋଟିଏ ଦଳକୁ ସମାଲୋଚନା କରିବା କିଛି ନୂଆ କଥା ନୁହେଁ। ତେବେ ନୂଆ କଥାଟି ହେଉଛି ଯେଉଁ ଦଳ କଥାରେ ଓ କାମରେ ସମାନତା ରଖେ ସିଏ ବିଫଳତାର ସ୍ୱାଦ ବିଳମ୍ବରେ ପାଏ। କାରଣ ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଭୋଟରଙ୍କୁ ପ୍ରତାରିତ କଲେ ଏହାର ଫଳ ସେହିମାନଙ୍କୁ ଭୋଗିବାକୁ ହିଁ ପଡିବ। ଯେଉଁମାନେ ଲୋକଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇ ନୀତିନିଷ୍ଠ ଭାବେ କାର୍ଯ୍ୟ କରନ୍ତି ସେମାନେ ବିଫଳ ହେଲେ ବି ଏହା ପରାସ୍ତ ବୋଲି କୁହାଯାଇପାରିବ ନାହିଁ। ଗଣତନ୍ତ୍ରରେ ବ୍ୟକ୍ତିବାଦ ବା ପରିବାରବାଦର ଗୁରୁତ୍ୱ ନଥିଲେ ବି ଆମ ଦେଶରେ ଏଭଳି କିଛି ଧାରା ଗଢିଆସିଛି ଯେଉଁଥିରେ ସମାନ ଲୋକ ସମାନ ଆସନରେ ଦୀର୍ଘବର୍ଷ ରହି ଆସୁଛନ୍ତି। ତେଣୁ ରାଜନୀତିରେ ନିରପେକ୍ଷତାର କଥା ଉଠିଲେ ନିଶ୍ଚୟ ପ୍ରଶ୍ନ ଉଠିବ ଯେ, ପାଞ୍ଚବର୍ଷରେ ଥରେ ଭୋଟ ମାଧ୍ୟମରେ ଶାସନ ପରିବର୍ତ୍ତନର ସୁଯୋଗ ଥିଲେ ବି ଲୋକ ଗୋଟିଏ ଦଳକୁ ଲଗାତାର ଭାବେ ଭୋଟ ଦେଉଛନ୍ତି କାହିଁକି ? ତେଣୁ କେଉଁଠି ନା କେଉଁଠି ସାଧାରଣ ଭୋଟର ଏବଂ ଲୋକମାନଙ୍କ ଭିତରେ ଚିନ୍ତାଧାରାର ପାର୍ଥକ୍ୟ ରହିଛି। ଆସନରେ ରହିଲେ ସମସ୍ତେ ଯେ ଭଲକାମ କରିବେ ଏହାର କୌଣସି ଗ୍ୟାରେଣ୍ଟି ନାହିଁ। ଏହି ଗ୍ୟାରେଣ୍ଟି ନଥିବା ଯୋଗୁଁ ବିଭିନ୍ନ ସମୟରେ ନିର୍ବାଚନ ହେଲେ ପରିବର୍ତ୍ତନ ପାଇଁ ଭୋଟର ଅଣ୍ଟା ଭିଡନ୍ତି। ଭାରତ ଏଭଳି ଏକ ଦେଶ ଯେଉଁଠାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଗୋଟିଏ ପତାକା ତଳେ ରହିବାର ବ୍ୟବସ୍ଥା ରହିଛି। ଏଠାରେ ଜାତି, ଧର୍ମ ଆଧାରରେ ନିର୍ବାଚନ କରାଗଲେ କନ୍ଦଳ ସୃଷ୍ଟି ହେବା ସୁନିଶ୍ଚିତ। ତେଣୁ କାହା ପ୍ରତି ଅନ୍ୟାୟ କରି କୌଣସି ରାଜନୈତିକ ଦଳ ଶାସନ ଗାଦିରେ ବେଶୀଦିନ ତିଷ୍ଠି ରହିବା ମଧ୍ୟ ଗଣତନ୍ତ୍ର ପ୍ରତି ଏକ ବିପଦ। ଯେଉଁମାନେ ପ୍ରଚାର ସର୍ବସ୍ୱ ହୋଇ ଏଭଳି କିଛି କରି ବସୁଛନ୍ତି ସେମାନେ ଦେଶର ଶତ୍ରୁ। ରାଜକୋଷକୁ ଲୁଣ୍ଠନ କରି ନିର୍ଦ୍ଦିଷ୍ଟ କିଛି ଲୋକଙ୍କୁ ବଡଲୋକ କରିବା ଗଣତନ୍ତ୍ରର ଧର୍ମ ନୁହେଁ। ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ହେଉଛି ଆମ ସମ୍ବିଧାନର ବିଧି। ବିଧି ବାହାରେ ଯଦି କୌଣସି ଘଟଣା ଘଟେ ତେବେ ସେଥିପାଇଁ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରିବାର ମଧ୍ୟ ବ୍ୟବସ୍ଥା ରହିଛି। ତେଣୁ ଶାସନକୁ ଆସୁଥିବା ବା ଆସିବାକୁ ଲକ୍ଷ୍ୟ ରଖିଥିବା ନେତାମାନେ ଏକଥାଟିକୁ ଭଲଭାବେ ଅନୁଭବ କରି ଅନୁଧ୍ୟାନ କରି ରାଜନୀତିରେ ପାଦ ନଦେଲେ ପରିଣାମ ଯେ ଭୟଙ୍କର ଏହା ସେମାନେ ଜାଣିରଖିବା ଉଚିତ। ମୋଦିଙ୍କ ଶାସନ କାଳରେ ଭାରତ ଏକ ବିକଶିତ ଦେଶ ଭାବେ ସମଗ୍ର ବିଶ୍ୱବାସୀଙ୍କ ସାମ୍ନାରେ ଉଭା ହୋଇଥିଲା ବେଳେ କିଛି କିଛି ତ୍ରୁଟି ବିଚ୍ୟୁତି ଯୋଗୁଁ ପ୍ରଧାନମନ୍ତ୍ରୀଙ୍କୁ ଆମ ଦେଶରେ ନିନ୍ଦିତ କରାଯାଉଛି। କେବଳ ରାଜନୈତିକ ଅଭିସନ୍ଧି ରଖି ଯେଉଁମାନେ ଏଭଳି କରୁଛନ୍ତି ତାହା ଦେଶ ପାଇଁ ଏକ ନକାରାତ୍ମକ ପରିସ୍ଥିତି ସୃଷ୍ଟି କରୁଛି ବୋଲି ବୁଝିବାକୁ ପଡିବ। କିନ୍ତୁ ବାସ୍ତବ ଅର୍ଥରେ କୌଣସି ସମସ୍ୟା ସମ୍ପର୍କରେ ନିଷ୍ପତ୍ତି ନେବା ପୂର୍ବରୁ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାର ଆବଶ୍ୟକତା ରହିଛି। ସକାରାତ୍ମକ ଆଲୋଚନା ସବୁବେଳେ ସଫଳ ଦିଗ ଆଡକୁ ଯିବା ପାଇଁ ପ୍ରେରଣା ଦେଇଥାଏ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଶ୍ରୀକାନ୍ତଙ୍କୁ ରାହୁଲଙ୍କ ଛାଟ !



ଡାକ୍ତର ନୀଳମାଧବ ପୃଷ୍ଟି

ଓଡ଼ିଶାର ସାମାଜିକ, ରାଜନୈତିକ ଜନ ଇତିହାସରେ କିମ୍ବଦନ୍ତୀ ପୁରୁଷ ରାଷ୍ଟ୍ରନାୟକ, ନୂଆ ଓଡ଼ିଶାର ନିର୍ମାତା କୁହାଯାଉଥିବା ବିଜୁ ବାବୁ ଚିରକାଳ ଅମର ହୋଇ ରହିବେ। ତାଙ୍କ ବ୍ୟକ୍ତିତ୍ୱ, ରାଜନୈତିକ ବିଚକ୍ଷଣତା, ବଦାନ୍ୟତା, ବନ୍ଧୁବତ୍ସଳତା, ନିର୍ଭିକତା ସବୁକ୍ଷେତ୍ରରେ ସେ ଅତୁଳନୀୟ ନେତା ଜଣେ। ତାଙ୍କ ପରିଣତ ବୟସରେ ଯେଉଁ ନେତା ଜଣଙ୍କ ଚକ୍ରାନ୍ତ କରି ଷଠତାପୂର୍ଣ୍ଣ ଆଚରଣ ଦେଖାଇ ତାଙ୍କୁ ଏକ ନିଶ୍ଚିନ୍ତ ବଡ଼ ରାଜନୈତିକ ପଦରୁ ଦୂରେଇବାରେ ସକ୍ଷମ ହୋଇଥିଲେ ସେ ଚିରଦିନ ପାଇଁ 'ଚକ୍ରାନ୍ତ ଜେନା' ହୋଇ ରହିଗଲେ। ବିଶାଳ ହୃଦୟର ହିମାଳୟ ସଦୃଶ ବ୍ୟକ୍ତିତ୍ୱ ବିଜୁ ବାବୁ ତାଙ୍କୁ ଅବୁଝା ପୁଅ କହି କ୍ଷମା କରିଦେଇଥିଲେ ସତ କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ରାଜନୈତିକ ଜୀବନ କିଛି ଦିନ କଂଗ୍ରେସ ରାଜନୀତିରେ ସମ୍ପୃକ୍ତ କରି କେନ୍ଦ୍ର ମନ୍ତ୍ରୀ ହୋଇଥିଲେ ବି ଓଡ଼ିଶା ଇତିହାସରେ ସେ ଜଣେ ଚକ୍ରାନ୍ତକାରୀ ରାଜନେତା ଭାବେ ନିନ୍ଦିତ ହୋଇ ରହିବେ ନିଶ୍ଚୟ। ଭାରତର ପ୍ରମୁଖ ରାଜ୍ୟ ମାନଙ୍କରେ ବିଧାନସଭା ଓ କଂଗ୍ରେସର ଏକ ପ୍ରକାର ଯୁଦ୍ଧ ଅଭିଯାନର ସରଗରମ ମାହୋଲ ଭିତରେ ଭୁବନେଶ୍ୱରରେ ରାଜନୈତିକ ତାତି ଅତ୍ୟନ୍ତ ଗରମ ହୋଇଯାଇଛି। ନିଜକୁ ଓଡ଼ିଶା କଂଗ୍ରେସର ପ୍ରଭାବଶାଳୀ ଓ ଅନନ୍ୟ ସମ୍ପତ୍ତି ବୋଲି ଦାବି ଦେଖାଉଥିବା ଶ୍ରୀକାନ୍ତ ଜେନା ତାଙ୍କ ଦଳର ସୁପ୍ରିମୋ ରାହୁଲଙ୍କ ଛାଟ ଖାଇ ଏକ ପ୍ରକାର ମାଟି କାମୁଡ଼ି ପଡ଼ିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା କୁହାଯାଉଥିବା ଶ୍ରୀକାନ୍ତ ବାବୁ ଇସ୍ତାହାର କମିଟିର ଅଧ୍ୟକ୍ଷ ଥିଲେ। କିନ୍ତୁ ତାଙ୍କର କିଛି ମାସ ତଳର ଲଗାତାର କାର୍ଯ୍ୟ କଳାପ ଦଳ ଓ ହାଇକମାଣ୍ଡଙ୍କୁ ଅଡୁଆରେ ପକାଉ ଥିବାରୁ କଂଗ୍ରେସର ସୁପ୍ରିମୋ ଜବାବି କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କୁ ଇସ୍ତାହାର କମିଟିର ଅଧ୍ୟକ୍ଷ ପଦରୁ ଅତ୍ୟନ୍ତ ଅପମାନଜନକ ଭାବେ ବିଦାୟ କରିଛନ୍ତି। ସବୁ ବଡ଼ ବଡ଼ ନେତାଙ୍କୁ ନେଇ ଓଡ଼ିଶାରେ ବିଜେଡ଼ି ଓ ବିଜେପିକୁ ମୁକାବିଲା କରିବା ପାଇଁ ରାହୁଲ ଗାନ୍ଧୀ ନିରଞ୍ଜନ ବାବୁଙ୍କୁ ପିସିସି ମୁଖିଆ, ଶ୍ରୀକାନ୍ତ ବାବୁଙ୍କୁ ଇସ୍ତାହାର କମିଟି ମୁଖ୍ୟ ଓ ଭକ୍ତ ଦାସଙ୍କୁ ପ୍ରଚାର କମିଟିର ମୁଖ୍ୟ ଦାୟିତ୍ୱ ଦେଇଥିଲେ। କିନ୍ତୁ ସବୁବେଳେ ଆଗଚଲା ବୁଦ୍ଧି ରଖୁଥିବାରୁ ଶ୍ରୀକାନ୍ତ ବାବୁ ଦାୟିତ୍ୱ ନେବା ପରେ ନିଜ ସୀମା ବାହାରକୁ ଯାଇ ଇସ୍ତାହାରର ମୁଖବନ୍ଧରେ କ'ଣ ରହିବ ତାହା ବାହାରକୁ ଖୋଲାମେଲା କରିବା ପରେ ଓଡ଼ିଶା କଂଗ୍ରେସରେ ଏ ନେଇ ଜୋରଦାର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କଂଗ୍ରେସ ପରି ଏକ ସର୍ବଭାରତୀୟ ସ୍ତରର ଦଳ ଭିତରେ ନିର୍ଦ୍ଦିଷ୍ଟ ସୀମା, ବିଧି ବ୍ୟବସ୍ଥା ଓ ସୌଜନ୍ୟତା ରହିଛି କିନ୍ତୁ ଏହାର କୌଣସି ବାଡ଼ବତା ଶ୍ରୀକାନ୍ତ ବାବୁ ରଖୁନଥିଲେ। ଡିସେମ୍ବରରେ ରାହୁଲ ଗାନ୍ଧୀ ଓଡ଼ିଶା ଆସି କଂଗ୍ରେସ କର୍ମୀଙ୍କ ଭିତରେ ଜୋଶ ବଢ଼ାଇବା ପାଇଁ ଉଦ୍ୟମ କରୁଥିବାବେଳେ ଶ୍ରୀକାନ୍ତ ବାବୁଙ୍କ ଓଡ଼ିଶା ସୁପ୍ରିମୋ ନିରଞ୍ଜନ ବାବୁଙ୍କ ପ୍ରତି ତାଙ୍କର ପରୋକ୍ଷ ଟିପ୍ପଣୀ ନିଶ୍ଚିନ୍ତ ଭାବରେ ମହଙ୍ଗା ପଡ଼ିଲା।

ଓଡ଼ିଶା ସୁପ୍ରିମୋ ନିରଞ୍ଜନ ବାବୁଙ୍କ ବିନା ପରାମର୍ଶ ବା ସମ୍ମତି ନ ନେଇ ଶ୍ରୀକାନ୍ତ ବାବୁ ଦଳର ମୁଖିଆ ରାହୁଲ ଗାନ୍ଧୀ ଓ ଏଆଇସିସିକୁ ପ୍ରସ୍ତାବ ଦେଲେ ଯେ ରାଜ୍ୟରେ ଯେହେତୁ ଏସି/ଏସ୍‌ଟି ମୋଟ ଲୋକସଂଖ୍ୟାର ୫୦ ପ୍ରତିଶତ ପାଖାପାଖି ତେଣୁ କଂଗ୍ରେସ ଜଣେ ଏହି ବର୍ଗରୁ ମୁଖ୍ୟମନ୍ତ୍ରୀ ଭାବେ ସାମ୍ନାକୁ ଆଣୁ। ତେବେ ରାଜ୍ୟ ମୁଖିଆଙ୍କ ପରାମର୍ଶ ନେବା ଆବଶ୍ୟକତା ନାହିଁ ବୋଲି ରୋକଠୋକ୍ ମନ୍ତବ୍ୟ ଦେଇଥିବାରୁ ଶ୍ରୀକାନ୍ତ ବାବୁ ଯେ ଦଳର ନୀତି ନିୟମର ହିଡ଼ ଡେଇଁଛନ୍ତି ତାହା ଜଳ ଜଳ ଦିଶିଥିଲା। ପୂର୍ବତନ ବିଧାୟକ କୃଷ୍ଣ ସଗରିଆଙ୍କୁ ଉଦ୍ଦେଶ୍ୟପ୍ରଣୋଦୀତ ଭାବେ ଦଳରୁ ଇସ୍ତଫା ଦେବା ଦ୍ୱାରା ବିରୋଧୀ ଦଳ ନେତା ପଦ ସଙ୍କଟରେ ପଡ଼ିବ ବୋଲି ଜାଣିଥିବାରୁ ଏ ପ୍ରସଙ୍ଗ ଦଳକୁ ବଡ଼ ଅଡୁଆ ଜାଲ ଭିତରକୁ ଟାଣି ନେଇଥିଲା। ଜର୍ଜ ତିର୍କୀ କଂଗ୍ରେସରେ ଯୋଗ ଦେବା ପରେ ଓଡ଼ିଶା ବିଧାନ ସଭାର ବିରୋଧୀ ଦଳ ନେତା ପଦରୁ ନରସିଂହ ମିଶ୍ର ବିଦାୟ ହେବାରୁ ଅଳ୍ପରେ ବଞ୍ଚିଗଲେ। କୃଷ୍ଣ ସଗରିଆଙ୍କୁ ପ୍ରବର୍ତ୍ତାଇ ଶ୍ରୀକାନ୍ତ ବାବୁ ଏ ସବୁ କରୁଥିଲେ ବୋଲି ରାଜନୈତିକ ସମୀକ୍ଷକ ମାନଙ୍କ ମତ। ପରବର୍ତ୍ତୀ ସମୟରେ ସଗରିଆ ଯେଉଁପରି ଭାବରେ ଦଳ, ବିରୋଧୀ ଦଳ ନେତା ଓ ଦଳର ରାଜ୍ୟ ମୁଖିଆଙ୍କ ବିରୋଧରେ ବିଶୋଦଗାର କଲେ ଏନେଇ ସବୁଟିକିନିଖି ଖବର ଏଆଇସିସି ପାଖରେ ପହଞ୍ଚିଥିଲା କେବଳ ସୁଯୋଗକୁ ଅପେକ୍ଷା କରିଥିଲେ ରାହୁଲ ଗାନ୍ଧୀ। ଶ୍ରୀକାନ୍ତ ବାବୁଙ୍କ ଏକ ଆଶ୍ଚର୍ଯ୍ୟକର ଗୁଣ ହେଉଛି ତାଙ୍କୁ ପ୍ରାଧାନ୍ୟ ନଦେଲେ ସେ ଦଳର ଯିଏ ବି ହୁଅନ୍ତୁ ତାଙ୍କ ଚେର କାଟିବା ପାଇଁ ଲାଗି ପଡ଼ି ଉଦ୍ୟମ କରିବେ। ପର୍ଦ୍ଦା ପଛରେ ରହି ଖେଳ ଫିନିସ୍ କରିବାରେ ସେ ଜଣେ ଚତୁର ରାଜନେତା। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ସେ ଆଦୌ ବରଦାସ୍ତ କରିନଥିଲେ। ଦଳର ଭେଟରାନ ନେତା ତାରାପ୍ରସାଦ ବାବୁ ଖୋଲାଖୋଲି ଶ୍ରୀକାନ୍ତ ବାବୁଙ୍କୁ ଚ୍ରକାନ୍ତକାରୀ ବୋଲି ଆକ୍ଷେପ କଲେ। କୃଷ୍ଣଚନ୍ଦ୍ର ସଗରିଆଙ୍କୁ ମୋହରା କରି ଶ୍ରୀକାନ୍ତ ବାବୁ ଭୟଙ୍କର ବିଭାଜନ ରାଜନୀତି ଖେଳୁଛନ୍ତି ବୋଲି ଦଳର ଉଚ୍ଚକର୍ତ୍ତୃପକ୍ଷ ହୃଦୟଙ୍ଗମ କଲେ ଯାହା ପାଇଁ ତାଙ୍କର ଜଣେ ବଡ଼ ସମର୍ଥକ ଓ ନିରଞ୍ଜନ ବାବୁଙ୍କ ଘୋର ବିରୋଧୀ କୁହାଯାଉଥିବା ବରିଷ୍ଠ ନେତା ଶରତ ରାଉତ ଇସ୍ତାହାର କମିଟିର ଆବାହକ ପଦରୁ ବିଦାୟ ହେଲେ। ଶ୍ରୀକାନ୍ତ ବାବୁ ଓଡ଼ିଶାରେ ଖଣି ଲୁଟେରାଙ୍କ ବିରୁଦ୍ଧରେ ଯେଉଁପରି ବିଶୋଦ୍‌ଗାର କରୁଥିଲେ ପରୋକ୍ଷରେ ସେ ନିରଞ୍ଜନ ବାବୁଙ୍କୁ ଖଣି ଲୁଟେରା ବୋଲି ଆକ୍ଷେପ କରୁଥିଲେ ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସେ ଖଣି ଲୁଟ ପ୍ରସଙ୍ଗର ଆଉ ଦୁଇପାଦ ଆଗକୁ ଯାଇ ଦୁଇଟି ପରିବାର ଓଡ଼ିଶାକୁ ଚାଳିଶ ବର୍ଷ ଧରି ଲୁଟିଛନ୍ତି ବୋଲି ମନ୍ତବ୍ୟ ଦେବା ଭିତରେ ନିଜେ କିନ୍ତୁ ଝୁଣ୍ଟି ପଡ଼ିଲେ। କେବଳ ସେତିକି ନୁହେଁ ସେ ଦଳର ଛାଟ ପାଇ ମଧ୍ୟ ଲକ୍ଷ୍ମଣରେଖା ଡେଇଁ ମନ୍ତବ୍ୟ ଦେଇଛନ୍ତି 'ଏବେ ରାଜ ରାସ୍ତାରେ ଲଢ଼େଇ ହେବ ଯଦି ଖଣି ଚୋରଙ୍କ ଦ୍ୱାରା ଓଡ଼ିଶାରେ କଂଗ୍ରେସ ଚାଲିବ ତାହାଲେ ରାହୁଲ ଗାନ୍ଧୀ ପରେ ବୁଝିବେ ଦଳର ଅବସ୍ଥା କ'ଣ ହେବ ?' ଏଆଇସିସିକୁ ରାଜ୍ୟ କଂଗ୍ରେସ ଏ ସୂଚନା ମଧ୍ୟ ଦେଇଥିଲେ ଯେ ଶ୍ରୀକାନ୍ତ ବାବୁ ବିଜେଡ଼ି ଓ ବିଜେପି ସହ ଭିତିରି ସମ୍ପର୍କ ରଖି ଓଡ଼ିଶା କଂଗ୍ରେସକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ଯାହାକି ଦଳକୁ ବିପର୍ଯ୍ୟୟର ରାସ୍ତା ଦେଖାଇପାରେ। ଶ୍ରୀକାନ୍ତ ବାବୁ ରାହୁଲ ଗାନ୍ଧୀଙ୍କ ଛାଟ ପାଇବା ଭିତରେ ଏହି ସଙ୍କେତ ମିଳିଛି ଯେ ଜଣେ ଯେତେ ପ୍ରଭାବଶାଳୀ, ଟଙ୍କାବାଲା, ଓଜନଦାର ହୋଇଥିଲେ ବି ଶୃଙ୍ଖଳାର ପାଠ କିନ୍ତୁ ଶିଖିବାକୁ ପଡ଼ିବ। କେନ୍ଦ୍ରୀୟ ନେତୃତ୍ୱର ସଙ୍କେତ ଶ୍ରୀକାନ୍ତ ବାବୁଙ୍କ ପାଇଁ ଅବୁଝା ହେଲେ ଦଳର ମୁଖ୍ୟ ରାହୁଲ ଗାନ୍ଧୀ ଆହୁରି କଠୋର ହୋଇପାରନ୍ତି। ଶ୍ରୀକାନ୍ତ ବାବୁଙ୍କ ଷଠତାପୂର୍ଣ୍ଣ ଗୋଟି ଚାଳନା, ଦଳ ବିରୁଦ୍ଧରେ ଓ ଲଗାମଛଡ଼ା ବୟାନବାଜି କଂଗ୍ରେସରେ ଝଡ଼ ସୃଷ୍ଟି କରିଥିଲା। ଓଡ଼ିଶା କଂଗ୍ରେସ ଜଣେ ପଛୁଆବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଦାବିଦାର ଭାବେ କରିବା ପାଇଁ ତାଙ୍କ ଜାତିବାଦ ରଣନୀତି କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କୁ ଚକିତ କରିବା ସହ କଂଗ୍ରେସକୁ ଅଡୁଆ ପରିସ୍ଥିତିରୁ ବଞ୍ଚେଇବା ପାଇଁ ରାହୁଲ ଗାନ୍ଧୀ କଡ଼ା ନିଷ୍ପତ୍ତି ନେବାକୁ ବାଧ ହେଲେ। ନିରଞ୍ଜନ ବାବୁଙ୍କ ପରି ଅଭିଜ୍ଞ ଓ ହେଭି ୱେଟ୍ ନେତା ଓଡ଼ିଶା କଂଗ୍ରେସକୁ ଆଗେଇ ନେଉଥିବାବେଳେ ଦଳିତ କାର୍ଡ଼ ଖେଳି ଶ୍ରୀକାନ୍ତ ବାବୁ ଓଡ଼ିଶା କଂଗ୍ରେସ ବିରୁଦ୍ଧରେ ଯେଉଁ ଆମ୍ଭୁସ୍ ଲଗାଇଥିଲେ ସେଥିରେ ସେ ନିଜେ ହିଁ ଫଶିଗଲେ। କାରଣ କଂଗ୍ରେସ ଦଳର ଜଣେ ବରିଷ୍ଠ ଓ ଅଭିଜ୍ଞ ନେତା ଭାବେ ପରିଚିତ ଗଣେଶ୍ୱର ବେହେରାଙ୍କୁ ଇସ୍ତାହାର କମିଟିର ମୁଖ୍ୟ କରାଯିବା ଦ୍ୱାରା ଶ୍ରୀକାନ୍ତ ବାବୁଙ୍କ ଦଳିତ ରାଜନୀତି ଏକଦମ୍ ଥଣ୍ଡା ପଡ଼ିଗଲା। ଶ୍ରୀକାନ୍ତ ବାବୁଙ୍କ ପରି ଅତ୍ୟନ୍ତ ବୁଦ୍ଧି ଓ ଜ୍ଞାନସମ୍ପନ୍ନ, ଲମ୍ବା ରାଜନୈତିକ ଇନିଂସ୍‌ର ଅଭିଜ୍ଞ ସେଣ୍ଟର ଓ ଫରୱାର୍ଡ଼ ଖେଳାଳୀ ଏତେ ଶୀଘ୍ର କେବେ ବି ନିଜର ପରାଜୟ ସ୍ୱୀକାର କରିବେ ନାହିଁ ଏହା ସମସ୍ତଙ୍କୁ ଜଣା। ତେବେ ତାଙ୍କ ଆଗାମୀ ରାଜନୀତିର ଚେସ୍ ଗୋଟିରେ କିଏ ମୋହରା ହେଉଛନ୍ତି ଆଉ ଶ୍ରୀକାନ୍ତ ବାବୁ ନେପଥ୍ୟରେ ରହି ଅଧିନାୟକର ଭୂମିକା ତୁଲାଇ ପାରୁଛନ୍ତି କି ନାହିଁ ତାହା ସମୟ ହିଁ କହିବ ?

*ପାଣିକୋଇଲି, ଯାଜପୁର,*
*ମୋ : ୯୪୩୯୪୮୨୫୨୬*

# ନମେ ଭକ୍ତଃ ପ୍ରଣଶ୍ୟତି



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶ୍ରୀମଦ୍ ଭଗବତ୍ ଗୀତାର ବିଷୟ ବିଭିନ୍ନ ଯୋଗ ଭାବରେ ବର୍ଣ୍ଣିତ ହୋଇଛି । ସେଗୁଡ଼ିକ ହେଉଛି ଅର୍ଜୁନ ବିଷାଦ ଯୋଗଃ, ସାଂଖ୍ୟ ଯୋଗଃ, କର୍ମ ଯୋଗଃ, ଜ୍ଞାନ ଯୋଗଃ, କର୍ମ ସନ୍ନ୍ୟାସ ଯୋଗଃ, ଧ୍ୟାନ ଯୋଗଃ, ଜ୍ଞାନ ବିଜ୍ଞାନ ଯୋଗଃ, ତାରକ ବା ଅକ୍ଷର ବ୍ରହ୍ମ ଯୋଗଃ, ରାଜବିଦ୍ୟା ରାଜଗୁହ୍ୟ ଯୋଗଃ, ବିଭୁତି ଯୋଗଃ, ବିଶ୍ୱରୂପ ଦର୍ଶନ ଯୋଗଃ, ଭକ୍ତି ଯୋଗଃ, କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗଃ, ଗୁଣତ୍ରୟ ବିଭାଗ ଯୋଗଃ, ପୁରୁଷୋତ୍ତମ ଯୋଗଃ, ଦୈବାସୁର ସଂପଦ୍ ବିଭାଗ ଯୋଗଃ, ଶ୍ରଦ୍ଧାତ୍ରୟ ବିଭାଗ ଯୋଗଃ, ମୋକ୍ଷ ସନ୍ନ୍ୟାସୀ ଯୋଗଃ । ଓଡ଼ିଆ ଜନଜୀବନର ଏହି ଲୋକପ୍ରିୟ ଆଧାତ୍ମିକ ମାର୍ଗଦର୍ଶକ ପୁସ୍ତକଟିର ପ୍ରଥମ ଅଧ୍ୟାୟରେ ଅର୍ଜୁନ ବିଷାଦଯୋଗଃରୁ ଆରମ୍ଭ ହୋଇଛି ।

ଭଗବାନ ଶ୍ରୀକୃଷ୍ଣ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ କହିଲେ - ହେ କୁନ୍ତୀ ପୁତ୍ର, ତୁମେ ନିଶ୍ଚୟକରି ଜାଣିରଖ, ମୋ ଭକ୍ତର କଦାପି ବିନାଶ ହୁଏନାହିଁ। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି, ମନୁଷ୍ୟ ପ୍ରବୃତ୍ତିବଶ୍ୟତାରେ ବିନଷ୍ଟ ହୁଏ। ମନୁଷ୍ୟର ଦୁର୍ଭୋଗର ମୂଳରେ ଅଛି ପ୍ରବୃତ୍ତିଜନିତ କୁକର୍ମ। କିନ୍ତୁ ସବୁ ପ୍ରବୃତ୍ତିକୁ ନେଇ ଇଷ୍ଟ ବା ଗୁରୁପୁରୁଷୋତ୍ତମଙ୍କ ଠାରେ ଅନ୍ତରାସୀ ହେଲେ ଆଉ ବିନଷ୍ଟ ହେବାର ଉପାୟ ନାହିଁ। ସବୁ ବୃତ୍ତି ସହ ଗୁରୁଙ୍କ ଠାରେ ଅଚ୍ଛେଦ୍ୟ ଭାବରେ ଚିରଦିନ ପାଇଁ ଅନ୍ତରାସୀ ହେଲେ ବିନଷ୍ଟିର ମୂଳ ମରିଯାଏ। ବୃତ୍ତିର ଅଧୀଶଙ୍କ ଠାରେ ବୃତ୍ତି ରୂପାନ୍ତରିତ ହୁଏ, ପ୍ରେମର ଦାବାଗ୍ନିରେ ଷଡ଼ରିପୁ, ଷଡ଼ଐଶ୍ୱର୍ଯ୍ୟର ନବକଳେବର ଲାଭ କରେ। ସଦ୍‌ଗୁରୁଙ୍କ ଠାରେ ଅଛି ଐଶ୍ୱର୍ଯ୍ୟ ଓ ଆଧିପତ୍ୟ। ଗୁରୁଭକ୍ତି ଓ ଇଷ୍ଟ ସ୍ୱାର୍ଥ ପ୍ରତିଷ୍ଠାର ଅଦମ୍ୟ ନିଶାରେ ମନୁଷ୍ୟର ପ୍ରବୃତ୍ତି ଗୁଡ଼ିକ ବିନ୍ୟସ୍ତ ଓ ସଂହତ ହୋଇଉଠେ। ସମସ୍ତ ପ୍ରବୃତ୍ତି ଏକମୁଖୀ ଓ ଅର୍ଥପୂର୍ଣ୍ଣ ହୁଏ, ନିୟନ୍ତ୍ରଣ, ସାମଞ୍ଜସ୍ୟ ଓ ସମାଧାନର ସୋପାନରେ ବିଶୃଙ୍ଖଳା ମଧ୍ୟରେ ସୁଶୃଙ୍ଖଳ ବିଧାନ ଗଢ଼ି ଉଠେ। ଆଉ ରୋଗ, ଶୋକ, ଦାରିଦ୍ର୍ୟ ଓ ମୃତ୍ୟୁ ଇତ୍ୟାଦି ଯନ୍ତ୍ରଣା ଭକ୍ତକୁ ଦବାଇପାରେ ନାହିଁ, ହଟାଇ ପାରେନାହିଁ, ଭକ୍ତ ନିରାଶ ହୁଏନାହିଁ, ହତାଶ ହୁଏନାହିଁ, କ୍ରିୟାଶୀଳ ଓ ଆଶାବାଦୀ ମନରେ ଦୁର୍ଗତି ସବୁ ଦୁର୍ଗ ହୋଇ ଜୀବନଯୁଦ୍ଧରେ ଭକ୍ତ ବିଜୟ ପ୍ରାପ୍ତ ହୁଏ।

କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ - ଭକ୍ତି ପରି ଆଉ ଜିନିଷ ନାହିଁ। ଭଗବତ୍ ଗୀତାର ଦ୍ୱାଦଶ ଅଧ୍ୟାୟରେ ଦ୍ୱିତୀୟ ଶ୍ଳୋକରେ ନିତ୍ୟଯୁକ୍ତା କଥା ଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ, ଭକ୍ତିର ଲକ୍ଷଣ ହେଲା ସର୍ବଦା ଯୁକ୍ତ ରହିବା। ଇଷ୍ଟଙ୍କୁ ବାଦ ଦେଇ ଏକ ମୁହୂର୍ତ୍ତ ମଧ୍ୟ ଭକ୍ତକୁ ଭଲ ଲାଗେନାହିଁ। ଇଷ୍ଟ ବିସ୍ମୃତି ହେଲେ ଭକ୍ତର ପ୍ରାଣ ହାହାକାର ହୋଇଉଠେ। ଇଷ୍ଟ ଚିନ୍ତା ଓ ଇଷ୍ଟ କର୍ମ ହିଁ ଭକ୍ତର ଜୀବନ ସୂତ୍ର। ଭକ୍ତ ଯିଏ ସେ ସମସ୍ତଙ୍କ ପ୍ରତି ଦ୍ୱେଷହୀନ, ମୈତ୍ରୀଭାବପୂର୍ଣ୍ଣ ଓ ସଦୟ। ସେ ଦେଖେ ପ୍ରତିଟି ସତ୍ତା ମଧ୍ୟରେ ପରମପିତାଙ୍କର ଅଧିଷ୍ଠାନ। ଉର୍ଦ୍ଧମୂଳଂ ଅଧଃଶାଖଂ ବ୍ୟାପାରରେ ଶ୍ରୀ ଶ୍ରୀ ଠାକୁର କହିଲେ ମନୁଷ୍ୟର ମୂଳ ଅର୍ଥାତ୍ ମସ୍ତିଷ୍କ ଇଷ୍ଟ ବା ଗୁରୁପୁରୁଷୋତ୍ତମଙ୍କୁ ବିନ୍ୟସ୍ତ କଲେ ଅନିଷ୍ଟ ପ୍ରେରଣାର ବିନାଶ ହୁଏ। ନାମଧ୍ୟାନ କଲେ ମସ୍ତିଷ୍କର ଗଭୀରତମ ସ୍ତରରେ କୃଷ୍ଣ ବା ଇଷ୍ଟଙ୍କର ପ୍ରଭାବ ପଡ଼େ ଓ ଚେତନ ବା ଅବଚେତନ ସ୍ତରରେ କୃଷ୍ଣ ବା ଇଷ୍ଟଭାବ ଜାଗ୍ରତ ହୁଏ। ବହୁଜନ୍ମ ପରେ ଜ୍ଞାନବାନ ବୁଝିପାରନ୍ତି ଯେ ବାସୁଦେବ (ବସୁଦେବଙ୍କ ପୁତ୍ର) ହିଁ ସର୍ବାବସ୍ଥାରେ ବିରାଜମାନ ଓ ଜ୍ଞାନ ଓ ଭକ୍ତିର ଚରମ ପରାକାଷ୍ଠା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋର ମା' କଲିକତାର ହରିତକୀ ବାଗାନ୍‌ରେ କୋଇଲା ପାଉଁଶ ଭିତରୁ ଛୋଟ ଛୋଟ କୋଇଲା ବାଛି ଧୋଇ ରଖୁଥିଲେ। ଏହାଦେଖି ଜନୈକ ଭଦ୍ରବ୍ୟକ୍ତି କହିଲେ - ସ୍ୱୟଂ ମା' କେତେ ବିଷୟାସକ୍ତ ? ମା' ଏହାର ଉତ୍ତରରେ କହିଥିଲେ - ମୁଁ ମୋ ପିଲାର ସ୍ୱାର୍ଥ ଦେଖୁଛି। ମା' ଯେପରି ଭାବରେ ସନ୍ତାନର ସ୍ୱାର୍ଥ ଦେଖେ ଭକ୍ତ ସେହିପରି ଭାବରେ କୃଷ୍ଣଙ୍କର ସ୍ୱାର୍ଥ ଦେଖିଲେ ବାସୁଦେବ ସର୍ବମିତି ସ ମହାତ୍ମା ସୁଦୁର୍ଲ୍ଲଭ ଭାବ ଜାଗ୍ରତ ହୁଏ।

'ନାସ୍ତିବୁଦ୍ଧିର ଯୁକ୍ତସ୍ୟ ନଚାଯୁକ୍ତସ୍ୟ ଭାବନା'...... ଶ୍ରୀ ଶ୍ରୀ ଠାକୁର କହିଲେ ଗୁରୁ ବା କୃଷ୍ଣଙ୍କ ସହିତ ଅଯୁକ୍ତ ବ୍ୟକ୍ତିର ବୁଦ୍ଧି ଦିଶାହୀନ, ଭାବନା ଗତିହୀନ, ଭାବନାଶୀଳ ଯେ ନୁହେଁ ତାର ଶାନ୍ତି ଓ ସୁଖ ସୁଦୂର ପରାହତ। 'ମୟିସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତଷା'..... ଶ୍ରୀ ଶ୍ରୀ ଠାକୁର କହିଲେ - ଯାବତୀୟ କର୍ମ ଆଧ୍ୟାତ୍ମ ଚେତନାର ସଙ୍ଗେ ମତେ ସଂନ୍ୟସ୍ତ କର, ନିରାଶୀନିର୍ମମ ଓ କାମନା, ବାସନାଜନିତ ତାପମୁକ୍ତ ହୋଇ ଯୁଦ୍ଧକର। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ - 'ମନ୍ମନାଭବମଦଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ' - ଅର୍ଥ ତୁମେ ମୋର ଚିତ୍ତଗତ ହୁଅ, ମୋର ଭଜନାକର, ମୋର ଯାଜନକର, ମୋତେ ନମସ୍କାର କର, ତାହାଲେ ମୋତେ ପ୍ରାପ୍ତ ହେବ, ତୁମେ ମୋର ପ୍ରିୟ, ତୁମ ପାଖରେ ଏହି ପ୍ରତିଜ୍ଞା ମୁଁ କରୁଅଛି। ସମସ୍ତ ଗୀତା ସହସ୍ର କଣ୍ଠରେ ଏହି ଇଷ୍ଟପ୍ରାଣ ଓ କୃଷ୍ଣପ୍ରାଣ ହେବା ପାଇଁ ମନୁଷ୍ୟ ଜାତିକୁ ଆହ୍ୱାନ ଜଣାଇଛି।

ଅବତାର ପୁରୁଷମାନେ କ'ଣ ବିଭିନ୍ନ ସ୍ତରର ? ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପ୍ରତିପଦର ଚନ୍ଦ୍ର, ଦ୍ୱିତୀୟାର ଚନ୍ଦ୍ର, ସପ୍ତମୀର ଚନ୍ଦ୍ର ଓ ପୂର୍ଣ୍ଣିମାର ଚନ୍ଦ୍ର ଏକ, ଯଦିଓ ଆମେମାନେ ଅଜ୍ଞତାର ଛାୟା ଭିତରେ ଏହାକୁ ଛୋଟବଡ଼ ଦେଖୁ। ଜନୈକ ଭକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ଗୋବର୍ଦ୍ଧନ ଧାରଣର ତାତ୍ପର୍ଯ୍ୟ ଜିଜ୍ଞାସା କରିବାରୁ ଶ୍ରୀ ଶ୍ରୀ ଠାକୁର କହିଲେ - ଗୋ ମାନେ ପୃଥିବୀ। ପୃଥିବୀର ବର୍ଦ୍ଧନ ବା ମନୁଷ୍ୟ ଜାତିର ବର୍ଦ୍ଧନକୁ ଯିଏ ଧାରଣ କରନ୍ତି ସେ ହିଁ ଗୋବର୍ଦ୍ଧନଧାରୀ। ଭକ୍ତ ହିସାବରେ ଅର୍ଜୁନ ଓ ହନୁମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ଅର୍ଜୁନଙ୍କୁ ଭଗବାନ କୃଷ୍ଣ ଅନେକ ବୁଝାଇ ସୁଝାଇ ଧର୍ମଯୁଦ୍ଧରେ ରାଜି କରାଇଥିଲେ, କିନ୍ତୁ ହନୁମାନ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଇଚ୍ଛାବୁଝି ତାଙ୍କ ଆଦେଶର ଅପେକ୍ଷା ନରଖି ତଦନୁଯାୟୀ କାର୍ଯ୍ୟ କରୁଥିଲେ। ଶ୍ରୀ ଶ୍ରୀ ଠାକୁର ଏହି ପ୍ରସଙ୍ଗରେ କହିଲେ - ସେଥିପାଇଁ ଅର୍ଜୁନଙ୍କର ରଥର ନାମ କପିଧ୍ୱଜ। କପି ମାନେ ହନୁମାନ ଓ ଧ୍ୱଜ ମାନେ ଚୂଡ଼ା, ଅର୍ଜୁନଙ୍କର ରଥର ଅଗ୍ରଣୀ ଚାଳକ ଶକ୍ତି ହେଲେ ହନୁମାନ। ଶ୍ରୀଗୁରୁ ଭଗବାନ କୃଷ୍ଣଙ୍କର ମହାପ୍ରୟାଣ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର କହିଲେ - ମୋର କେତେ ଗୁଡ଼ିଏ ଧାରଣା ଅଛି, ମନେହୁଏ ସତ୍ୟ। ମନେହୁଏ ଏକ ଝଙ୍କାଳିଆ ନିମଗଛର ମୋଟା ଡାଳରେ ଭଗବାନ କୃଷ୍ଣ ଡେରି ହୋଇ ଗୋଡ ଝୁଲାଇ ବସିଥିଲେ। ଏହି ସମୟରେ ଗୋଟିଏ ତୀର ଆସି ତାଙ୍କର ପାଦବିଦ୍ଧ କଲା। ସେ ମାଟିରେ ପଡ଼ିଗଲେ ଓ କିଛି ସମୟ ପରେ ଦେହରକ୍ଷା କଲେ। ସବୁଘଟଣା ଖୁବ୍ ସ୍ପଷ୍ଟ ମନେହୁଏ। ବ୍ୟାପାରଟା ଅକସ୍ମାତ ଘଟିଗଲା। 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂବ୍ରଜ'। ଶ୍ରୀ ଶ୍ରୀ ଠାକୁର କହିଲେ - ତୁମର ମନଗଢ଼ା ଯେତେ ଧର୍ମ ସେ ସବୁ ପରିତ୍ୟାଗ କରି ଏକମାତ୍ର ମୋତେ ରକ୍ଷା କରିଚାଲ, ମୁଁ ତୁମକୁ ସବୁ ପାପରୁ ମୁକ୍ତ କରିବି। ଶରଣଂ ବ୍ରଜ ଅର୍ଥରେ ଶ୍ରୀ ଶ୍ରୀ ଠାକୁର କହିଲେ - ମୋତେ ରକ୍ଷା କରିଚାଲ। ମୋର ସ୍ୱାର୍ଥ ଓ ନିୟମକୁ ନଷ୍ଟ କରିବାକୁ ଦିଅନାହିଁ। ମୋର ପରିପନ୍ଥୀ କିଛି କରନାହିଁ। ଏହାର ଅର୍ଥ ମୂର୍ତ୍ତ ଇଷ୍ଟଙ୍କୁ ଧରିବାକୁ ହେବ। ତାଙ୍କଠାରେ ଯୁକ୍ତ ହେବାକୁ ହେବ, ଅନ୍ୟ ସବୁ ବିବେଚନା ଛାଡ଼ିଦେଇ ଗୁରୁଙ୍କର ସ୍ୱାର୍ଥ ପ୍ରତିଷ୍ଠାକୁ ଅଖଣ୍ଡ ରଖି ଚାଲିବାକୁ ହେବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ମୁକ୍ତ କଣ୍ଠରେ କହିଲେ - ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି ଜଗତର ପୂର୍ବପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଓ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲପାଆନ୍ତି କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆର୍ବିଭାବ। ଆଜିପରି କର୍ମବ୍ୟସ୍ତ ଓ ସଂସାରରେ ମାନବୀୟ ମୂଲ୍ୟବୋଧ ଅପଶ୍ରୟମାଣ ସମୟରେ ଶ୍ରୀମଦ୍ ଗୀତା ପାଠ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ବିଭିନ୍ନ ଜିଜ୍ଞାସାର ଯଥାର୍ଥ ଅମୂଲ୍ୟ ଦାନ । ଆଜି ପବିତ୍ର ଗୀତା ଜୟନ୍ତୀରେ ଆସନ୍ତୁ ସମସ୍ତେ ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ଦିବ୍ୟ ନାମସ୍ମରଣ କରି ସମାଜରେ ଆଧାତ୍ମିକତାର ମହକକୁ ପରିବ୍ୟାପ୍ତ କରିବା ପାଇଁ ଦିବ୍ୟ ପଥ ପାଇଁ ନିଜକୁ ପ୍ରସ୍ତୁତ କରିବା ।

*ସହ-ପ୍ରତିରଦ୍ୱିକ, ପ୍ରଫେସର,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ମୋ : ୯୪୩୭୦୫୧୯୫୭*

# ମୋକ୍ଷ ପଥ

## ଯୋଗୀ ଗଣେଶ୍ୱର

ଭାଗ-୩୫

*"ସଂକଟରୁ ମୋତେ ତାରିଲ*
*ହେ'ହରି ଧନ୍ୟ ତୁମ୍ଭର ମହିମା।*
*ତୁମ୍ଭ ପାଦପଦ୍ମେ ଚିତ୍ତ ମୋର ରହୁ*
*ଦୋଷ କରୁଥିବ କ୍ଷମା ।।"*

ଗୋବିନ୍ଦଙ୍କୁ ଧନୀଶୁଣ୍ଡି ଘରେ ଛାଡ଼ି ହାଡ଼ିପା ମିଛିମିଛିକା ଖର୍ଚ୍ଚା ନେଇ ଚାଲିଗଲେ। ଯାହାଙ୍କର ଜାଗତିକବସ୍ତୁ ପ୍ରତି ସାମାନ୍ୟ ଆସକ୍ତି ନାହିଁ ତାଙ୍କର ବା ଅର୍ଥର କି ଆବଶ୍ୟକତା ରହିଛି। ମାତ୍ର ଗୋବିନ୍ଦଙ୍କ ସାଧନାପଥର ସଫଳତା ନିମନ୍ତେ ହାଡ଼ିପା ନାନା ଉପାୟ ଚିନ୍ତୁଥିଲେ ! ଖର୍ଚ୍ଚା ଦର୍ଶାଇ ଧନୀଶୁଣ୍ଡିଙ୍କ ହସ୍ତରୁ କିଛି ଧନଧରି ଚାଲିଗଲେ। କିଛି ବାଟ ପାଦରେ ଚାଲିବା ପରେ ବେତାଳଙ୍କୁ ସ୍ମରଣ କଲେ। ବେତାଳଗଣ ପହଞ୍ଚିବା ପରେ କୌଶିକମଠକୁ ନେଇଯିବା ପାଇଁ ହାଡ଼ିପା ବେତାଳଙ୍କୁ ନିର୍ଦ୍ଦେଶ ଦେଲେ। କୁହୁକ ଗାଲିଚାରେ ବସାଇ ବେତାଳମାନେ ହାଡ଼ିପାଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେଲେ। ଗୋବିନ୍ଦ ଧନେଶ୍ୱର ଘରେ ରହି କର୍ମ ଆରମ୍ଭ କଲେ। ବିଗତ ରାତ୍ରରେ ଧନେଶ୍ୱରଙ୍କ ପତ୍ନୀ ଯେପରି ପ୍ରଣୟ ପ୍ରାର୍ଥନା କଲେ ତାହା ଭାଳିହୋଇ ନିଜକୁ ଆୟତରେ ରଖିବା ପାଇଁ ଉଦ୍ୟମ ଜାରି ରଖିଲେ। ଧନୀସାହୁଙ୍କ ନିର୍ଦ୍ଦେଶରେ ଦୋକାନରେ ବସି ମଦ୍ୟବିକ୍ରି କଲେ। ଦୈନିକ ମଦ ବିକୁଥିବା କାଳରେ ମଦୁଆମାନଙ୍କ ତାଡ଼ନାର ଶିକାର ହେଉଥିଲେ। କେହି ଜଣେ ମଦୁଆ କହିଲା ଆହେ ଧନୀସାହୁକାର,ଏମିତି ଚହଟଚିକ୍କଣ ଭେଣ୍ଡିଆକୁ ତୁମେ କେଉଁଠାରୁ ପାଇଲ ଆମକୁ କୁହ। ତୁମର ତ ପିଲାଝିଲା ନାହାନ୍ତି। ଯାକୁ ପୁଅ କରି ରଖିଲେ ଭଲ ହେବ। ଆଉ କେହି କହିଲେ,ମଦ ପିଇପିଇ ବେଟା ଫୁଲିଯାଇଛି। ଦେଖୁନ,କେମିତି ଗୋଲଗାଲ ଚେହେରା କରିଛି ପୁଅ ! ତେଣେ ଲୋକଙ୍କ ସମ୍ମୁଖରେ ଯୋଗୀରୂପ ଦେଖାଉଛି। ଏଣେ ମଦବିକି ମଦରେ ଗାଧୋଉଛି ! ଏମିତି ମଦୁଆ ପୁଅଟେ କଲ ଯେ ତୁମର ବେପାର ବଢ଼ିଯିବ। ଆଉ କେହି କହିଲେ,ଏହାର ମାଇପ ଅଛି ନା ନାହିଁ କିରେ ? ବାହାଘର କେଉଁଠି ହୋଇଛି ? ଏ ଟୋକାଟା ବଡ଼ରସିକ ହୋଇଥିବ।

ଏପରି ତାଚ୍ଛଲ୍ୟ ଥଟ୍ଟାମଜା କଥାରେ ଗୋବିନ୍ଦ ସାମାନ୍ୟ ବିଚଳିତ ନ ହୋଇ ନିଜକାର୍ଯ୍ୟରେ ମନୋନିବେଶ କରୁଥିଲେ। ରାତ୍ରରେ ଗୁରୁଙ୍କୁ ସ୍ମରଣ କରି ଧ୍ୟାନଯୋଗରେ ତନ୍ମୟ ହୋଇ ପଡୁଥିଲେ। ଧନୀଶୁଣ୍ଡିର ସ୍ତ୍ରୀ ଷୋଡ଼ଶ ବୟସୀ ସୁନ୍ଦରୀ ରମଣୀ। ଗୋବିନ୍ଦଙ୍କ ରୂପକାନ୍ତି ଦେଖି ତାଙ୍କ ମନଉଚ୍ଛନ୍ନ ହେଉଥିଲା। ବାରମ୍ବାର ମଦଦୋକାନ ନିକଟକୁ ଯାଇ ଗୋବିନ୍ଦଙ୍କ ରୂପଦର୍ଶନ କରି ଆନନ୍ଦ ପାଉଥିଲେ। ତାଙ୍କ ମନରେ କାମଭାବନା ବୃଦ୍ଧି ପାଇବାକୁ ଲାଗିଲା। ସେ ଗୋବିନ୍ଦଙ୍କୁ ଫସାଇ ରତିରଙ୍ଗରେ ମାତିଯିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ଏକଦିନ ଅର୍ଦ୍ଧରାତ୍ରରେ ଧନୀସାହୁକାର ନିଦ୍ରା ଯାଇଥିବା କାଳରେ ଶୁଣ୍ଢିଆଣୀ ଧୀରପାଦରେ ଗୋବିନ୍ଦଙ୍କ ରହଣିସ୍ଥଳ କୋଠରୀରେ ପ୍ରବେଶ କଲେ। ନିଦ୍ରିତ ଗୋବିନ୍ଦଙ୍କୁ ଉଠାଇ ରତି ନିବେଦନ କଲେ। ଗୋବିନ୍ଦଙ୍କ ପାଦଧରି ଲୁହ ଛଳଛଳ ଚକ୍ଷୁରେ କହିଲେ ହେ'ସୁନ୍ଦରପୁରୁଷ,ମୋର ବିନତୀ ଘେନା କର। ତୁମକୁ ଦେଖିବା ଦିନଠାରୁ ମୋର ଚିତ୍ତ ଆନ କେଉଁଠାରେ ଲାଗୁ ନାହିଁ। ତୁମର ଯୁବାବୟସ,ମୁଁ ମଧ୍ୟ ଯୁବାବୟସୀ ! ତୁମ ଆମର ଚୋରାପୀରତି କାଳକାଳ ଧରି ରହିଥାଉ। ତୁମେ ସେ ଅସନା ଯୋଗକର୍ମ ଛାଡ଼ି ଏଇଠାରେ ମହାଜନପଣରେ ରୁହ। ଆମ ଭିତିରିଭାବକୁ କେହି ଅଟକ ଦେଇପାରିବେ ନାହିଁ।

ରାତ୍ରର ଦ୍ୱିତୀୟପ୍ରହର। ଗୋବିନ୍ଦ ସାମାନ୍ୟ ନିଦ୍ରାଛନ୍ନ ହୋଇ ପଡ଼ିଥିଲେ। ଧନୀସାହୁଙ୍କର ଘରଣୀ ଏପରି କାମାତୁରା ଭାବଧରି ଅବୈଧବଚନ କହିବେ ବୋଲି ଗୋବିନ୍ଦ କେବେ ଚିନ୍ତା କରି ନ ଥିଲେ ! ମନରେ ଭାଳିହେଲେ,ବିବାହିତାରମଣୀ ହୋଇ ଏପରି ରତିପାଗଳୀ ହୋଇପାରୁଛନ୍ତି କିପରି ? ଯେଉଁ ନାରୀ କାମଉନ୍ମାଦିନୀ ହୋଇ ଜୀବନରେ ସତୀତ୍ୱ ହରାଇ ବସନ୍ତି,ସେମାନେ ଇହଜନ୍ମ ପରଜନ୍ମରେ ନର୍କଭୋଗ କରିଥାନ୍ତି ! ନୀଚଘରେ ଜନ୍ମହୋଇ ଦୁଃଖଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି ! ଏଇ ମହାଜନୀ ରମଣୀ କ'ଣ ନାରୀଜନ୍ମର ସୂତ୍ର ପାଇନାହାନ୍ତି ! ଗୋବିନ୍ଦ ହାତଯୋଡ଼ି ବିନୟ ବଚନରେ କହିଲେ-ହେ'ମାତା,ତୁମେ ଏ କି କଥା କହୁଛ ? ତୁମେ କ'ଣ ଜାଣି ନାହଁ ମୁଁ ବ୍ରହ୍ମଚାରୀ ଯୋଗୀ ? ବ୍ରହ୍ମ ମୋର ଧନ,ଜୀବନ ! ସାଧନାର ସିଦ୍ଧି,ଗତିପଥର ଆଲୋକ ! ତୁମରସ୍ୱାମୀ ମୋର ପିତୃତୁଲ୍ୟ,ଅନ୍ନଦାତା ! ସେଇ ସମ୍ବନ୍ଧରେ ତୁମେ ମୋରମାତା ହେଲ ! ମାତାପୁତ୍ରର ସଂପର୍କ କେତେ ପବିତ୍ର, କେତେ ନିବିଡ଼, ସତ୍ୟସୁନ୍ଦରଂ ତୁମେ ଜାଣି ନାହଁ ବୋଲି ଏପରି ବାଚଳାମୀ କରୁଛ। ଆତ୍ମତତ୍ତ୍ୱରେ ରହୁଥିବାରୁ କାହା ଶରୀର ଉପରେ ମୋର ଦୃଷ୍ଟି ନ ଥାଏ ! ଏବେ ତୁମ୍ଭ ଆତ୍ମା ସହିତ ମୋ ଆତ୍ମାର ମିଳନ ହୋଇଗଲା ! ଶାଶ୍ୱତ ସମ୍ବନ୍ଧରେ ଆମେ ଏକଇ ଆତ୍ମାରୁ ଅନେକ ହୋଇଛେ ! ଜଗତରେ ଧର୍ମପାଳନ କରି ବଞ୍ଚୁଥିବା ମନୁଷ୍ୟଙ୍କର ଦୁଃଖ ବୋଲି କିଛି ନ ଥାଏ ! ଜାଣି ଶୁଣି ପାପକର୍ମରେ ଲିପ୍ତ ମନୁଷ୍ୟଙ୍କୁ ସଦାଶିବ କ୍ଷମା ଦିଅନ୍ତି ନାହିଁ। ତୁମେ ଏପରି ଚିନ୍ତାରୁ କ୍ଷାନ୍ତହୁଅ ମାତା। ଗୋବିନ୍ଦଙ୍କ ମୁଖରୁ ସତ୍ୟବଚନ ଶ୍ରବଣ କରି ଧନୀସାହୁଙ୍କ ପତ୍ନୀ ନିଜକକ୍ଷକୁ ଚାଲିଗଲେ। ଗୋବିନ୍ଦ କରଯୋଡ଼ି ଭଗବାନଙ୍କୁ ପ୍ରଣାମ ଜଣାଇ କହିଲେ ହେ'ପ୍ରଭୁ,ତୁମ୍ଭକୃପାରୁ ଏଭଳି ସଂକଟରୁ ଉଦ୍ଧାର ପାଇଗଲି ! ସର୍ବକ୍ଷେତ୍ରରେ ଏଇମିତି ସହାୟତା କରୁଥାଅ ପ୍ରଭୁ ! ତୁମ୍ଭ କରୁଣାରୁ ଜୀବନ ଧନ୍ୟ ହୋଇଗଲା ! ହରି ଓଁ ତତସତ୍ !

*ଦୂରଭାଷ-୯୬୬୮୬୩୧୨୫୭*

ଏକମାତ୍ର
ଅନୁଭବୀଙ୍କ ପତ୍ର ଖବର
ଉଲ୍ଲାସ
ଭୁବନେଶ୍ୱର, ୧୭ - ୨୩ ଡିସେମ୍ବର, ୨୦୧୮


## ଗଳ୍ପ

# ସହଚରୀ



ନୃସିଂହ ଚରଣ ବେହେରା

ବନ୍ଦନା ଆଉ ଚନ୍ଦନା ଦୁହେଁ ବହୁତ ଭଲ ସାଙ୍ଗ । ହେତୁ ପାଇବା ଦିନଠୁଁ ଦୁହେଁ ଏକାଠି । ଦୁହେଁ ଏକା ସାଙ୍ଗରେ ଖେଳୁଥିଲେ,ଏକା ଦିନେ,ଏକା ଶ୍ରେଣୀରେ,ଏକା ସ୍କୁଲ୍‌ରେ ନାମ ଲେଖାଇଥିଲେ । କଲେଜରେ ଡିଗ୍ରୀ କୋର୍ସରେ ପଢୁଥିବା ପର୍ଯ୍ୟନ୍ତ ସେମାନେ ଥିଲେ ଏକାଠି-ହଷ୍ଟେଲର ଗୋଟିଏ ରୁମ୍‌ରେ । ଉଭୟଙ୍କର ସରଳ ଆଚରଣ, ଉତ୍ତମ ବ୍ୟବହାର,ବିନୟୀ ଗୁଣଯୋଗୁ ସେମାନେ ପରସ୍ପରକୁ ଅନ୍ତର ଦେଇ ଭଲ ପାଉଥିଲେ । ବଜାରକୁ ହେଉ ଅବା ପାର୍କ ହେଉ ଦୁହେଁ ସାଥୀ ହୋଇ ଯାଆନ୍ତି ।

ଫାଇନାଲ୍ ପରୀକ୍ଷା ଶେଷ ଦିନ ଦୁହେଁ ଯାଇ ପାର୍କର ଗୋଟିଏ ବେଞ୍ଚରେ ବସିଲେ । ବନ୍ଦନା ପଚାରିଲା, ଆଚ୍ଛା କହିଲୁ ତୋର ଭବିଷ୍ୟତର ଯୋଜନା କ'ଣ ? ତୁ ଆଗକୁ କ'ଣ କରିବାକୁ ଚାହୁଁଛୁ ଚନ୍ଦନା ? ଏହା ଶୁଣି ଚନ୍ଦନା ଟିକିଏ ଦୀର୍ଘ ନିଃଶ୍ୱାସ ନେଇ କହିଲା,ତୁ ତ ଜାଣୁ ଆମ ଘରର ଆର୍ଥିକ ସ୍ଥିତି ଭଲ ନାହିଁ । ତେଣୁ ଭାବିଛି ବି.ଇଡି କରିବି ଆଗକୁ ଆଉ କୌଣସି ଗୋଟେ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ହୋଇ ପାଠ ପଢାଇବି । କାରଣ ପ୍ରଥମେ ମୋତେ ଚାକିରିଟେ କରି ଘରର ଆର୍ଥିକ ସ୍ଥିତିକୁ ସଜାଡିବାକୁ ହେବ । ତା'ପରେ ଆଗକୁ ଯାହାହେବ ଦେଖାଯିବ । ତା'ପରେ ଚନ୍ଦନା ପଚାରିଲା, ଆଚ୍ଛା ବନ୍ଦନା ତୁ ଏବେ କହ ତୋର ଭବିଷ୍ୟତର ଯୋଜନା କ'ଣ? ବନ୍ଦନା କହିଲା, ମୋର ଆହୁରି ଆଗକୁ ପଢିବାକୁ ଇଚ୍ଛା ଅଛି । ମୁଁ ଭାବୁଛି ଏମ.ବି.ଏ କରି ଆଗ କ୍ୟାରିୟର ଗଢିବି ତା'ପରେ ଯାଇ ବାହାଶାହା ଆଉ ଘର ସଂସାର କଥା ଭାବିବି । ଏମିତି ଭବିଷ୍ୟତର ଯୋଜନା ବିଷୟରେ ଆଲୋଚନା କରି କରି ପାର୍କରୁ ଫେରିଲେ ଦୁଇ ବାନ୍ଧବୀ ।

ପରୀକ୍ଷା ଫଳ ବାହାରିବା ପରେ ଚନ୍ଦନା ବି.ଇଡି କଲେଜରେ ଯୋଗ ଦେଲା । ତା'ପରେ ପାଠ ପଢା ଶେଷ ହେଲାପରେ ଘର ପାଖରେ ଥିବା ସରକାରୀ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବେ ଆରମ୍ଭ କଲା ନିଜର ଚାକିରୀ ଜୀବନ । ବନ୍ଦନା କିନ୍ତୁ ଏମ.ବି.ଏ ବଦଳରେ ପଢିଲା ଏମ.ସି.ଏ । କାହିଁକି ନା' ଏଣ୍ଟ୍ରାନ୍ସ ପରୀକ୍ଷାରେ ତାକୁ ଏମ.ସି.ଏ ପଢିବା ପାଇଁ ସିଟ୍ ମିଳିଲା । ସେ ତା'ର ପାଠ ଶେଷ କରି କଲିକତାର ଗୋଟିଏ ବହୁ ରାଷ୍ଟ୍ରିୟ କମ୍ପାନୀରେ ଆରମ୍ଭ କଲା ତା'ର ଚାକିରି ଜୀବନ ।

ଧୀରେ ଧୀରେ ସମୟ ବିତିବାକୁ ଲାଗିଲା । ସମୟର ସ୍ରୋତରେ ତାଳ ତାଳେ ବହୁତ ପରିବର୍ତ୍ତନ ଘଟିଲା ଦୁହିଁଙ୍କ ଜୀବନରେ । ଚନ୍ଦନା କିଛିଦିନ ଚାକିରି କଲା ପରେ ବାପାଙ୍କ ପସନ୍ଦର ବ୍ୟାଙ୍କ ଅଫିସର ଗୌତମକୁ ବିବାହ କଲା । ବିବାହ ପରେ ସେ ଚାକିରି ଆଉ ପିଲାଛୁଆଙ୍କ ଜଞ୍ଜାଳରେ ବୁଡିଗଲା । ହେଲେ ବନ୍ଦନା ସହିତ ତା'ର ସମ୍ପର୍କ ଥିଲା ଅତୁଟ । ଦୁହେଁ ପ୍ରାୟ କଥାବାର୍ତ୍ତା ହୁଅନ୍ତି ଫୋନରେ ଆଉ ନିଜ ନିଜର ସୁଖ ଦୁଃଖ ପରସ୍ପର ସହିତ ବାଣ୍ଟନ୍ତି ।

ବନ୍ଦନା କଲିକତାରେ ଚାକିରି କରିବାର କିଛିଦିନ ପରେ ଅନୁଭବ କଲା, ବିମଳେନ୍ଦୁ ନାମକ ସହକର୍ମୀ କେତେବେଳେ ତା' ହୃଦୟରେ ଜାଗା କରି ସାରିଲେଣି । ସେ ମଧ୍ୟ ଅନ୍ୟ ଝିଅଙ୍କ ପରି କ୍ୟାରିୟର ବୁମନ୍ ହେବାର ସ୍ୱପ୍ନ ସହିତ ଆଉ ଗୋଟିଏ ସ୍ୱପ୍ନ ଦେଖି ଆସିଛି ଆଉ ତାହା ହେଲା ଏକ ରୋମାଣ୍ଟିକ୍ ଜୀବନର । ଯେଉଁଠି ପରସ୍ପର ଭିତରେ ଥିବା ଭଲପାଇବା, ବନ୍ଧୁତା, ବିଶ୍ୱାସ, ସହଯୋଗ ଆଉ ସମର୍ପଣ । ପ୍ରତ୍ୟେକ ଅନ୍ୟର ଭାବନାକୁ ବୁଝୁଥିବେ, ଆଉ ଆଦର ସମ୍ମାନ ଦେଉଥିବେ । ସୁଖ ଦୁଃଖକୁ ଭାଗ ବାଣ୍ଟୁଥିବେ । ଯହିଁ ନଥିବ ହସକାନ୍ଦ ନଥିବ କୌଣସି ମନାନ୍ତର ଆଉ ମିଛ ଛଳନା । ମୁହଁ ଖୋଲି ମନକଥା କହିପାରୁଥିବେ ପରସ୍ପରକୁ ଆଉ ଦର୍ପଣ ପରି ପାରଦର୍ଶୀ ହୋଇଥିବ ଉଭୟଙ୍କ ହୃଦୟ । ଏମିତି ଗୋଟିଏ ସଂସାର ପରିକଳ୍ପନା କରି ଆସିଥିଲା । ସେ ତା' ପିଲାଟୁ ଦିନରୁ । ଆଉ ବିମଳନ୍ଦୁେ ତାକୁ ସବୁ ଦିଗରୁ ତା' ସୁନା ସଂସାରର ନାୟକ ଭଳି ପ୍ରତୀୟମାନ ହେଉଥାଏ । ସେ ତାକୁ ମନେ ମନେ କେତେବେଳେ ଭଲ ପାଇ ବସିଛି ସେ କଥା ସେ ନିଜେ ବି ଜାଣିପାରିନି । କେମିତି ଯେ ସେ ବିମଳେନ୍ଦୁ ବିଷୟରେ ବାନ୍ଧବୀ ଚନ୍ଦନାକୁ ଜଣାଇବ ସେ ବିଷୟରେ ଭାବି ହେଉଥାଏ । ପୁଣି ସେ ଭାବୁଥାଏ ଯଦି ତା' କଥା ଶୁଣି ବିମଳେନ୍ଦୁ ଖରାପ ଭାବିବେ ତେବେ..ସେ କ'ଣ କରିବ ? ତେଣୁ ସେ ଭାବୁଥାଏ ତା' ମନର କଥାକୁ ବିମଳେନ୍ଦୁଙ୍କୁ କେମିତି କହିବ । ଏମିତି ଭାବୁ ଭାବୁ ହଠାତ୍ ତା' ମୁଣ୍ଡକୁ ଗୋଟିଏ ବୁଦ୍ଧି ଜୁଟିଲା । ସେ ଚନ୍ଦନାକୁ କଲିକତା ଆସିବା ପାଇଁ ବାଧ୍ୟ କଲା । ପ୍ରଥମେ ତ ଚନ୍ଦନା ପିଲାଛୁଆଙ୍କୁ ଛାଡି ଯିବା ପାଇଁ ରାଜି ହେଉ ନଥିଲା । ହେଲେ ଗୌତମ ତାକୁ ବୁଝେଇଲେ କି ନିଶ୍ଚୟ ବନ୍ଦନାର କିଛି ଅସୁବିଧା ହୋଇଛି କଲିକତାରେ । ନହେଲେ ସେ ତୁମକୁ ଏମିତି ଡାକି ନଥାନ୍ତା । ତୁମେ ଘର ବିଷୟରେ ଚିନ୍ତା କରନି । ମୁଁ ସୋମାର ଯତ୍ନ ନେଇପାରିବି । ତୁମେ କିଛି ଦିନ ପାଇଁ ଚନ୍ଦନା ପାଖରୁ ବୁଲିଆସ ।

ଗୌତମ କଥା ଶୁଣି ସାରିଲା ପରେ ଟିକେ ଆଶ୍ୱସ୍ତି ହେଲା ଚନ୍ଦନା । ତା'ପରେ ସେ କଲିକତା ଯିବା ପାଇଁ ପ୍ରସ୍ତୁତ ହେଲା । ବନ୍ଦନା ଏୟାର ପୋର୍ଟକୁ ନିଜେ ଆସିଥିଲା ଚନ୍ଦନାକୁ ନେବା ପାଇଁ । ଯେତେବେଳେ ଦୁହେଁ ଘରେ ପହଞ୍ଚିଲେ ବନ୍ଦନା ନିଜର ମନର କଥା କହିଲା ଚନ୍ଦନାକୁ । ଏହା ଶୁଣି ଚନ୍ଦନା ଖୁସି ହୋଇଯାଇ କହିଲା, "ଠିକ୍ ଅଛି ! ତୁ ବିମଳେନ୍ଦୁଙ୍କୁ କାଲି ଲଞ୍ଚରେ ଘରକୁ ଡାକ । ମୁଁ ପ୍ରଥମେ ତାଙ୍କୁ ପରଖି ସାରିଲା ପରେ ଯାଇ କଥା ଆଗକୁ ବଢିବ ।" ଏହା ଶୁଣି ବନ୍ଦନା ଖୁସିରେ ଚନ୍ଦନାକୁ କୁଣ୍ଢେଇ ପକାଇଲା । ସେମାନଙ୍କର ଯୋଜନା ଅନୁସାରେ ବିମଳେନ୍ଦୁଙ୍କୁ ଲଞ୍ଚ ? ପାଇଁ ନିମନ୍ତ୍ରଣ ଦେଲା ବନ୍ଦନା । ତା'ପର ଦିନ ଯଥା ସମୟରେ ବିମଳେନ୍ଦୁ ଆସି ପହଞ୍ଚିଲେ ବନ୍ଦନା ଘରେ । ସେଠି ପ୍ରଥମ ଚନ୍ଦନା ସହିତ ପରିଚୟ ଆଦାନ ପ୍ରଦାନ ପରେ ଦୁହେଁ ମଜିଗଲେ ବିମଳେନ୍ଦୁଙ୍କ ଘର ଆଉ ଅଫିସ୍‌ର ଆଲୋଚନାରେ । ଆଉ ବନ୍ଦନା ବ୍ୟସ୍ତଥିଲା ରୋଷେଇ ଘରେ । ଭୋଜନ ପର୍ବ ଶେଷ ହେଲା । ସୁବିଧା ସୁଯୋଗ ଦେଖି ଚନ୍ଦନା ପଚାରିଲା, ଆଚ୍ଛା ବିମଳେନ୍ଦୁ ବାବୁ ଆପଣଙ୍କର ବିବାହ ପାଇଁ କ'ଣ କିଛି ଯୋଜନା କରିଛନ୍ତି ନା' ସାରା ଜୀବନ ଅବିବାହିତ ରହିବେ ବୋଲି ସ୍ଥିର କରିଛନ୍ତି । ଏହା ଶୁଣି ବିମଳେନ୍ଦୁ ହସି ହସି କହିଲେ ନା..ନା..ଆମେ କ'ଣ ସନ୍ୟାସୀ ହେଇଛୁ ଯେ ସଂସାରରୁ ବିମୁଖ ରହିବୁ । ହଁ..ଏବେ ବିବାହର ଯୋଜନା ନାହିଁ ସତ କିନ୍ତୁ ଯଦି ଭଲ ପାତ୍ରୀଟିଏ ମିଳିଯିବ ତେବେ ବିବାହ କରିବାର କୌଣସି ଆପତ୍ତି ନାହିଁ । ଏହା ଶୁଣି ଚନ୍ଦନା କହିଲା, ତେବେ ମୋ ପାଖରେ ଆପଣଙ୍କ ପାଇଁ ଗୋଟିଏ ପ୍ରସ୍ତାବ ଅଛି । ଯଦି ଅନୁମତି ଦେବେ ତା'ହେଲେ ମୁଁ ପାତ୍ରୀଟିର ସନ୍ଧାନ ଆପଣଙ୍କୁ ଦେବି ।

ଆଶ୍ଚର୍ଯ୍ୟ ହୋଇ ବିମଳେନ୍ଦୁ ଟିକିଏ ଅନେଇଲେ ଚନ୍ଦନାକୁ । ତା'ପରେ ଅଳ୍ପ ହସି କହିଲେ ଆରେ..ଆପଣ ମୋତେ ଆଉ ଲଜ୍ଜା ଦିଅନ୍ତୁନି । ମୁଁ କ'ଣ ଆପଣଙ୍କୁ ଅନୁମତି ଦେବି କୁହନ୍ତୁ ନା' ! ତା'ଛଡା ଏଥିରେ ଅନୁମତିର କ'ଣ ଆବଶ୍ୟକତା ଅଛି ? କୁହନ୍ତୁନା..ସେ ପାତ୍ରୀ ବିଷୟରେ ..ମୋତେ ଖୋଲିକି କୁହନ୍ତୁ ।

ନାଁ..ମୁଁ ଏଇ ବନ୍ଦନା କଥା କହୁଥିଲି । ଆପଣତ ତାକୁ ଜାଣନ୍ତି ! ଆପଣଙ୍କୁ ମୋ ବାନ୍ଧବୀ କେମିତି ଲାଗିଲା । ତା' ବିଷୟରେ ଆପଣଙ୍କର ମତ କ'ଣ ଆପଣ ନିଃସୋଙ୍କଚରେ ମୋତେ କୁହନ୍ତୁ ।

ମୋର କିଛି ଆପତ୍ତି ନାହିଁ । ହେଲେ..ସେ ଏ ପ୍ରସ୍ତାବରେ ରାଜି ତ ? କହିଲେ ବିମଳେନ୍ଦୁ । ଆପଣ ସେଥିପ୍ରତି ଚିନ୍ତା କରନ୍ତୁନି । ସେଟା ମୋ ଦାୟିତ୍ୱ । ଏବେ ଆପଣ ଯେତେବେଳେ ରାଜି କଥାଟିକୁ ଆଗେଇନେବି । ନା'..କ'ଣ ବିମଳେନ୍ଦୁ ବାବୁ ? ଆପଣ କ'ଣ କହୁଛନ୍ତି ।

ହଁ..ହଁ..ଠିକ୍ ଠିକ୍ । ଏବେ ଆପଣ ଏ ସବୁର ଦାୟିତ୍ୱ ନିଅନ୍ତୁ । ତା'ପରେ ବିମଳେନ୍ଦୁ ସେଠାରୁ ବିଦାୟ ନେଲେ ।

ତା'ପରେ ଚନ୍ଦନା ଫେରିଆସିଲା କଲିକତାରୁ ଆଉ ଦୁହିଁଙ୍କର ପରିବାର ଲୋକଙ୍କୁ ରାଜି କରାଇଲା । ଏହି ବିବାହ ପାଇଁ । ବହୁତ ଧୁମ୍ ଧାମ୍‌ରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ସେମାନେ ତାଙ୍କ ଦାମ୍ପତ୍ୟ ଜୀବନରେ ସୁଖରେ ଚଳିଲେ । କେଇଟା ବର୍ଷ ଭିତରେ ଆଗ ପଛ ହୋଇ ତାଙ୍କ ସଂସାର ରୂପି ବଗିଚାରେ ଆଗମନ ହେଲା ଦୁଇ ନୂଆ ଅତିଥିଙ୍କର । ସେମାନେ ହେଲେ ମାନୁ ଆଉ ସୋନୁ । ପୁଅ ଝିଅଙ୍କୁ ନେଇ ପୁରି ଉଠୁଥାଏ ତାଙ୍କର ସଂସାର । କମ୍ପାନୀ ତାଙ୍କୁ ତିନିବର୍ଷ ପାଇଁ ଲଣ୍ଡନରେ ଥିବା ବ୍ରାଞ୍ଚକୁ ପଠେଇଦେଲା । ତିନି ବର୍ଷ ପରେ ଯେତେବେଳେ ସେମାନେ ଭାରତ ଫେରିଲେ ସେମାନଙ୍କର ପୋଷ୍ଟିଂ ହେଲା ନୋଇଡାରେ । ସେଠି ବିମଳେନ୍ଦୁ ଡେପୁଟି ଜେନରାଲ୍ ମ୍ୟାନେଜର ପଦରେ ଯୋଗ ଦେଲେ । କମ୍ପାନୀର ବ୍ୟବସାୟ ଦୃଷ୍ଟିରୁ ତାଙ୍କୁ ଦାୟିତ୍ୱ ଦିଆଗଲା ମାର୍କେଟିଂ ବିଭାଗର ମୁଖ୍ୟ ଭାବରେ । ବିମଳେନ୍ଦୁ ମଧ୍ୟ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ପାଳନ କରୁଥାନ୍ତି ।

ଯେମିତି ସୁଖ ପରେ ଦୁଃଖ ଆଉ ଦୁଃଖ ପରେ ସୁଖ ଆସେ ସେମିତି ମଣିଷ ଜୀବନରେ ସବୁ ସମୟ ସମାନ ନଥାଏ । ହସ ଖୁସିରେ ଚାଲୁଥିବା ତାଙ୍କ ସଂସାର ଭିତରକୁ ପଶିଆସିଲା ଦୁଃଖର ଛିଟା କିଛିଟା । ଲଣ୍ଡନରେ ଥିଲା ବେଳେ ବେଳେବେଳେ ମଦ୍ୟପାନ କରୁଥିଲେ ବିମଳେନ୍ଦୁ । ଅବଶ୍ୟ ସେଠିକାର ଜଳବାୟୁରେ ତାହା ତାଙ୍କର ଆବଶ୍ୟକତା ଥିଲା । ହେଲେ ମଣିଷ ଯେତେବେଳେ ବଦଭ୍ୟାସରେ ପଡିଯାଏ ସେତେବେଳେ ସେଥିରୁ ମୁକୁଳିବାଟା ଭାରି କଷ୍ଟକର । ତେଣୁ ଭାରତ ଫେରିବା ପରେ ମଧ୍ୟ ବିମଳେନ୍ଦୁ ନିଜର ମଦ ପିଆ ଅଭ୍ୟାସ ଜାରି ରଖିଲେ । ସେ ଅଭ୍ୟାସ କମିବ କ'ଣ ବରଂ ବଢି ବଢି ଚାଲିଲା ଦିନକୁ ଦିନକୁ, ଦିନ ଆଉ ତା' ସହ ବଢିଚାଲିଲା ବନ୍ଦନାର ଚିନ୍ତା ବିମଳେନ୍ଦୁଙ୍କ ପାଇଁ । ପ୍ରାୟ ସବୁଦିନ ମଧ୍ୟପାନ କରି ରାତି ଅଧକୁ ଘରକୁ ଫେରନ୍ତି ବିମଳେନ୍ଦୁ । ଧୀରେ ଧୀରେ ପରିସ୍ଥିତି ପରିବେଶ ତଥା ଆଚରଣ ଗତ ସାମଞ୍ଜସ୍ୟରୁ ତାଙ୍କୁ ନୂଆ ନୂଆ ବନ୍ଧୁ ମଧ୍ୟ ଜୁଟିଗଲେ, ରୁଚିଗତ ସମ୍ପର୍କରୁ ମଦ୍ୟପଙ୍କ ମେଳରେ ପଡି ସେ ହୋଇଗଲେ ପୁରା ମଦୁଆ । ରାତି ଅଧରେ ଏମିତି ମାତାଲ ଅବସ୍ଥାରେ ଘରକୁ ଫେରିବାକୁ ଯେତେ ବାରଣ କଲେ ବି କିଛି ଫଳ ମିଳୁ ନଥାଏ ।


ଏମିତି ଅଶାନ୍ତିରେ ଦିନ କାଟୁଥିଲା ବେଳେ ଦିନେ ବନ୍ଦନା ବିମଳେନ୍ଦୁଙ୍କୁ କହିଲା, "ତୁମେ ବାହାରେ ମଦ ପିଇ ମାତାଲ ହୋଇ ଘରକୁ ଫେରିବା ଅପେକ୍ଷା ମଦ ଆଣି ଘରେ ପିଅ । ଅନ୍ତତଃ ମୋର ଛାତି ତ ଆଉ ଦକ ଦକ ହେବନି ତୁମ ଚିନ୍ତାରେ ?" ତୁମେ ଜାଣ ତୁମେ କେମିତି ଭଲରେ ଆସି ଘରେ ପହଞ୍ଚିବ ସେଇ ଚିନ୍ତାରେ ମୋର ରକ୍ତ ଶୁଖିଯାଏ ସବୁଦିନ । ତେଣୁ ପ୍ଲିଜ୍ ମୋ କଥା ମାନ..'ଏବେ ଆଉ ବାହାରେ ମଦ ନ ପିଇ ବରଂ ଘରେ ମଦ ଆଣି ପିଅ । ଆମେ ମା' ଛୁଆ ତୁମକୁ କିଛି କହିବୁନି । ତା'ଛଡା ପିଲାମାନେ ଦିନକୁ ଦିନ ବଡ ହେଉଛନ୍ତି । ତୁମର ଏହି କୁ ଅଭ୍ୟାସ ତାଙ୍କ ଉପରେ କି ପ୍ରଭାବ ପକେଇବ ସେ ବିଷୟରେ କେବେ ଭାବିଛ ?'

ଏହା ଶୁଣି ଚିହିଁକି ଉଠିଲେ ବିମଳେନ୍ଦୁ । କହିଲେ, ପିଲାମାନଙ୍କ ଉପରେ ଖରାପ ପ୍ରଭାବ ପଡିବନି ବୋଲି ତ ମୁଁ ବାହାରେ ମଦ ପିଉଛି । ତା'ଛଡା ବନ୍ଧୁ.. ତୁମେ ତ ଜାଣିଛ ଏକୁଟିଆ ମଦ ପିଇଲେ ଜମାରୁ ମଜା ଲାଗେନା । ଏକାଧିକ ଲୋକ ମିଳିମିଶି ମଦ ପିଇଲେ ମଦଟା ପିଇଲା ଭଳି ଲାଗେ । ସାଙ୍ଗ ମାନଙ୍କ ସହିତ ମଦ ପିଇବାର ମଜାଟା ଟିକିଏ ନିଆରା । ତା'ଛଡା ତୁମେ ତ ଜାଣିଛ ଆମ କମ୍ପାନୀ ଚାକିରିରେ ସେମିନାର , ମିଟିଙ୍ଗରେ ମଦ ପିଇବାଟା ତ ଗୋଟେ ସାଧାରଣ କଥା । କମ୍ପାନୀର ମିଟିଙ୍ଗରେ ଡିନର ସହିତ ମଦ ପିଇବାର ମଜା ନିଆରା ।

ବିମଳେନ୍ଦୁଙ୍କ କଥା ଶୁଣି ବନ୍ଦନା କାନ୍ଦି କାନ୍ଦି କହିଲା, "ଶୁଣ ପ୍ଲିଜ୍ ମୋ କଥା ଟିକିଏ ଶୁଣ ।" ତୁମେ ଏଇ ମଦ ପିଇବା ଛାଡିଦିଅ । ସୁରା ସହିତ ବନ୍ଧୁତା ବାନ୍ଧି ତୁମେ ପୁରା ଘୋଡା ମଦୁଆ ହୋଇ ସାରିଲଣି । ଏହି ନିଶା ଯେ ଦିନେ ତୁମକୁ ମୃତ୍ୟୁ ମୁଖକୁ ଠେଲି ଦେବ ସେ ବିଷୟରେ କେବେ ଭାବିଛ ? ଏହା ଶୁଣି ବିମଳେନ୍ଦୁ ରାଗରେ ଫଁ ଫଁ ହୋଇ ସେଠୁ ପଳେଇଲେ । ବନ୍ଦନା ମୁଣ୍ଡ କୋଡି କାନ୍ଦି ସାଲିଶ୍ କରି ନେଇଥିଲା ନିଜ ଜୀବନ ସହିତ । ତାକୁ ଯେତେବେଳେ ଫୁର୍ସତ ମିଳେ ସେ ନିରୋଳାରେ ବସି ଲୁହ ଗଡାଏ ପୁରୁଣା ଅତୀତକୁ ମନେ ପକେଇ ।

ପ୍ରଥମେ ପ୍ରଥମେ ବିମଳେନ୍ଦୁ ଫେରୁଥିଲେ ଅଳ୍ପ ବିଳମ୍ବରେ । ଏବେ କେଇ ମାସ ହେଲା କୋଉ ଦିନ ରାତି ଗୋଟାଏ ତ କୋଉଦିନ ରାତି ଦିଇଟା । ଆଉ ଦିନେ ଦିନେ ତ ସକାଳେ ଆସି ପହଞ୍ଚନ୍ତି ବିମଳେନ୍ଦୁ । ଯେତେ କହିଲେ, ଫଳ ଶୂନ । ଧୀରେ ଧୀରେ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସିଲାଣି ତାଙ୍କର । ଏବେ ତ ମଦ ପିଆର ବିରୋଧ କଲେ ଖାଲି ନାଲି ଆଖି ସହ ଗାଳିଗୁଲଜ ଆଉ ମାରଧର କରିବାକୁ ଫଛଉ ନାହାନ୍ତି ସେ । କେତେଦିନ ବନ୍ଦନା ରାତି ରାତି ତାଙ୍କୁ ଏମିତି ଅପେକ୍ଷା କରିବ । ଏପଟେ ରାତି ଅନିଦ୍ରା ସହିତ ଗାଳି ଗୁଲଜ ଆଉ ମାରପିଟ୍ ଆଉ ସେପଟେ ଅଫିସ୍ ସହିତ ପିଲା ଛୁଆଙ୍କ ଜଞ୍ଜାଳ । ଧୀରେ ଧୀରେ ଦେହ ଖରାପ ହେବାକୁ ଲାଗିଲା ବନ୍ଦନାର । ତାକୁ ଚାରିପଟ ଅନ୍ଧାର ଦିଶିଲା । କ'ଣ କରିବ..ନ କରିବ କିଛି ସ୍ଥିର କରି ପାରୁନଥାଏ ସେ । ଏମିତି ଅବସ୍ଥାରେ ଦିନେ ସେ ଚନ୍ଦନା ସହିତ ଫୋନ୍‌ରେ କଥାବାର୍ତ୍ତା ହେଲା ବେଳକୁ ତା' ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ସେ ଖାଲି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା । ସେପଟୁ ଚନ୍ଦନା ତାକୁ ବୋଧ ଦେଇ ଘଟଣା କ'ଣ ବୋଲି ପଚାରିବାରୁ ସେ କେବଳ ଏତିକି କହିଲା, ମୋ ସଂସାର ଭାସିଗଲା । ଚନ୍ଦନା.. "ମୁଁ ଆଉ ବଞ୍ଚିପାରିବିନି । ମୋ ପିଲାମାନେ ତତେ ଲାଗିଲେ । ତୁ ତୋର ପୁଅ ଝିଅ ସୌମ୍ୟ ଆଉ ସୋମା ସହିତ ମୋର ମାନୁ ଆଉ ସାନୁଙ୍କ କଥା ବୁଝିବୁ ।"

ଏକଥା ଶୁଣି ଚନ୍ଦନା ମୁଣ୍ଡରେ ସତେ ଯେମିତି ବଜ୍ରପାତ ହେଲା । ସେ ଟିକେ ବ୍ୟସ୍ତ ହୋଇ ବନ୍ଦନାକୁ କହିଲା, ତୁ ଆଗ ତୋ କାନ୍ଦ ବନ୍ଦ କର । ତା'ପରେ କହ ଘଟଣାଟା କ'ଣ ? ତୁ ମୋତେ ପୁରା କଥା କହିଲେ ସିନା ଯାଇ ମୁଁ କିଛି କରିବି । ତୁ ଏମିତି ପାଗଳୀଙ୍କ ଭଳି ପ୍ରଳାପ କଲେ ମୁଁ କ'ଣ ବୁଝିବି କହିଲୁ ? ତା'ପରେ ବନ୍ଦନାଠାରୁ ବିମଳେନ୍ଦୁଙ୍କ ବିଷୟରେ ସବୁ ଶୁଣି ସାରିଲା ପରେ ଚନ୍ଦନା ତାକୁ ଆଶ୍ୱସନା ଦେଇ କହିଲା, ଠିକ୍ ଅଛି, ତୁ ଆଉ ଗୋଟିଏ ସପ୍ତାହ ଅପେକ୍ଷା କର । ମୁଁ ଦେଖୁଛି କ'ଣ କରାଯାଇ ପାରିବ । ଗୌତମ ଚନ୍ଦନାକୁ ବ୍ୟସ୍ତ ହେବାର ଦେଖି କହିଲେ, ତୁମେ ସେଠିକି ଯାଇ ଆଗ ଦେଖ ଘଟଣା କ'ଣ ? ଯଦି ଅବସ୍ଥା ବେଶୀ ଖରାପ ଥିବ ତେବେ ବନ୍ଦନା ଆଉ ତା' ଛୁଆଙ୍କୁ ନେଇ ଚାଲି ଆସିବ । ଟିକିଏ ବି ସମୟ ନଷ୍ଟ କରିବନି ।



ତା'ର ତିନିଦିନ ପରେ ଚନ୍ଦନା ଯାଇ ପହଞ୍ଚିଲା ନୋଇଡାରେ ବନ୍ଦନା ଘରେ । ମାନୁ ଆଉ ସୋନୁ ଚନ୍ଦନାକୁ ଦେଖୁ ଦେଖୁ ଖୁସିରେ କୁଣ୍ଢାଇ ପକାଇଲେ । ଚନ୍ଦନା ସେମାନଙ୍କୁ କିଛି ସମୟ ଗେଲ କରିସାରିଲା ପରେ ତାଙ୍କୁ ଆଣିଥିବା ଗିଫ୍ଟ ଦେଲା । ସେମାନେ ନିଜ ନିଜ ଗିଫ୍ଟକୁ ନେଇ ଚାଲିଗଲେ ପଢା ଘରକୁ । ତା'ପରେ ଚନ୍ଦନା ଟିକେ ଭଲରେ ଦେଖିଲା ବନ୍ଦନାକୁ । ବନ୍ଦନାର ଜୀର୍ଣ୍ଣ ଶୀର୍ଣ୍ଣ ଶରୀର ସୂଚାଇ ଦେଉଥିଲା ତା' ଜୀବନରେ ଚାଲିଥିବା ଝଡର ଲୀଳାକୁ । ସେ ବନ୍ଦନାଠୁ ସମସ୍ତ ବିଷୟରେ ଟିକିନିଖି ତଥ୍ୟ ସଂଗ୍ରହ କରିନେଲା । ତା'ପରେ କହିଲା, ତୁ ଏତେ ଦୁଃଖରେ ଅଛୁ । ଏତେ ବର୍ଷର ସମ୍ପର୍କ ଆମର । ତୁ ଥରଟେ ତୋ ଦୁଃଖ ବିଷୟରେ ମୋତେ ମୁହଁ ଖୋଲି କହିଲୁନି କାହିଁକି ?

ଏହା ଶୁଣି ବନ୍ଦନା କହିଲା, 'କ'ଣ ବା ତତେ କହିବି ?' ମୁଁ ତ ମୋ ନିଜ ପସନ୍ଦରେ ବାହା ହୋଇଥିଲି । ତେଣୁ ଯଥାସାଧ୍ୟ ଚେଷ୍ଟା କଲି ତାଙ୍କୁ ସୁଧାରିବାକୁ । ମୁଁ ଭାବିଥିଲି ଦିନେ ନା' ଦିନେ ନିଶ୍ଚେ ସୁଧୁରି ଯିବେ । ସେଇଥିପାଇଁ ତ ମୁଁ ଭଲରେ ଅଛି..ସୁଖରେ ଅଛି ବୋଲି ତତେ ଆଜି ଯାଏଁ ମିଛ କହି ଆସୁଥିଲି । ଏତିକି କହି ବନ୍ଦନା କାନ୍ଦିବାକୁ ଲାଗିଲା ।

ତା' କାନ୍ଦ ଦେଖି ଚନ୍ଦନା କହିଲା, ହଉ..ହଉ..ତୁ ଆଉ କାନ୍ଦନା ଆଉ ଏ ବିଷୟରେ କିଛି ବି ଚିନ୍ତା କରନା । ମୁଁ ଯେତେବେଳେ ତୋ ପାଖକୁ ଆସିଛି ଏହାର କିଛି ନା କିଛି ପ୍ରତିକାର କରି ଫେରିବି ।

ସେଦିନ ରାତିରେ ସେମାନେ ଏକାଠି ଖାଇ ସାରିଲା ପରେ ମାନୁ ଆଉ ସୋନୁ ଯାଇ ଶୋଇ ପଡିଲେ ନିଜ ନିଜ ରୁମ୍‌ରେ । ଦୁଇ ବାନ୍ଧବୀ ବସି ଗପସପ କରୁଥାନ୍ତି । ରାତି ପାଖାପାଖି ଗୋଟାଏ ହେବ । ବିମଳେନ୍ଦୁ ଫେରି ନଥାନ୍ତି ଘରକୁ । ଚନ୍ଦନାର ଯୋଜନା ଅନୁସାରେ ତାଙ୍କ ଘରର ବାହାର ଦରଜା ଖୋଲାଥାଏ ଏବଂ ଶୋଇବା ଘରେ ଖଟ ଉପରେ ଚନ୍ଦନା ଚଦରଟିଏ ଘୋଡେଇ ହୋଇ ଶୋଇ ରହିଥାଏ । ପାଖରେ ବସିଥାଏ ବନ୍ଦନା ଅସ୍ତ ବ୍ୟସ୍ତ ବେଶ ଭୂଷାରେ ।

ବିମଳେନ୍ଦୁ ଫେରିଲେ ରାତି ଦୁଇଟାରେ । ଦରଜା ଖୋଲା ଥିବା ଦେଖି ଟିକେ ଘାବରେଇ ଗଲେ ଏବଂ ତରତର ହୋଇ ପଶିଆସିଲେ ଶୋଇବା ଘରକୁ । ଖଟ ଉପରେ କିଏ ଜଣେ ଶୋଇଥିବାର ଦେଖି ଗର୍ଜି ଉଠିଲେ ରାଗରେ । ରାଗରେ ଫଁ ଫଁ ହୋଇ କହିଲେ ମୁଁ ନଥିଲା ବେଳେ ଏଠି ରାସ ଲୀଳା ଚାଲିଛି..ନୁହେଁ । ରୁହ ଏବେ ତୁମ ଖେଳ ଖତମ୍ କରିଦେବି କହି ଧାଇଁଗଲେ ରୋଷେଇ ଘରକୁ ଛୁରୀଟିଏ ଆଣି କହିଲେ, ଦେଖ ଏବେ ମୁଁ କ'ଣ କରୁଛି ? ଏହା କହି ସେ ଖଟ ପାଖକୁ ଯାଇ ଚଦର ଟାଣିବାକୁ ଉଦ୍ୟତ ହେଲା ବେଳକୁ ଚନ୍ଦନା ଚଦର ଫୋପାଡି ଦେଇ ଛିଡା ହୋଇଗଲା । ଆଉ କହିଲା ବାଃ..ନିଜ ସ୍ତ୍ରୀକୁ ଆଉ କାହା ସହିତ ଦେଖି ନିଆଁ ଲାଗିଗଲା ଶରୀରରେ । ଆଉ ଆପଣ ମୋ ବାନ୍ଧବୀକୁ ମିଛ କହି ବାରନାରୀଙ୍କ ସହିତ ବୁଲୁଛନ୍ତି ସେତେବେଳେ ଥରଟେ ଭାବୁ ନାହାନ୍ତି ଏ ବିଷୟରେ !

ଚନ୍ଦନାକୁ ଦେଖୁ ଦେଖୁ ହାତରୁ ଛୁରୀଟି ତଳକୁ ଖସି ପଡିଲା ବିମଳେନ୍ଦୁଙ୍କର । ସେ ଖାଲି ଥରିବାକୁ ଲାଗିଲେ । ବହୁତ କଷ୍ଟରେ କେବଳ ଏତିକି କହିଲେ, "ଚନ୍ଦନା..ତୁମେ ! କେତେବେଳେ ଆସିଲ ?"

ଚନ୍ଦନା କିନ୍ତୁ କାଳ ବିଳମ୍ବ ନକରି କହିଲା ଆଉ ଡେରି କାହିଁକି ବିମଳେନ୍ଦୁ ବାବୁ ? ଆପଣ ପରା ଆମ ଖେଳ ଖତମ୍ କରିଦେବେ । ବିଳମ୍ବ ନକରି ଛୁରାଟା ଉଠାନ୍ତୁ ଆଉ ଖେଳ ଖତମ୍ କରନ୍ତୁ ।

ଚନ୍ଦନା କଥା ଶୁଣି ବିମଳେନ୍ଦୁ କହିଲେ, "ନା..ନା..ମୁଁ ଜାଣି ନଥିଲି ଏଠି ତମେ ଶୋଇଚ ବୋଲି । ମୁଁ ଅଲଗା କିଛି ଭାବି ଏହା କହୁଥିଲି ।"

ଏହା ଶୁଣି ଚନ୍ଦନା କହିଲା, ବିମଳେନ୍ଦୁ ବାବୁ ଆପଣଙ୍କୁ ଶୁଦ୍ଧ ସୁବର୍ଣ୍ଣ ଭାବି ମୁଁ ମୋ ସହଚରୀର ବିବାହ ଆପଣଙ୍କ ସହିତ କରାଇଥିଲି ହେଲେ.. ଆପଣତ ବେଙ୍ଗି ପିତଳ ବାହାରିଲେ । ଏତିକି ବେଳେ ବନ୍ଦନା ଆସି କହିଲା, ଏଇ କାଗଜ ଖଣ୍ଡକ ନିଅ । ପଢ..! ଏଥିରେ ତୁମର ଗଲା ତିନି ମାସର ସେମିନାର ମିଟିଂର ଉଲ୍ଲେଖ ଅଛି । ତୁମେ ସବୁଦିନ ରାତି ଅଧରେ ଫେରି ମୋତେ ମିଛ କହି ଚାଲିଛ ମୁଁ ଜାଣିନି ତୁମେ ମିଟିଂ ବାହାନାରେ ସବୁଦିନ ନୂଆ ନୂଆ ନାରୀଙ୍କ ସହିତ ବୁଲୁଛ । କାହିଁକି..ବିମଳେନ୍ଦୁ କାହିଁକି ? କାହିଁକି ମୋ ସହିତ ଏତେ ଛଳନା ? ତୁମେ ବାହାରେ ବାର ନାରୀଙ୍କ ସହିତ ବୁଲୁଥିବ ଆଉ ମୋ ଉପରେ ଅତ୍ୟାଚାର କରୁଥିବ ! କାହିଁକି ?

ବିମଳେନ୍ଦୁ ଟିକେ ଥତ ମତ ହୋଇ କହିଲେ, ନା..ନା..ମୁଁ ତୁମ ସହିତ ଛଳନା କରିନି ବନ୍ଦନା । ମୁଁ ତ..

ବିମଳେନ୍ଦୁ କଥା ପୁରା କରିବା ପୂର୍ବରୁ ଚନ୍ଦନା କହିଲା, "ଆଜି ଆପଣ ନିଜ ଘରର ଅସ୍ତବ୍ୟସ୍ତ ଅବସ୍ଥା ଦେଖି କେତେ କ'ଣ ଭାବିନେଲେ । ଆପଣ ଶିକ୍ଷିତ, ଗୋଟିଏ କମ୍ପାନୀର ଡି.ଜି.ଏମ୍ । ତଥାପି ଆପଣ ଏମିତି ମଦ ପିଇ ମାତାଲ ଅବସ୍ଥାରେ ଘରକୁ ଫେରୁଛନ୍ତି । ଛି.. ! ହଁ ଏକଥା ସତ ଯେ ସବୁ ପୁରୁଷ ସୁ ପୁରୁଷ ନୁହନ୍ତି କି ସମସ୍ତେ ନାରୀଙ୍କୁ ସମ୍ମାନ ଦେଇ ଜାଣନ୍ତି ନାହିଁ । ଘରେ ନିଜର ସୁନ୍ଦର ସ୍ତ୍ରୀକୁ ଛି ଛାକର କରି ପଡୋଶିନୀଙ୍କ ଉପରେ ନଜର ପକାନ୍ତି । ଆପଣ ଜାଣନ୍ତି ମହାତ୍ମା ଗାନ୍ଧୀ କହିଥିଲେ, "ଯେଉଁ ଶିକ୍ଷା ଚରିତ୍ର ଗଠନ ନକରେ ସେ ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ । ଉଚିତ ଶିକ୍ଷା ବୁଦ୍ଧିକୁ ଶାଣିତ କରେ ଓ ଦୃଷ୍ଟିକୁ ପ୍ରସାର କରେ ।" ଶିକ୍ଷିତା ନାରୀ ବିନା ସୁନ୍ଦର ସମାଜର ପରିକଳ୍ପନା ଅସମ୍ଭବ । ଆପଣ ଜାଣନ୍ତି ଯେଉଁ ହାତ ଗୋଟିଏ ଶିଶୁର ଦୋଳି ହୁଏ, ବେଳ ଆସିଲେ ସେହି ହାତ, ସାରା ଦୁନିଆକୁ ଶାସନ ମଧ୍ୟ କରିପାରେ । ଅର୍ଥାତ **"The hand that rocks the cradle rules the world."** ହଁ.. ଏକଥା ବି ସତ ନାରୀ ପୁରୁଷଠାରୁ ବୁଦ୍ଧିମାନ ଆଉ ସହନଶୀଳ । ନାରୀ କମ୍ ଜାଣିଥାଏ କିନ୍ତୁ ବେଶୀ ବୁଝିପାରେ । ଯେହେତୁ ସହିବା ଗୁଣ ନାରୀଠାରେ ଅଧିକ ଥାଏ ସେଥିପାଇଁ ନାରୀ ସବୁବେଳେ ସହୁଥିବ ତାହା ଭାବିବା ଠିକ୍ ନୁହେଁ । ଆପଣ ସବୁବେଳେ ମଦ୍ୟପାନ କରି ଜଣେ ଅସହାୟ ନାରୀ ପ୍ରତି କି ଅନ୍ୟାୟ କରି ଚାଲିଛନ୍ତି ସେ ବିଷୟରେ କେବେ ଭାବିଛନ୍ତି ? ଆପଣଙ୍କ ପିଲାମାନଙ୍କ ଉପରେ ଆପଣଙ୍କର ଏହି କୁ ଅଭ୍ୟାସର କି ପ୍ରଭାବ ପଡୁଛି ସେ ବିଷୟରେ କେବେ ଚିନ୍ତା କରିଛନ୍ତି । ନିଜ ଘର କେମିତି ଚାଲିଛି ସେ ବିଷୟ ଛାଡନ୍ତୁ, କେବେ ନିଜ ଡ୍ରାଇଭର କଥା ଭାବିଛନ୍ତି ? ସେ ଖରା, ବର୍ଷା, ଶୀତ କାକରରେ ଆପଣଙ୍କୁ ଅପେକ୍ଷା କରି ଅଧରାତି ଯାଏଁ ବାହାରେ ରହୁଛି..ତା' ଘର କେମିତି ଚାଲିଥିବ ସେ ବିଷୟରେ କେବେ ଚିନ୍ତା କରିଛନ୍ତି ? ଆପଣ ଶିକ୍ଷିତ ! ତେବେ ଆପଣଙ୍କର ଏ ଅଧୋପତନ କାହିଁକି ? ଶୁଣନ୍ତୁ ବିମଳେନ୍ଦୁ ବାବୁ ! ଯଦି ଆପଣ ମଦକୁ ଛାଡି ନିଜକୁ ବଦଳେଇବେ ତେବେ ଠିକ୍ ଅଛି । ହେଲେ ସେ ପର୍ଯ୍ୟନ୍ତ ମୁଁ ମୋ ବାନ୍ଧବୀ ବନ୍ଦନା, ମାନୁ ଆଉ ସୋନୁକୁ ନେଇ ଚାଲି ଯାଉଛି ମୋ ସହିତ । ସଂସାରକୁ ଯୋଡି ରଖିବାର ଦାୟିତ୍ୱ କେବଳ ନାରୀର ନୁହେଁ । ତା' ସହିତ ପୁରୁଷ ମଧ୍ୟ ସହଭାଗୀ । ହେଲେ ଆପଣ...ଆପଣ ନା' ତ ଜଣେ ଭଲ ସ୍ୱାମୀ ହୋଇପାରିଲେ ନା' ତ ଭଲ ବାପା । ଆପଣତ ଭଲ ମଣିଷ ବୋଲି କହିବାକୁ ଯୋଗ୍ୟ ନୁହନ୍ତି । ତେଣୁ ଆପଣ ଆପଣଙ୍କ ଦୁନିଆରେ ଖୁସିରେ ରୁହନ୍ତୁ । "ଏକୁଟିଆ..ସାରା ଜୀବନ.."

୨୧୭,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୋଇ ନଗର,ଭୁବନେଶ୍ୱର-୨୨
ମୋ : ୭୯୭୮୮୩୦୬୧୧

## କବିତା



# ପ୍ରେମ

ପବିତ୍ର ବ୍ରହ୍ମପୁତ୍ର ନାୟକ

ପ୍ରେମ ମାନେ କ'ଣ
ରାସ୍ତା କଡ଼ର ଥୁଣ୍ଟା ଗଛ
ଗାଡ଼ିର ଧୂଆଁକୁ ଡରିବ
କାଠୁରିଆର ତୀଖିଣ କୁରାଢ଼ୀ ଚୋଟକୁ ।

ପ୍ରେମ ମାନେ କ'ଣ
ଚିଡ଼ିଆଖାନାର ଏନ୍‌କ୍ଲୋଜର



ଦିନ କାଟୁଥିବ ଘଡ଼ିସନ୍ଧି ମୁହୂର୍ତ୍ତରେ
ବଦଳା ହେବା ଯାଏ

ପ୍ରେମ ମାନେ ଯଦି
ଥୁଣ୍ଟା ଗଛ ନୁହେଁ କି ଏନ୍‌କ୍ଲୋଜର ନୁହେଁ
ତେବେ ପ୍ରେମ ମାନେ କ'ଣ ?
ଏ କବିର ଖୋଲା ଦେହ
ଯାହାକି ବ୍ୟତିବ୍ୟସ୍ତ କରୁଥିବ
ବେଳ ଅବେଳରେ
ତମର ଆଖି ହଳକଙ୍କୁ ।

ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୪୩୭୬୧୩୪୩୮

# ଶୀତ ଆସିଛି



ମିନାକ୍ଷୀ ପଣ୍ଡା

ପୟରେ ନୂପୁର ରୁଣୁଝୁଣୁ ତା'ର
ଗଲାଣି ଶବଦ ଶୁଭି
ନିଗିଡା ଶରଦ ମେଘ କୋଳେ ଚାନ୍ଦ
ଯାଇଛି ଆକାଶେ ଲିଭି ।
କିଶଳୟ ଅଙ୍କେ ଟିକିଘାସ ବକ୍ଷେ
ଶିଶିରବିନ୍ଦୁଟି ଚାହେଁ
କଅଁଳ ସକାଳ ପଖାଳେ ସକଳ
ମହୁଲିଆ ବାଆ ବହେ ।
ଶୀତର ପରଶ ହରଷ, ବିରଷ
ସୁଖ ସାଥେ ଦୁଃଖ ଛାଇ
ଉଦ୍ୟାନେ ପୁଷ୍ପିତ ମହକେ ପୂରିତ
ସୁଷମା ଦିଏ ବିଛେଇ ।
ଶୀତବାସ ହୀନ ଦୀନ ନାରାୟଣ
ଭୋଗନ୍ତି ବହେ କଷଣ
ଜାଡ ଦିଏ ମାଡ ଭାଙ୍ଗିଦିଏ ହାଡ
ଘଟାଏ କେତେ ମରଣ ।
ସହରଠୁ ପଲ୍ଲୀ ପଣତକୁ ମେଲି
ବିଛାଇଦିଏ ଭୁବନ
ତା'ପଣତ ତଳେ ସୌଭାଗ୍ୟର ବଳେ
ଭୋଗୁଥାଏ ଧନବାନ ।
ଦୁଃଖିଜନ ଖେଦ ଭୋଗୀର ଆନନ୍ଦ
ଫେଣ୍ଟାଏ ସ୍ୱଚ୍ଛ କାକର
ବାୟୁ ପରିଚ୍ଛନ୍ନ ସୁସ୍ୱାଦୁ ବ୍ୟଞ୍ଜନ
ପ୍ରାଚୁର୍ଯ୍ୟେ ଫସଲଭରା ।
କୃଷକ ଆନନ୍ଦ ଯେହ୍ନେ ମକରନ୍ଦ
ଦେଖି ତା' ପାଚିଲା କ୍ଷେତ
କ୍ଷତ ପରିବେଶ ଘଟାଏ ଆୟୁଷ
ହ୍ରାସ ହେଉଅଛି ଶୀତ ।

ମାର୍ଫତ : ରଞ୍ଜନ କୁମାର ପଣ୍ଡା
ଶାଖା ପରିଚାଳକ,ଟିଡିସିସି
ପାରଳାଖେମୁଣ୍ଡି,ଗଜପତି




# ପିଲାଙ୍କ ଦୁନିଆ





ବିଭୋର
କେନ୍ଦ୍ରୀୟ ବିଦ୍ୟାଳୟ
ଷ୍ଟାଣ୍ଡାର୍ଡ-୩
ଭବାନୀପାଟଣା





ସୋନାଲ ସାହୁ
ଷ୍ଟାଣ୍ଡାର୍ଡ-୭
କେମ୍ବ୍ରିଜ୍ ସ୍କୁଲ, ଠାକୁର କମ୍ପ୍ଲେକ୍ସ,
ମୁମ୍ବାଇ



# ପାଳି କରି ବିଦ୍ୟାଳୟ ଯାଉଛନ୍ତି ଶିକ୍ଷକ

**ଖୋର୍ଦ୍ଧା :** ବ୍ଲକ୍ ଅଧିନସ୍ଥ ରାୟପୁର କ୍ଲଷ୍ଟରର ଲେଖନପୁର ଓ ରାୟପୁର ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷକମାନେ ପାଳି କରି ଯାଆନ୍ତି । ଲେଖନପୁର ବିଦ୍ୟାଳୟର ଦୁଇଜଣ ଶିକ୍ଷକ ଶ୍ରୀନିବାସ ପାଇକରାୟ, ନମିତା ନାଥ, ରାୟପୁର ବିଦ୍ୟାଳୟର ଅଜୟ କୁମାର ସାହୁ ଓ ଅମିୟ କୁମାର ପରିଡ଼ା ଉଭୟ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସପ୍ତାହକୁ ୩ଦିନ ଲେଖାଏଁ ପାଳି କରି ବିଦ୍ୟାଳୟକୁ ଯାଆନ୍ତି । ରାୟପୁର କ୍ଲଷ୍ଟର ସି.ଆର.ସି. ପ୍ରମୋଦ ଭୂକ୍ତଳଙ୍କ ଛତ୍ରଛାୟା ତଳେ ଥିବାରୁ ସେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ସୁରକ୍ଷା ଯୋଗାଇ ଦେଇଆସୁଛନ୍ତି । ସେହିପରି ରାୟପୁର କ୍ଲଷ୍ଟରରେ ଅନେକ ବିଦ୍ୟାଳୟ ରହିଛି । ସେହି ବିଦ୍ୟାଳୟ ଗୁଡ଼ିକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଠିକ୍ ସମୟରେ ଆସନ୍ତି ନାହିଁ । ଯାହାଦ୍ୱାରା ବିଦ୍ୟାଳୟ ଗୁଡ଼ିକରେ ଠିକ୍ ସମୟରେ ପାଠ ପଢା ଆରମ୍ଭ ହୋଇପାରେ ନାହିଁ । ବିଦ୍ୟାଳୟ ଗୁଡ଼ିକର ଖୋଲିବା ଏବଂ ବନ୍ଦ କରିବା ସମୟ ନିର୍ଘଣ୍ଟ ଧାର୍ଯ୍ୟ ହୋଇଥିଲେ ମଧ ପ୍ରଧାନଶିକ୍ଷକ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ମନଇଚ୍ଛା ଘଣ୍ଟାଏ ଦୁଇଘଣ୍ଟା ବିଳମ୍ବରେ ଆସୁଛନ୍ତି । ସେହିପରି ଉକ୍ତ କ୍ଲଷ୍ଟର ଅଧିନରେ ଅଛି କୃଷ୍ଣପୁର ବିଦ୍ୟାଳୟ । ସେଠାରେ ରାଜ୍ୟ ସରକାର ଅଷ୍ଟମ ଶ୍ରେଣୀ ଖୋଲିଛନ୍ତି । ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଛନ୍ତି ଦିବାକର ସାହୁ । ସେ ଲେଭୁଲ-୪ ର ଜଣେ ଶିକ୍ଷକ । ସେ ମହାଶୟ କୃଷ୍ଣପୁର ବିଦ୍ୟାଳୟରେ ଦୀର୍ଘ ୨୮ ବର୍ଷ ଧରି ଗୋଷ୍ଠୀ ଶିକ୍ଷାଅଧିକାରୀମାନଙ୍କୁ ହାତ କରି କାର୍ଯ୍ୟକରୁଛନ୍ତି । ଉକ୍ତ ବିଦ୍ୟାଳୟରେ ଜଣେ ଲେଭୁଲ-୩ ସ୍ଥାୟୀ ପ୍ରଧାନଶିକ୍ଷକ ଆବଶ୍ୟକ । ଏହାକୁ ଉପଲବ୍ଧ କରି ଗତ ଅକ୍ଟୋବର ମାସରେ ଗୋଲବାଇ ବିଦ୍ୟାଳୟର ରଜନିବାଳା ମହାପାତ୍ରଙ୍କୁ ଲେଭଲ-୩ ପ୍ରଧାନଶିକ୍ଷକ ଭାବରେ କୃଷ୍ଣପୁର ବିଦ୍ୟାଳୟକୁ ବଦିଳି କରାଗଲା । ମାତ୍ର ସେଠାରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଉକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଆଜି ପର୍ଯ୍ୟନ୍ତ ଦାୟିତ୍ୱ ହସ୍ତାନ୍ତରିତ କରିନଥିବା ଜଣାପଡ଼ିଛି । ସେ ମହାଶୟ ରାଜନୈତିକ ଚାପ ପ୍ରୟୋଗ କରି ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସେଠାରୁ ବିତାଡ଼ିତ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ସେ ମଧ ବିଦ୍ୟାଳୟର ଦୁଇଜଣ ଶିକ୍ଷୟିତ୍ରୀ ବିଦ୍ୟାଳୟ ଛୁଟିପରେ ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କୁ ଟିୟୁସନ କରିବା ପାଇଁ ସେହି ବିଦ୍ୟାଳୟରେ ଅନୁମତି ଦେଇଛନ୍ତି ଯାହାକି ବେନିୟମ ଅଟେ । ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ମଧ ବହୁ ଦୁର୍ନୀତି କରାଯାଉଛି । ସପ୍ତାହର ପ୍ରତ୍ୟେକ ଶନିବାର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅଣ୍ଡା ଦେବାର ନିୟମ ଥିଲେ ମଧ ଦିଆଯାଉ ନାହିଁ । କାରଣ ଶନିବାର ଦିନ କୌଣସି ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଣ୍ଡା ଖାଉ ନାହାଁନ୍ତି । ତେଣୁ ଶନିବାର ଛାତ୍ରଛାତ୍ରୀମାନଙ୍କୁ ଅଣ୍ଡା ଖାଇବା ମନା । ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କୁ ଠିକ୍ ଭାବରେ ଶିକ୍ଷାଦାନ କରାଯାଉ ନଥିବା ନେଇ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଉପରିସ୍ଥ ଶିକ୍ଷାଅଧିକାରୀମାନେ ବିଦ୍ୟାଳୟର ପରିଦର୍ଶନ କେବେ ଆସନ୍ତି ନାହିଁ କି ଛାତ୍ର ଛାତ୍ରୀମାନଙ୍କର ଶିକ୍ଷାଦାନ ବିଷୟରେ କିଛିବି ବୁଝନ୍ତି ନାହିଁ । ଏ ସମ୍ପର୍କରେ ଶିକ୍ଷାବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତଥା ଖୋର୍ଦ୍ଧା ଜିଲ୍ଲାପାଳ ବିଶେଷ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

# ଫେବୃଆରୀ ୨୨ରୁ ମ୍ୟାଟ୍ରିକ ପରୀକ୍ଷା

**କଟକ :** ୨୦୧୯ର ମ୍ୟାଟ୍ରିକ ପରୀକ୍ଷା ଫେବୃଆରୀ ୨୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି । ମ୍ୟାଟ୍ରିକ ପରୀକ୍ଷା ସହ ରାଜ୍ୟ ଓପେନ ସ୍କୁଲ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ମଧ ଏହି ସମୟରେ ଅନୁଷ୍ଠିତ ହେବ। ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ପ୍ରଥମ ସିଟିଂ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସଂସ୍କୃତ ମଧ୍ୟମା ଓ ରାଜ୍ୟ ଓପନ ସ୍କୁଲ ପରୀକ୍ଷା ଦ୍ୱିତୀୟ ସିଟିଂ ୧ଟା ୩୦ରୁ ୪ଟା ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ଦିନ ପରୀକ୍ଷାର୍ଥୀଙ୍କୁ ୧୫ ମିନିଟ ଅଧିକ ସମୟ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ପରୀକ୍ଷାର୍ଥୀମାନଙ୍କ ପାଇଁ ଏ, ବି, ସି ଓ ଡି ଭଳି ୪ଟି ସେଟ୍‌ରେ ପ୍ରଶ୍ନପତ୍ରରେ ପରୀକ୍ଷା ଦେବାକୁ ପଡ଼ିବ। ପାସ୍ ପାଇଁ ଉଭୟ ଅବଜେକ୍ଟିଭ ଓ ସବଜେକ୍ଟିଭ୍‌ରେ ସର୍ବନିମ୍ନ ୧୫ ନମ୍ବର ରଖିବା ବାଧ୍ୟତାମୂଳକ କରାଯାଇଛି। ତେବେ ରାଜ୍ୟ ଓପନ ସ୍କୁଲ ପାଇଁ ଏହା ଲାଗୁ ହେବ ନାହିଁ। ଫେବୃଆରୀ ୨୨ରେ ପ୍ରଥମ ଭାଷା(ଓଡ଼ିଆ, ବଙ୍ଗଳା, ହିନ୍ଦି, ଉର୍ଦ୍ଦୁ, ତେଲଗୁ) ଏବଂ ଅଲଟରନେଟିଭ ଇଂରାଜୀ, ୨୫ରେ ଦ୍ୱିତୀୟ ଭାଷା(ଇଂରାଜୀ, ହିନ୍ଦି), କେବଳ ମୂକ ବଧିର ପରୀକ୍ଷାର୍ଥୀଙ୍କ ପାଇଁ ପରିବେଶ ଓ ଜନସଂଖ୍ୟା ଶିକ୍ଷା, ୨୭ରେ ତୃତୀୟ ଭାଷା(ହିନ୍ଦି, ଓଡ଼ିଆ, ପାର୍ସୀ), କେବଳ ମୂକ ବଧିର ଓ ଭୋକେସନାଲ ପରୀକ୍ଷାର୍ଥୀଙ୍କ ଆଇଟି, ଟିଟି, ଆରଟି ଓ ବିଏଫ ଥିଓରି ପରୀକ୍ଷା, ୨୮ରେ ତୃତୀୟ ଭାଷା ସଂସ୍କୃତ, ମାର୍ଚ୍ଚ ୨ରେ ଗଣିତ, ୬ରେ ବିଜ୍ଞାନ, ୮ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ। ସେହିଭଳି ମାର୍ଚ୍ଚ ୩ରେ ତୃତୀୟ ଭାଷା ଭିଜୁଆଲ ଆର୍ଟର ପ୍ରାକ୍ଟିକାଲ ପରୀକ୍ଷା ୯ଟାରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କୁ ୮ଟା ୩୦ରେ ଓଏମଆର ଏବଂ ୮ଟା ୪୫ମିନିଟରେ ଉଭୟ ଅବଜେକ୍ଟିଭ ଓ ସବଜେକ୍ଟିଭ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ଅବଜେକ୍ଟିଭ ପରୀକ୍ଷା ୯ଟାରୁ ୧୦ଟା ପର୍ଯ୍ୟନ୍ତ ଏବଂ ଗଣିତରେ ୧୦ଟା ୧୫ ମିନିଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନବମ ଶ୍ରେଣୀ ଭୋକେସନାଲ ପରୀକ୍ଷା ମାର୍ଚ୍ଚ ୭ରେ ସଂପୃକ୍ତ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା କେନ୍ଦ୍ରରେ ସକାଳ ୯ଟାରୁ ୧୦ଟା ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି ସଂସ୍କୃତ ମଧ୍ୟମା ଉଭୟ ରେଗୁଲାର ଏବଂ ଏକ୍ସ ରେଗୁଲାର ଛାତ୍ରଛାତ୍ରୀମାନେ ଫେବୃଆରୀ ୨୨ରେ ସଂସ୍କୃତି ବ୍ୟାକରଣ ଓ ଦର୍ଶନ, ୨୩ରେ ସଂସ୍କୃତ ସାହିତ୍ୟମ୍, ୨୫ରେ ପ୍ରୟୋଗାତ୍ମକ ସଂସ୍କୃତ(କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ), ୨୬ରେ ମାତୃଭାଷା(ଓଡ଼ିଆ, ହିନ୍ଦି), ୨୭ରେ ଗଣିତ, ୨୮ରେ ବିଜ୍ଞାନ, ମାର୍ଚ୍ଚ ୧ରେ ସାମାଜିକ ବିଜ୍ଞାନ ଓ ୨ରେ ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହେବ। ପୁନଶ୍ଚ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ପରୀକ୍ଷାର୍ଥୀମାନେ ଫେବୃଆରୀ ୨୨ରେ ଇଂରାଜୀ, ୨୩ରେ ପେଣ୍ଟିଂ, ୨୫ରେ ଓଡ଼ିଆ, ତେଲଗୁ, ଉର୍ଦ୍ଦୁ, ହିନ୍ଦି, ସଂସ୍କୃତ, ୨୬ରେ ପେଣ୍ଟିଂ ପ୍ରାକ୍ଟିକାଲ, ୨୭ରେ ଗଣିତ, ୨୮ରେ ହୋମସାଇନ୍ସ, ମାର୍ଚ୍ଚ ୧ରେ ବିଜ୍ଞାନ, ୨ରେ ଇତିହାସ କଲଚର ଆଣ୍ଡ ହେରିଟେଜ, ୩ରେ ହୋମ ସାଇନ୍ସ ପ୍ରାକ୍ଟିକାଲ ଏବଂ ୬ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ଜାହାଁନାରା ବେଗମ୍, ସଂପାଦକ ରାମାଶିଷ ହାଜରା ଏବଂ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅସମ୍ଭବ ନୁହେଁ ...

ସମ୍ପ୍ରତି ପ୍ରଶାସନିକ ଦାୟିତ୍ୱ ଛାଡି ବିଜେପିରେ ଯୋଗ ଦେଇଥିବା ଅପରାଜିତା ଷଡଙ୍ଗୀ ସାଧାରଣ ଲୋକଙ୍କ ସହ ସମ୍ପର୍କ ରକ୍ଷା କରି ଦଳକୁ ଆଗକୁ ନେବା ପାଇଁ ଅଣ୍ଟା ଭିଡିଛନ୍ତି । ହେଲେ ଓଡ଼ିଶାରେ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ତାକୁ ନେଇ ଦଳ ଭିତରେ ଛକାପଞ୍ଝା ଚାଲିଥିବାର ଜଣାପଡିଛି । କାରଣ ନିକଟରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଧର୍ମେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିଥିଲେ ବି ପରେ ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ କହିଥିଲେ, ଦଳରେ ଅନେକ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି । ତେଣୁ ୨୦୧୯ ନିର୍ବାଚନ ରାଜ୍ୟରେ ବିଜେପି କାହା ନେତୃତ୍ୱରେ ନିର୍ବାଚନ ଲଢ଼ିବ ତାହା ମଧ ସନ୍ଦେହ ଘେରରେ । ଚର୍ଚ୍ଚା ଅନୁସାରେ ଅପରାଜିତା ଭୁବନେଶ୍ୱରରୁ ବିଜେପିର ଲୋକସଭା ପ୍ରାର୍ଥୀ ହୋଇପାରନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ଦାବିଦାର ତାଲିକାରୁ ତାଙ୍କୁ ବାଦ୍ ଦେଲେ ବିଜେପିରେ ଧର୍ମେନ୍ଦ୍ର କିମ୍ବା ଆଉ କିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତାହା ସ୍ପଷ୍ଟ ହୋଇନି । ତେବେ ଆଗାମୀ ନିର୍ବାଚନରେ ଓଡ଼ିଶାରେ ଦୁଇ ଜାତୀୟ ଦଳ ସହିତ ଆଞ୍ଚଳିକ ଦଳ ବିଜେଡିର କଡା ଟକ୍କର ହୋଇପାରେ । ଓଡ଼ିଶାର ଭୋଟରମାନେ ଯଦି ଛତିଶଗଡ଼ ବା ମଧ୍ୟପ୍ରଦେଶର ଭୋଟରମାନଙ୍କ ଭଳି ପରିବର୍ତ୍ତନ ମୁହାଁ ହେବେ ତେବେ ଏହା ବିଜେଡି ପାଇଁ ମହଙ୍ଗା ପଡିବ । ଯଦିଓ ପାଞ୍ଚଟି ରାଜ୍ୟର ନିର୍ବାଚନ ଫଳାଫଳ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପିର ଋଷୀ ବିରୋଧୀ ନୀତି ପାଇଁ ଦଳ ହାରିଲା କହୁଛନ୍ତି ତେବେ ଓଡ଼ିଶାରେ କ'ଣ ଋଷୀମାନେ ସମସ୍ୟାରେ ନାହାନ୍ତି କି ? ଋଷୀଙ୍କ ପାଇଁ ଯଦି ତିନୋଟି ରାଜ୍ୟରେ ବିଜେପି ନିର୍ବାଚନରେ ପରାଜୟବରଣ କଲା ଓଡ଼ିଶାରେ ସେଭଳି ଘଟିବାର ଯଥେଷ୍ଟ ଆଶଙ୍କା ରହିଛି । ତେଣୁ ତିନି ପ୍ରମୁଖ ରାଜନୈତିକ ଦଳ ଭୋଟରଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ ନକଲେ ପାଞ୍ଚଟି ରାଜ୍ୟର ନିର୍ବାଚନ ଫଳାଫଳ ଭଳି ଏଠାରେ ମଧ ସିଧାସଳଖ ପ୍ରଭାବ ପଡିବ । ରାଜ୍ୟରେ କୃଷି ଓ କୃଷକ ସମସ୍ୟା, ଋଷୀ ଆତ୍ମହତ୍ୟା, ଶିକ୍ଷକମାନଙ୍କ ସମସ୍ୟା ଭଳି ଅନେକ ସମସ୍ୟା ରହିଛି । ଯାହାର ସ୍ଥାୟୀ ସମାଧାନ କରିପାରି ନାହାନ୍ତି ରାଜ୍ୟ ସରକାର । ତେଣୁ ଏଭଳି ପରିସ୍ଥିତିରେ ୨୦୧୯ ନିର୍ବାଚନରେ ଓଡ଼ିଶାରେ ଯେ ପରିବର୍ତ୍ତନ ଅସମ୍ଭବ ନୁହେଁ କିଏ କହିବ ।

### କଥା ହେଲେ ...

ଉଲ୍ଲେଖଯୋଗ୍ୟ, ଦିନେ ଜଙ୍ଗଲରେ ଘୂରିବୁଲି ଯେଉଁମାନେ ରାଜନେତା, ପ୍ରଶାସକ ଓ ସାଧାରଣ ଲୋକଙ୍କୁ ହତ୍ୟା କରିବାକୁ ସାମାନ୍ୟତମ କୁଣ୍ଠାବୋଧ କରୁନଥିଲେ ଆଜି ସେମାନେ ଗଣତନ୍ତ୍ର ଉପରେ ଭରସା କରିଛନ୍ତି । ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାର ସ୍ୱାଦ ଚାଖିଛନ୍ତି । ଏବେ ସରକାରଙ୍କ ଶାସନ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଶାନ୍ତି ଜଙ୍ଗଲରେ ନୁହେଁ, ପରିବାରରେ ମିଳେ ବୋଲି ଉପଲବ୍ଧି କରିଛନ୍ତି । ଶାସନ ବ୍ୟବସ୍ଥାର ମୁଖ୍ୟ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କୁ କେବଳ ଭେଟିବା ନୁହେଁ, ତାଙ୍କ ସହ ବସି ଖେଳ ଦେଖିବାର ସୁଯୋଗ ସେମାନଙ୍କୁ ମିଳିଛି । ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଏହି ସୁଯୋଗ ଦେଇଛନ୍ତି । ବନ୍ଧୁକ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରିଥିବା କିଛି ମାଓବାଦୀଙ୍କ ସହ କଳିଙ୍ଗ ଷ୍ଟାଡିୟମ୍‌ରେ ବସି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହକି ଖେଳ ଦେଖିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଏହି ପଦକ୍ଷେପ ସମଗ୍ର ଦେଶ ପାଇଁ ଯେ କେବଳ ଉଦାହରଣ ସୃଷ୍ଟି କରିଛି ତାହା ନୁହେଁ, ଜଙ୍ଗଲରେ ଘରିବୁଲି କଣ୍ଟକିତ ଜୀବନ ବିତାଉଥିବା ମାଓବାଦୀଙ୍କୁ ସମାଜକୁ ଫେରିଆସି ସାଧାରଣ ଜୀବନ ବିତାଇବାକୁ ପ୍ରେରଣା ଯୋଗାଇବ ବୋଲି ଚର୍ଚ୍ଚା ହେଉଛି । ଲାଲକରଡର ଛାଡ଼ିଥିବା ୩୦ ଜଣ କ୍ୟାଡର ଗୁରୁବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବେଲଜିୟମ-ଜର୍ମାନୀ ଓ ଭାରତ-ନେଦରଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହକି ମ୍ୟାଚ ଦେଖିଥିଲେ । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମତି କ୍ରମେ ଜିଲ୍ଲା ପୋଲିସ ସେମାନଙ୍କୁ ଭୁବନେଶ୍ୱର ଆଣିଥିଲା । ନନ୍ଦନକାନନ ବୁଲି ଦେଖିବା ପରେ ସେମାନଙ୍କୁ ହକି ଦେଖିବା ପାଇଁ କଳିଙ୍ଗ ଷ୍ଟାଡିୟମ ନିଆଯାଇଥିଲା । ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ବସି ଖେଳ ଦେଖିବେ ବୋଲି ଯେତେବେଳେ ଜାଣିଥିଲେ, ଆନନ୍ଦରେ ବିଭୋର ହୋଇ ଉଠିଥିଲେ । ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ବସି ଖେଳ ଦେଖିବା ପରେ ଅତ୍ୟନ୍ତ ଉତ୍ସାହିତ ଦେଖିବାକୁ ମିଳିଥିଲା । ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ନିଜ ନିଷ୍ପତ୍ତିକୁ ନେଇ ବହୁତ ଖୁସି ଥିବା କହିଥିଲେ । ରାଜ୍ୟ ସରକାରଙ୍କ ଥାଇଥାନ ଯୋଜନାରେ ଆକୃଷ୍ଟ ହୋଇ ସେମାନେ ଜଙ୍ଗଲ ଛାଡ଼ିଛନ୍ତି ବୋଲି ମତ ଦେଇଥିଲେ । ଏବେ ସରକାରଙ୍କ ଥଇଥାନ ଯୋଜନାରେ ବହୁତ ଖୁସି ବୋଲି ସେମାନେ କହିଥିଲେ । ରାଜ୍ୟ ସରକାରଙ୍କ ଥଇଥାନ ଯୋଜନାରେ ସେମାନଙ୍କୁ ଖୁବ ମିଳିପାରିଛି । ସେମାନଙ୍କୁ ସେଠାରେ ଧନ୍ଦାମୂଳକ ଶିକ୍ଷା ଦିଆଯିବା ସହ ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଉଛି ବୋଲି ସେମାନେ କହିଛନ୍ତି ।

### ଆର୍‌ବିଆଇ ଗଭର୍ଣ୍ଣର ...

କରାଯିବା ଉଚିତ୍ ବୋଲି ସେ କହିଥିଲେ । ବର୍ତ୍ତମାନ ମୁଦ୍ରାସ୍ଫୀତି ହାର ସନ୍ତୋଷଜନକ ରହିଥିବା ବେଳେ ଏହାକୁ ନିୟନ୍ତ୍ରଣରେ ରଖିବା ରିଜର୍ଭ ବ୍ୟାଙ୍କର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ । ସେହିଭଳି ସାଂପ୍ରତିକ ସ୍ଥିତିରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଯାହା କିଛି ସମସ୍ୟା ରହିଛି ସେଗୁଡିକୁ ତୁରନ୍ତ ସମାଧାନ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି । ଆସନ୍ତାକାଲି ମୁମ୍ବାଇ ସ୍ଥିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ସେ ଭେଟିବାର କାର୍ଯ୍ୟକ୍ରମ ରହିଛି । ଏହାଛଡା ଆସନ୍ତା ୧୪ ତାରିଖରେ ହେବାକୁଥିବା ଆର୍‌ବିଆଇ ବୋର୍ଡ ବୈଠକ ଯଥାରୀତି ଅନୁଷ୍ଠିତ ହେବ ବୋଲି ଶ୍ରୀ ଦାସ କହିଛନ୍ତି ।

### ରାଫେଲରେ ...

ଏ ନିଷ୍ପତ୍ତି ସରକାରଙ୍କର ଏବଂ ଏଥିରେ କୋର୍ଟଙ୍କର କିଛି କରିବାର ନାହିଁ । ସୂଚନାଥାଉ କି, ଗତ ନଭେମ୍ବର ୧୪ରେ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତ ଏକାଧିକ ଜନସ୍ୱାର୍ଥ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଥିଲେ । ଆଡ୍‌ଭୋକେଟ୍ ଏମ୍‌ଏଲ୍ ଶର୍ମା ରାଫେଲ ଜେଟ୍ ଖର୍ଦ୍ଦି ନେଇ ପ୍ରଥମେ ମାମଲା ରୁଜୁ କରିଥିଲେ । ଏହାପରେ ଅନ୍ୟ ଜଣେ ଓକିଲ ବିନୀତ ଧଣ୍ଡା ସୁପ୍ରିମକୋର୍ଟରେ ଆବେଦନ କରି କୋର୍ଟ ତଦାରଖରେ ଏହି ଚୁକ୍ତିର ତଦନ୍ତ କରାଯିବାକୁ ପ୍ରାର୍ଥନା କରିଥିଲେ । ଆପ୍ ନେତା ସଞ୍ଜୟ ସିଂହ ମଧ ଏଥିନେଇ ଆବେଦନ କରିଥିଲେ । ୩ଟି ଆବେଦନ ଦାଖଲ ହେବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶବନ୍ତ ସିହ୍ନା ଓ ଅରୁଣ ସୌରୀ ସାମାଜିକ କର୍ମୀ ତଥା ଓକିଲ ପ୍ରଶାନ୍ତ ଭୂଷଣଙ୍କ ସହ ସୁପ୍ରିମକୋର୍ଟକୁ ଯାଇଥିଲେ । ଏହି ଅନିୟମିତତା ଅଭିଯୋଗ ଉପରେ ଏତଲା ରୁଜୁ କରିବା ଲାଗି ସିବିଆଇକୁ ନିର୍ଦ୍ଦେଶ ଦିଆଯିବାକୁ କୋର୍ଟଙ୍କୁ ପ୍ରାର୍ଥନା କରିଥିଲେ । ଏଥିପୂର୍ବରୁ କେନ୍ଦ୍ର ସରକାର ୩୬ଟି ରାଫେଲ ଜେଟ୍ ଖର୍ଦ୍ଦି ଯଥାର୍ଥ ବୋଲି ଦର୍ଶାଇ ଏହାର ମୂଲ୍ୟ ସମ୍ପର୍କରେ ସାଧାରଣରେ ତଥ୍ୟ ପ୍ରଘଟ କରିବାକୁ ମନା କରିଦେଇଥିଲେ । ସୁପ୍ରିମ୍‌କୋର୍ଟଙ୍କ ରାୟ ଉପରେ ପ୍ରତିକ୍ରିୟା ରଖି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧି କହିଛନ୍ତି ଯେ, ରାଫେଲ ସମ୍ବନ୍ଧୀୟ ସିଏଜି ରିପୋର୍ଟ ପିଏସିକୁ ଦିଆଯାଇଛି ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି, ମାତ୍ର ପିଏସିକୁ ଏହି ରିପୋର୍ଟ ମିଳିନାହିଁ । ଏନ୍‌ଡିଏ ସରକାରଙ୍କ ରାଫେଲ ଚୁକ୍ତି ବେଳେ ଫ୍ରାନ୍ସରେ ବାସ୍ତବରେ କ'ଣ ଘଟିଥିଲା ତାହା କେବଳ ମୋଦି ହିଁ ଜାଣିଛନ୍ତି । ସଂଯୁକ୍ତ ସଂସଦୀୟ ସମିତି (ଜେପିସି) ତଦନ୍ତ ହେଲେ ଦୁର୍ନୀତି ପଦାକୁ ଆସିବ ବୋଲି ସେ ଅଭିଯୋଗ କରିଛନ୍ତି । ରାହୁଲଙ୍କ ପ୍ରତିକ୍ରିୟା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଓ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଜେପିସି ତଦନ୍ତର ଆଦୌ ପ୍ରଶ୍ନ ଉଠୁନାହିଁ । ଏଥିପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ କଂଗ୍ରେସ ଅଧକ୍ଷ ଦେଶବାସୀଙ୍କ ନିକଟରେ କ୍ଷମା ମାଗିବାକୁ ଦାବି କରିଥିଲେ ।

### ଅମିତାଭ ...

ଅଧକ୍ଷତାରେ ଅନୁଷ୍ଠିତ ଜ୍ଞାନପୀଠ ପୁରସ୍କାର ମନୋନୟନ କମିଟି ବୈଠକରେ ସର୍ବସମ୍ମତିକ୍ରମେ ଅମିତାଭଙ୍କୁ ୫୪ତମ ଜ୍ଞାନପୀଠ ବିଜେତା ଘୋଷଣା କରାଯାଇଛି । ୧୯୫୬ ମସିହାରେ ଜନ୍ମିତ ଅମିତାଭ କଥା ସାହିତ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି । ଜ୍ଞାନପୀଠ କମିଟିକୁ ଧନ୍ୟବାଦ ଜଣାଇ ଶ୍ରୀ ଘୋଷ କହିଛନ୍ତି, ଆଜିର ଦିନ ମୋ ପାଇଁ ଚମକପ୍ରଦ । ଏପରି ତାଲିକାରେ ମୋ ନାଁ ଯେ କେବେ ଯୋଡ଼ିହେବ ତାହା ଭାବିନଥିଲି । ଏହି ତାଲିକାରେ ଅନେକ ବ୍ୟକ୍ତିଙ୍କ ନାମ ରହିଛି, ଯେଉଁମାନଙ୍କୁ ମୁଁ ଯଥେଷ୍ଟ ସମ୍ମାନ କରେ । ଅମିତାଭଙ୍କ ପ୍ରସିଦ୍ଧ ରଚନା ମଧ୍ୟରେ ରହିଛି 'ରିଜନ୍', 'ଦି ଶ୍ୟାଡୋ ଲାଇନ୍ସ', 'ଦି କାଲକାଟା କ୍ରୋମୋଜୋମ୍', 'ଦି ଗ୍ଲାସ୍ ପ୍ୟାଲେସ୍', 'ଦି ହଙ୍ଗ୍ରି ଟାଇଡ୍' ଓ 'ସି ଅଫ୍ ପପିଜ୍' ଇତ୍ୟାଦି । ଇଂରାଜୀ ଭାଷାରେ ସାହିତ୍ୟ ସର୍ଜନା କରୁଥିବା ଭାରତୀୟ ସାହିତ୍ୟକମାନଙ୍କ ମଧ୍ୟରେ ଶ୍ରୀ ଘୋଷ ଦେଶ ବିଦେଶରେ ବେଶ୍ ଜଣାଶୁଣା । ଆଧୁନିକତା ସହ ଇତିହାସର ଧାରାକୁ ଯୋଡ଼ି ଶ୍ରୀ ଘୋଷ ସାହିତ୍ୟ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସମ୍ପ୍ରତି ଶ୍ରୀ ଘୋଷ ଆମେରିକାର ନ୍ୟୁୟର୍କରେ ରହୁଛନ୍ତି ।

### ଭୋଟ ହାତେଇବାରେ ...

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ହିତାଧିକାରୀମାନଙ୍କୁ ପ୍ରତି ମାସ ୧୫ରୁ ୨୦ ପର୍ଯ୍ୟନ୍ତ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ୟାମ୍ପ ଆୟୋଜନରେ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀମାନଙ୍କ ସହାୟତା ନିଆଯିବ । ପିଠା କ୍ୟାମ୍ପର ଆୟୋଜନର ଯଥେଷ୍ଟ ଆଗରୁ ସ୍ଥାନୀୟ ଲୋକଙ୍କୁ ଏନେଇ ସଚେତନ କରାଯିବ । ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ପିଠା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ଯୋଜନାର ହିତାଧିକାରୀମାନେ କିପରି ସେମାନଙ୍କର ହକ୍ ପାଇପାରିବେ, ତାକୁ ନଜରରେ ରଖି ରାଜ୍ୟ ସରକାର ପିଠା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ପିଠା କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣ ସଶକ୍ତ ହେବା ସହିତ ପ୍ରଶାସନର ଉତ୍ତରଦାୟିତ୍ୱ ବୃଦ୍ଧି ହେବ । ଯୋଜନା ଗୁଡ଼ିକର ସ୍ୱଚ୍ଛତା ବୃଦ୍ଧି ପାଇବ । ଏହି କାର୍ଯ୍ୟକ୍ରମ ପ୍ରତି ମାସ ୧୫ ରୁ ୨୦ ପର୍ଯ୍ୟନ୍ତ ବ୍ଲକ ସ୍ତରରେ ଆୟୋଜନ କରାଯିବ । ତେଣୁ ଏନେଇ ଜନସେଚତନତା ସୃଷ୍ଟି କରାଯିବା ଉପରେ ବିଶେଷ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଓ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ ।

### ଋଷୀଙ୍କ କ୍ରୋଧରେ ...

ସରକାରଙ୍କ କୃଷକ ମାରଣ ନୀତିକୁ ସିଧାସଳଖ ଟାର୍ଗେଟ କରିଛନ୍ତି । ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ପ୍ରମାଣିତ କରୁଛି ଯେ ଚାଷୀ ଏବଂ ଚାଷର ସମସ୍ୟାକୁ ନେଇ ସମ୍ବେଦନହୀନ ରାଜନୈତିକ ଦଳ ଏବଂ ତାଙ୍କର ସରକାର ଆଗାମୀ ନିର୍ବାଚନରେ ପରାଜୟର ସ୍ୱାଦ ଚାଖିବା ସୁନିଶ୍ଚିତ । ଓଡ଼ିଶାରେ ଚାଷୀମାନଙ୍କର ବହୁତ ଗୁଡିଏ ସମସ୍ୟା ରହିଛି । ଏଠାରେ ଚାଷୀମାନେ ଗୁରୁତର ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି । ଯାହାଫଳରେ ଓଡ଼ିଶାରେ ବାରମ୍ବାର ଚାଷୀ ଆତ୍ମହତ୍ୟା ଭଳି ଘଟଣା ଘଟୁଛି । ସେମାନେ ନିଜର ଦୁଃଖ ଜଣାଇବା ପାଇଁ ରାଜଧାନୀକୁ ଆସୁଥିବା ବେଳେ ବାଟରେ ପୋଲସି ଲଗାଇ ସେମାନଙ୍କ ଉପରେ ଜୁଲମ କରାଯାଉଛି । ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ସେହି ଚାଷୀଙ୍କ କ୍ରୋଧରେ ବିଜେଡି ସରକାର ବିତାଡ଼ିତ ହେବ ବୋଲି କହିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ଦେଶବାସୀ ଧର୍ମ ଏବଂ ଜାତିବାଦ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଉଭୟ ବିଜେଡି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ରାଜ୍ୟରେ ଭାଗୁଆଳି ସରକାରରେ ଥିବା ଏହି ଦୁଇଟିଯାକ ଦଳ ଚାଷୀଭାଇମାନଙ୍କ ସ୍ୱାର୍ଥ ରକ୍ଷା କରିବାରେ ସଂପୂର୍ଣ୍ଣ ବିଫଳ । ସ୍ୱାମୀନାଥନ୍ କମିଟି ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପ୍ରସଙ୍ଗରେ ବିଜେଡି ଓ ବିଜେପିର ରହସ୍ୟମୟ ନିରବତା ପ୍ରମାଣିତ କରୁଛି ଯେ ଏ ଦୁଇଟିଯାକ ଦଳ ଚାଷୀ ବିରୋଧୀ । ତେଣୁ ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସ ନିଶ୍ଚିତ ଭାବେ ସରକାର ଗଠନ କରିବାକୁ ଯାଉଛି ବୋଲି ନିରଞ୍ଜନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

### ଛତିଶଗଡ଼ ...

ପାଇଁ ଗୁରୁତ୍ୱ ଦେବାରୁ ପରିସ୍ଥିତି ଏଭଳି ହୋଇଛି । ସମ୍ପ୍ରତି ସେଠାରେ ରାଜନୀତି ପରିବର୍ତ୍ତନ ହୋଇଥିବାରୁ ରାଜ୍ୟ କଂଗ୍ରେସ ଛତିଶଗଡ଼ ସରକାରଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ସମସ୍ୟାର ସମାଧାନ ରାସ୍ତା ବାହାର କରିବ ବୋଲି କହିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ଏଥିସହ ମହାନଦୀ ସମସ୍ୟା ପାଇଁ ବିଜେଡି ସରକାର ଦାୟୀ ବୋଲି ସେ ଅଭିଯୋଗ କରିଥିଲେ ।

### 'ଶାନ୍‌ଦାର' ଶ୍ରେଷ୍ଠ ...

ଗଣମାଧ୍ୟମ ପ୍ରତିନିଧିଙ୍କ ଟିପ୍‌ପଣୀ ମଧ ନିଆଯାଇଛି । ଲୋକସଭାରେ ଉପଲବ୍ଧ ତଥ୍ୟକୁ ମଧ ଏଥିରେ ସାମିଲ କରାଯାଇଛି । ହେଲେ ଏହି ସର୍ଭେ ରେ ଭାରତ ସରକାରଙ୍କର କୌଣସି ବି ମନ୍ତ୍ରୀ ସାମିଲ ନଥିଲେ । ଏହି ସର୍ଭେ ପରେ ଶାନଦାର କ୍ୟାଟେଗୋରିରେ ଓଡ଼ିଶାର ବିଜୁ ଜନତା ଦଳର ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ସର୍ବାଗ୍ରେ ରହିଛନ୍ତି । ସେହିପରି ପ୍ରଭାବଶାଳୀ ସାଂସଦ ଭାବେ ଗୁଜରାଟର ବିଜେପି ସାଂସଦ ଡା. କିରିଟ ପ୍ରେମ୍‌ଜି ଭାଇ ସୋଲାଙ୍କି, ବେଜୋଡ଼ ସାଂସଦ ଭାବେ ଦିଲୀର ଡ. ଉଦିତ ରାଜ, ଉତ୍କୃଷ୍ଟ ସାଂସଦ ଭାବେ କଂଗ୍ରେସର ଦିଗ୍‌ଗଜ ମଲ୍ଲିକାର୍ଜୁନ ଖଡ଼ଗେ, ଉର୍ଜାବାନ ସାଂସଦ ଭାବେ ମହାରାଷ୍ଟ୍ରର ସାଂସଦ ସୁପ୍ରିୟା ସୁଲେ, ଅସରଦାର ସାଂସଦ ଭାବେ କେରଳର ଏନକେ ପ୍ରେମଚନ୍ଦ୍ରନ ଶ୍ରେଷ୍ଠ ହୋଇଛନ୍ତି । ସରୋକାର ସାଂସଦ ଭାବେ ଭଦୌହୀର ବୀରେନ୍ଦ୍ର ସିଂ ମସ୍ତ, ଲୋକପ୍ରିୟ ସାଂସଦ ଭାବେ ମଧ୍ୟପ୍ରଦେଶ ସତନାର ଗଣେଶ ସିଂହ, କର୍ମଯୋଦ୍ଧା ସାଂସଦ ଭାବେ ମହାରାଷ୍ଟ୍ର ଅହମଦନଗରର ଦିଲୀପ ଗାନ୍ଧୀ, ଲଗନଶୀଳ ସାଂସଦ ଭାବେ ମଧ ପ୍ରଦେଶର ପ୍ରହ୍ଲାଦ ପଟେଲ, କ୍ଷମତାବାନ ସାଂସଦ ଭାବେ ମୁମ୍ବାଇର ଗୋପାଲ ସେଟ୍ଟୀ, ପ୍ରତିଭାବାନ ସାଂସଦ ଭାବେ ଆସାମର ସିଲଚରର କଂଗ୍ରେସ ସାଂସଦ ସୁସ୍ମିତା ଦେବଙ୍କୁ ଚୟନ କରାଯାଇଛି । ଚର୍ଚ୍ଚିତ ସାଂସଦ ଭାବେ ହରିୟାଣାର ଦୀପେନ୍ଦ୍ର ସିଂହ ହୁଡ୍‌ଡ଼ା, ଆଦର୍ଶ ସାଂସଦ ଭାବେ ସିକିମର ପ୍ରେମ ଦାସ ରାଇ, ଦାୟିତ୍ୱବାନ ସାଂସଦ ଭାବେ ଛତିଶଗଡ଼ର ତାମ୍ରଧ୍ୱଜ ସାହୁ, ଶକ୍ତି ସାଂସଦ ଭାବେ ସନ୍ତୋଷ ଅହଲାବତ, ସଫଳ ସାଂସଦ ଭାବେ ବିହାରର ରଞ୍ଜିତ ରଞ୍ଜନ, ଜାଗରୁକ ସାଂସଦ ଭାବେ ଗୁଜରାଟର ପୁନମବେନ ମ୍ୟାଡ଼ାମ, ବ୍ୟକ୍ତିତ୍ୱ ଥିବା ସାଂସଦ ଭାବେ ମହାରାଷ୍ଟ୍ରର ଶ୍ରମିକ ନେତା ରାଜୁ ସେଟ୍ଟୀ, କର୍ମଠ ସାଂସଦ ଭାବେ ରାଜସ୍ଥାନର ଚନ୍ଦ୍ର ପ୍ରକାଶ ଯୋଶୀ ଶ୍ରେଷ୍ଠ ସ୍ଥାନରେ ରହିଛନ୍ତି । ଯୁବ ସାଂସଦ ଭାବେ ଉତ୍ତର ପ୍ରଦେଶର ଧର୍ମେନ୍ଦ୍ର ଯାଦବ, କର୍ତ୍ତବ୍ୟନିଷ୍ଠ ସାଂସଦ ଭାବେ ବିହାରର ଡା. ସଂଜୟ ଜୟସ୍ୱାଲ, ଅନୁଭବି ସାଂସଦ ଭାବେ ଉତ୍ତର ପ୍ରଦେଶର ମହେନ୍ଦ୍ରନାଥ ପାଣ୍ଡେ, ଯୋଗ୍ୟ ସାଂସଦ ଭାବେ ଶିରୋମଣି ଅକାଳୀ ଦଳର ପ୍ରେମ ସିଂ ଚନ୍ଦୁମାଜରାଙ୍କୁ ସବୁଠାରୁ ଶ୍ରେଷ୍ଠରେ ରହିଛନ୍ତି ।

# ଲାଞ୍ଚ ନେଇ ରାଜସ୍ୱ ନିରୀକ୍ଷକ ଗିରଫ

**ସୋନପୁର :** ସୁବର୍ଣ୍ଣପୁର ଜିଲା ରାମପୁର ତହସିଲ ଅନ୍ତର୍ଗତ ଭାଟବାହାଲି ରାଜସ୍ୱ ନିରୀକ୍ଷକ ଦିଲୀପ ଜେନା ଜମି ଚିହ୍ନଟ ମାମଲାରେ ଜଣେ ବ୍ୟକ୍ତିଙ୍କ ଠାରୁ ୧୫ ଶହ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିବା ଘଟଣା ଆଲୋଚନାର ବିଷୟ ହୋଇଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କପାସିରା ଗ୍ରାମର ବାଲ୍ମିକୀ ପ୍ରଧାନଙ୍କ ସହ ତାଙ୍କ ନିଜ କାକାଙ୍କ ମଧ୍ୟରେ ଜମିଜମା ବିବାଦ ରହିଥିଲା । ଏହି ମାମଲାରେ ବାଲ୍ମିକୀ ରାମପୁର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତରେ ୧୪୪ ମାମଲା ଦାୟର କରିଥିଲେ । ମାମଲାରେ ମାନ୍ୟବର ଅଦାଲତ ଅପର ପକ୍ଷଙ୍କୁ ବିବାଦୀୟ ଜମିକୁ ପ୍ରବେଶ ପାଇଁ ବାରଣ କରିଥିବା ବେଳେ ଡିସେମ୍ବର ୬ ସୁଦ୍ଧା ସ୍ଥାନ ଚିହ୍ନଟ କରି ଆବଶ୍ୟକ ରିପୋର୍ଟ ଦେବାକୁ ଭାଟବାହାଲି ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନ ଚିହ୍ନଟ ପାଇଁ ବାରମ୍ବାର ବାଲ୍ମିକୀ ଭାଟବାହାଲି ରାଜସ୍ୱ ନିରୀକ୍ଷକଙ୍କୁ ଅନୁରୋଧ କରିଥିଲେ ମଧ୍ୟ ୧୫ ଟଙ୍କା ଲାଞ୍ଚ ନଦେଲେ ସ୍ଥାନ ଚିହ୍ନଟ କରିବାକୁ ମନା କରି ଦେଇଥିଲେ । ଫଳରେ ବାଲ୍ମିକୀ ବାଧ୍ୟ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ବୁଧବାର ପୂର୍ବ ଯୋଜନା ମୁତାବକ ରାଜସ୍ୱ ନିରୀକ୍ଷକ ଦିଲିପ ଜେନା ନିଜ କାର୍ଯ୍ୟାଳୟରେ ବାଲ୍ମିକୀଙ୍କ ଠାରୁ ୧୫ ଶହ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ । ସମ୍ବଲପୁର ଡିଏସପି ଦିଲି କର, ବରଗଡ ଡିଏସପି ବିରେନ୍ଦ୍ର ନାଏକ, ସୋନପୁର ଇନ୍ସପେକ୍ଟର ସୁବାସ ମିଶ୍ର, ବଲାଙ୍ଗିର ଇନ୍ସପେକ୍ଟର ଅଭୟ ପ୍ରଧାନ, ନନ୍ଦକିଶୋର ବଗର୍ତ୍ତି, ଝସକେତନ ବାରିକ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ବଲାଙ୍ଗିର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

# ସରକାରୀ କାର୍ଯ୍ୟାଳୟ ନିକଟରେ ବିକ୍ରି ହେଉଛି ମଦ

**ପଟ୍ଟାମୁଣ୍ଡାଇ :** ଡେରାବିଶ ବ୍ଲକ ଅନ୍ତର୍ଗତ ଡେରାବିଶ ତହସିଲ ପାଖରେ ଚାଲିଛି ମଦ ବ୍ୟବସାୟ । ସରକାରଙ୍କ ନିୟମ ଅନୁଯାଇ ଜାତୀୟ ରାଜପଥ ଠାରୁ ୧କି.ମି ଦୂରତା ମଧ୍ୟରେ ମଦ ଦୋକାନ ଖୋଲା ଯାଇ ପାରିବ ନାହିଁ । ମାତ୍ର ଏହି ମଦ ଦୋକାନଟି ଏପରି ଏକ ସ୍ଥାନରେ ରହିଛି ଯେ ଯେଉଁଠି ତାର ଚର୍ତୁପାଶ୍ୱରେ ଘେରି ରହିଛି ଅନେକ ସରକାରୀ କାର୍ଯ୍ୟାଳୟ । ମଦ ଦୋକାନଟି ଚାଟରାଚକୋଡା ଇଲେକ୍ଟ୍ରି ଅଫିସକୁ ଲାଗି ରହିଥିବା ବେଳେ ଏହାର ନିକଟରେ ରହିଛି ଡେରାବିଶ ତହସିଲ , ବାଳିକା ଉଚ୍ଚ ବିଦ୍ୟାଳୟ, ବାଳିକା ମହା ବିଦ୍ୟାଳୟ, ବ୍ୟାଙ୍କ, ଗୋଷ୍ଠି ଶ୍ୱାସ୍ଥ୍ୟ କେନ୍ଦ୍ର ଡେରାବିଶ, ଦୁଇଟି ବିଦ୍ୟାଳୟ, ପଲିଟେକନିକ୍ କଲେଜ କେନ୍ଦ୍ରାପଡା, ଚାଟରାଚକଡା ଗ୍ରାମ ପଂଚାୟତ ଅଫିସ ଓ ଫାଣ୍ଡି ଭଳି ସରକାରୀ କାର୍ଯ୍ୟାଳୟ । ମଦ ଦୋକାନଟି ଯେଉଁ ରାସ୍ତା କଡକୁ ରହିଛି , ତାହା ୫ନଂ(କ) ଜାତୀୟ ରାଜ ପଥ ସହ ଡେରାବିଶ ମୁଖ୍ୟ ବଜାରକୁ ସଂଯୋଗ କରୁଛି । ଏହି ମାର୍ଗରେ ମଦ୍ୟପ ମାନଙ୍କ ଅଶିଳ ବ୍ୟବହାର ଓ ଅସାବଧାନ ଗାଡି ଚାଳନା ଜନ ସମୁହ ପାଇଁ କଷ୍ଟ ଦାୟକ ହେଉଛି । ସବୁଠୁ ବଡ କଥା ହେଉଛି ସ୍ଥାନୀୟ ସରକାରୀ କାର୍ଯ୍ୟାଳୟ ପଛପଟରେ ମଦ ବୋତଲ ଗଡୁଥିବାର ପରିଲକ୍ଷିତ ହେଉଛି । "ଏହା ପ୍ରଶାସନର ଉଦାସିନତା ନୁହେଁ ତ ଆଉ କଣ" ଏହା ସବୁଠୁ ବଡ ପ୍ରଶ୍ନ ବାଚି ସୃଷ୍ଟି କରିଛି ।

# ବଳଭଦ୍ରପୁର ଶିଶୁ ବିଦ୍ୟାମନ୍ଦିରରେ ରକ୍ତଦାନ ଶିବିର

**ଡେରାବିଶ :** ଡେରାବିଶ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଅବସରରେ ଏକ ରକ୍ତଦାବ ଶିବିର ଆୟୋଜନ କରାଯାଇଥିଲା । ଆମ ଓଡିଶା ଓ ପୂର୍ବତନ ଛାତ୍ର ସଂସଦ ମିଳିତ ଆନୁକୁଲ୍ୟରେ ଏହି ରକ୍ତଦାନ ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବରିଷ୍ଠ ଶିକ୍ଷାବିତ୍ ଶ୍ରୀଯୁକ୍ତ ଗୁରୁ ଚରଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଶିବିରରେ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ଏହି ରକ୍ତଦାନ ଶିବିରରେ ପ୍ରାକ୍ତନ ଛାତ୍ର ସଂସଦର ସଦସ୍ୟ ବିଶ୍ୱଜିତ ସ୍ୱାଇଁ,ରଜନୀକାନ୍ତ ସ୍ୱାଇଁ, ସ୍ୱାଧୀନ ସୁନ୍ଦରରାୟ ପ୍ରଭୃତି ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ । ଏଥି ସହିତ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ତଥା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ନବୀନ କୁମାର ସାହୁ ଏହି ଶିବିରର ସୁପରିଚାଳନା କରିଥିଲେ । ଶେଷରେ ଡେରାବିଶ ସମ୍ବାଦର ପ୍ରତିନିଧି ଖୁର୍ସିଦ ଆଲାମ ଖାଁ ଏହି ଶିବିରର ସଫଳତା ନିମନ୍ତେ ସମସ୍ତ ରକ୍ତଦାତା ଓ କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡେରାବିଶ ମହୋତ୍ସବର ପ୍ରସ୍ତୁତି ବୈଠକ

**ଡେରାବିଶ :** ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ତିଳକପୁରଠାରେ ଡେରାବିଶ ସାଂସ୍କୃତିକ ସଂଗଠନର ସଭାପତି ଶ୍ରୀଯୁକ୍ତ ଦେବୀଦତ୍ତ ମହାନ୍ତିଙ୍କ ଅଧକ୍ଷତାରେ ଡେରାବିଶ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ମହୋତ୍ସବ କମିଟିର ଉପସଭାପତି ଖୁର୍ସିଦ ଆଲାମ ଖାଁ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ । ଅଧାପକ ଗୁରୁ ଚରଣ ସେଠୀ କହିଥିଲେ ଯେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଗୃହପଯୋଗୀ ଉପକରଣ ପ୍ରଦର୍ଶନ କରାଯିବ । ଏହି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରହିଥିଲେ । ଉପଜିଲ୍ଲାପାଳ ସଂଜୟ କୁମାର ମିଶ୍ର ସମସ୍ତ ଦୃଷ୍ଟି କୋଣରୁ ମହୋତ୍ସବରେ ପରିଲକ୍ଷିତ ସମସ୍ତ ଅସୁବିଧାକୁ ଦୂର କରିବାର ପଦକ୍ଷେପ ଗ୍ରହଣ କରିଛନ୍ତି । ତାଙ୍କ ସହ ଗ୍ରାମ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ (ଏସଡିପିଓ) ରାଜୀବ ଲୋଚନ ପଣ୍ଡା, ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗର.ଗୋଲରହାଟ ପଞ୍ଚାୟତର ସରପଞ୍ଚ ପ୍ରଭାତୀ ରାଉତ,ଚାଟର ଚକଡା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା,ଜିଲ୍ଲା ଡିଏସପି ତଥା ଖଦିବୋର୍ଡର ଅଧକ୍ଷ ତେଜେଶ୍ୱର ପରିଡା ଏହି ସଭାରେ ମଞ୍ଚାସୀନ ହୋଇଥିଲେ । ଏଥିସହିତ ଅଗ୍ନିଶମ ବିଭାଗର ମୁଖ୍ୟ ବ୍ଲକ ସ୍ୱସ୍ଥ୍ୟ ଅଧିକାରୀ ଓ ଡେରାବିଶ ସାଂସ୍କୃତିକ ସଂଗଠନର ସମସ୍ତ ସଭ୍ୟ ଏହି ସଭାରେ ଉପସ୍ଥିତଥିଲେ । ତେଜେଶ୍ୱର ପରିଡା ମହୋଦୟ ଖଦି ବୋର୍ଡ ତରଫରୁ ଏହି ମହୋତ୍ସବକୁ ପ୍ରଯୋଜିତ କରିବାପାଇଁ ମତବ୍ୟକ୍ତ କରିଥିଲେ । ଏହି ମହୋତ୍ସବରେ ଅନ୍ୟୁନ୍ୟ ୫ରୁ ୬ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି । ପରିଶେଷରେ ଅଧକ୍ଷ ପ୍ରଭାତ ସାମଲ ଧନ୍ୟ ଅର୍ପଣ କରିଥିଲେ ।

# ସଭାରେ ନିଜ ଲୋକଙ୍କୁ ଦେଖି ଭାବବିହ୍ୱଳ ବିଜୟ



**କେନ୍ଦ୍ରାପଡ଼ା/ମାର୍ଶାଘାଇ :** ନିକଟରେ ମାର୍ଶାଘାଇ ବ୍ଲକ ବାଘଡ଼ିଆର ଗୋଜବାୟାଣୀ ପୀଠରେ ଓଡ଼ିଶାର ବିଶିଷ୍ଟ ରାଜନେତା ବିଜୟ ମହାପାତ୍ରଙ୍କ ସମର୍ଥକମାନଙ୍କ ଦ୍ୱାରା ଏକ ବିଶାଳ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଜେପିରୁ ଇସ୍ତଫା ଦେବାପରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ଅପେକ୍ଷା କରିଥିବା ଜନସାଧାରଣଙ୍କୁ ସଭାରେ ଦେଖି ବିଜୟ ଭାବବିହ୍ୱଳ ହୋଇପଡିଥିଲେ । କର୍ମୀମାନଙ୍କ ମଧ୍ୟରେ ଥିବା ଏଭଳି ଉତ୍ସାହ ତାଙ୍କ ମନୋବଳକୁ ବୃଦ୍ଧି କରିବ ବୋଲି ସେ କହିଥିଲେ । ଶ୍ରୀ ମହାପାତ୍ର କହିଥିଲେ ଦୀର୍ଘ ୧୮ ବର୍ଷଧରି ଆମେ ଅନେକ କିଛି ସହିଛୁ । ଏବେ ପରୀକ୍ଷାର ଶେଷ ଭାଗରେ ପହଞ୍ଚିଛୁ । ୨୦୧୯ ସାଧାରଣ ନିର୍ବାଚନ ଓଡିଶା ରାଜନୀତିରେ ନିର୍ଣ୍ଣାୟକ ଭୂମିକା ନେବ । ବିଜେପିରୁ ଇସ୍ତଫା ଦେବାପରେ ପ୍ରଥମଥର ପାଇଁ କେନ୍ଦ୍ରାପଡ଼ାକୁ ଆସି ଲୋକଙ୍କ ଭିତରେ ଅଭୂତପୂର୍ବ ଜାଗରଣ ଦେଖିଲି ବୋଲି ବିଜୟ ମତ ରଖିଥିଲେ । ଲୋକମାନେ ଥରେ ନିଷ୍ପତ୍ତିନେଲେ କ୍ଷମତା, ବାହୁବଳ ଓ ଅର୍ଥବଳ କାମକରେନି ବୋଲି କହିବା ସହ କହିଥିଲେ ଯେ, ନିକଟରେ ବିଭିନ୍ନ ରାଜ୍ୟରେ ସରିଥିବା ନିର୍ବାଚନରେ ବିଜେପିର ଶୋଚନୀୟ ପରାଜୟର କାରଣ ହେଉଛନ୍ତି ଅହଂକାର ଓ ଆତ୍ମ ବଡ଼ିମା । ଯେଉଁମାନେ କ୍ଷମତାରେ ରହି ଅହଂକାର ଓ ଆତ୍ମଗର୍ବର ଶୀର୍ଷରେ ରୁହନ୍ତି ତାଙ୍କର ଏଭଳି ଦଶା ହୁଏ । ମୋ ପାଇଁ ମାଟି ଆଗ, ମହାନଦୀ ଆଗ । ମହାନଦୀର ରାଜନୈତିକ ବନ୍ୟାରେ ଛତିଶଗଡ଼ର ବିଜେପି ସରକାର ଭାସିଗଲା ବୋଲି ବିଜୟ ପ୍ରକାଶ କରିଥିଲେ । ଏହି ନିର୍ବାଚନରେ ବିଜେପିଠାରୁ ଚାଷୀ ଓ ଆଦିବାସୀ ମୁହଁ ଫେରାଇଲେ । ପୁଞ୍ଜିପତିଙ୍କୁ ପାଣି ଦେବା ବିଜେପି ପାଇଁ ମହଙ୍ଗା ପଡ଼ିଲା । ଅତୀତର ସ୍ମୃତିଚାରଣ କରି ସେ କହିଲେ ଯେ, ୧୮ ବର୍ଷଧରି ବହୁତକଥା ମୁଁ ଓ ମୋ ସାଙ୍ଗରେ ଥିବା ଲୋକମାନେ ସହି ଆସିଛନ୍ତି । ଏତେ ବର୍ଷଧରି ମୋ ଆଖିର ଲୁହକୁ ସେମାନେ ଓ ସେମାନଙ୍କ ଆଖିର ଲୁହକୁ ମୁଁ ଦେଖିଛି । ଆମେ ଲୋକଙ୍କ ନିଷ୍ପତ୍ତି ସହ ରହିବୁ । ଦିଲ୍ଲୀପ ଫେରିବା ପରେ ଖୁବ ଶିଘ୍ର ରାଜନୈତିକ ନିଷ୍ପତି ନିଆଯିବ ବୋଲି ସେ କହିଥିଲେ । ଓଡ଼ିଶାର ଭବିଷ୍ୟତକୁ ନେଇ ବିଭିନ୍ନ ଜିଲ୍ଲା ସହ ଆଲୋଚନା ଚାଲିଛି । ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ସାରା ରାଜ୍ୟକୁ ତିଆରି କରିବ । ଆଗାମୀ ଦିନରେ ନୂଆ ରାଜନୈତିକ ସମୀକରଣ ହେବା ସହିତ ଯାହା ହେବ ତାହା ଓଡ଼ିଶାବାସୀଙ୍କ ପାଇଁ ଭଲହେବ ବୋଲି ପ୍ରକାଶ କରିଥିଲେ । ସବୁଠି ପରିବର୍ତ୍ତନ ଚାଲିଥିବାବେଳେ ରାଜ୍ୟରେ ଅଶାନୁରୂପକ ପରିବର୍ତ୍ତନ ଆସିବ ବୋଲି ସେ କହିଥିଲେ । ତେବେ ଏହି ପରିବର୍ତ୍ତନ ଲୋକେ ଆଣିବେ, ନେତା କେବଳ ଆଗରେ ରହିବେ ବୋଲି ସେ ପ୍ରକାଶ କରିଥିଲେ । ତେବେ ନୂଆ ଦଳ ଗଠନ କରିବେ କି ବୋଲି ପ୍ରଶ୍ନ ହେବାରୁ ସେ ଏହାକୁ ଏଡ଼ାଇ ଯାଇଥିଲେ । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଜୟଙ୍କ ସହିତ ପୂର୍ବତନ ବିଜେପି ସଭାପତି ସୁକାନ୍ତ କୁମାର ଦ୍ୱିବେଦୀ, ଜିଲ୍ଲା ପରିଷଦ ସଦସ୍ୟ ଗଣେଶ ସାମଲ, ଅମ୍ବିକା ପ୍ରସାଦ ପରିଡା, ଅହଲ୍ୟା ଲେଙ୍କା, ସାଗରିକା ମଲ୍ଲିକ୍, ବିଜୟ ସ୍ୱାଇଁ, ରଞ୍ଜନ ଚୌଧୁରୀ, ପ୍ରଶାନ୍ତ ସାମଲ, ରଞ୍ଜିତ ପ୍ରଧାନ, ଅନ୍ନଦା ପ୍ରସାଦ ତ୍ରୀପାଠି, କ୍ଷିତିଶ ଚନ୍ଦ୍ର ଦାସ, ଓ ସାରଦା ପ୍ରସନ୍ନ ବେଉରାଙ୍କ ସମେତ ହଜାର ହଜାର ଶୁଭେଚ୍ଛୁ, ସମର୍ଥକ ଓ କର୍ମୀ ଉପସ୍ଥିତ ରହିଥିଲେ ।

## ବିଜୁ କୃଷକ ଜନତା ଦଳ ପୁନର୍ଗଠିତ

# ପ୍ରସନ୍ନ ଓ ପ୍ରତାପଙ୍କୁ ଦାୟିତ୍ୱ



**ଭୁବନେଶ୍ୱର :** ବର୍ତ୍ତମାନ ସମୟରେ କୃଷକମାନଙ୍କର ସମସ୍ୟାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟ ନାୟକ ବିଜୁ କୃଷକ ଜନତା ଦଳ ପୁର୍ନଃଗଠିତ କରିଛନ୍ତି । ପୂର୍ବ ଘୋଷିତ ସମସ୍ତ ଆଦେଶକୁ ବାଦ୍ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ କୃଷକ ଜନତା ଦଳର ସଭାପତି ଭାବେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଓ ମହାସଚିବ ଭାବେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ନିଯୁକ୍ତି ଦେଇଛନ୍ତି । ଏନେଇ ଦଳ ପକ୍ଷରୁ ଏକ ପ୍ରେସ୍‌ଇସ୍ତାହାର ମାଧ୍ୟମରେ ଅବଗତ କରାଯାଇଛି । ରାଜ୍ୟରେ ବିଭିନ୍ନ ସମୟରେ ଚାଷୀମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ତାହାର ତୁରନ୍ତ ସମାଧାନ ଓ ଚାଷୀମାନଙ୍କର ଆବଶ୍ୟକତାକୁ ପ୍ରାଧାନ୍ୟ ଦେବାକୁ ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ ଦଳର ଏହି ଦୁଇ ବରିଷ୍ଠ ନେତାଙ୍କୁ ଏହି ଗୁରୁଦାୟିତ୍ୱ ଦେଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ବିଜୁ କୃଷକ ଜନତା ଦଳର ମହାସଚିବ ଦାୟିତ୍ୱ ମିଳିବା ପରେ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଚାଷୀମାନଙ୍କର ସମସ୍ୟା କିପରି ସମାଧାନ ହୋଇପାରିବ ସେନେଇ ସରକାର ସବୁବେଳେ ଅଗ୍ରାଧିକାର ଦେଇ ଆସିଛନ୍ତି । ନବୀନ ପଟ୍ଟନାୟକଙ୍କ ସରକାର ହେଉଛି କୃଷକ, କୃଷି ଓ କୃଷକମାନଙ୍କ ସରକାର । କୃଷକମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁସମୟରେ ଅଗ୍ରାଧିକାର ଦେଇ ଆସିଛନ୍ତି । ଯାହା ଜ୍ୱଳନ୍ତ ଉଦାହରଣ ହେଉଛି ଚାଷୀଭାଇମାନଙ୍କ ପାଇଁ ସରକାର ଏକ ସ୍ୱତନ୍ତ୍ର କୃଷି ବଜେଟ୍ ବ୍ୟବସ୍ଥା କରାଯାଇଛି । ଆମ ରାଜ୍ୟରେ ଅନ୍ୟ ବିଭାଗ ତୁଳନାରେ ସବୁଠାରୁ ଅଧିକ ଅଗ୍ରାଧିକର ବଜେଟରେ କୃଷି ଓ କୃଷକମାନଙ୍କ ପାଇଁ ରଖାଯାଇଛି । କୃଷକମାନଙ୍କ ପାଇଁ ଯେଉଁସବୁ ଆନୁସଙ୍ଗିକ ବିଭାଗ ରହିଛି ଜଳସେଚନ ହେଉ ବିଦ୍ୟୁତ ହେଉ ତାହାକୁ ମଧ୍ୟ ସବୁଠାରୁ ଅଗ୍ରାଧିକାର ଦିଆଯାଇଛି । କୃଷକମାନଙ୍କର ସମସ୍ୟାର ସମାଧାନ ପାଇଁ ଆମ ସରକାରରେ ସବୁଠାରୁ ଅଧିକ ଯୋଜନା ମଧ୍ୟ କରାଯାଇଛି ।

# ପ୍ରସିଦ୍ଧ ଧନୁଯାତ୍ରା ପାଇଁ ସ୍ଥାପନ ହେଲା ଶୁଭସ୍ତମ୍ଭ



**ବରଗଡ଼ :** ମାର୍ଗଶୀର ଶୁକ୍ଳ ପଞ୍ଚମୀ ତିଥିରେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପିତ ହୋଇଛି । ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ପରେ ଏକ ଶୋଭାଯାତ୍ରା ହାଟପଦାସ୍ଥିତ ସଞ୍ଚାର ପଡ଼ିଆରେ ପହଞ୍ଚି ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପନ କରାଯାଇଥିଲା । ଶୋଭାଯାତ୍ରା ପହଞ୍ଚିବା ପରେ ରାଜପୁରୋହିତ ପଣ୍ଡିତ ଶିବଶଙ୍କର ଦାଶ ପୂଜାର୍ଚ୍ଚନା କରିଥିଲେ । ପୂଜାରେ ଧନୁଯାତ୍ରା ମହୋତ୍ସବ ସମିତିର ଅଧକ୍ଷ ତଥା ବରଗଡ଼ ଜିଲ୍ଲାପାଳ ଇନ୍ଦ୍ରମଣି ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ତେବେ ଯାତ୍ରାରେ କୌଣସି ବାଧାବିଘ୍ନ ନ ଘଟିବା ପାଇଁ ରାଜପୁରୋହିତ ଦାଶ ଚାରି ଦଶ ଦିଗପାଳ ସହ ଅଷ୍ଟଗୁଳା ନାଗକୁ ପୂଜା କରି ୭୦ ତମ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପନ କରିଥିଲେ । ଏହି ଅବସରରେ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ତପିରାମ ମାଝି, ଉପଜିଲ୍ଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଏଏସ୍‌ପି ଯଶୋବନ୍ତ ନାରାୟଣ ସେନାପତି, ପ୍ରଚାର ପ୍ରସାର କମିଟୀର ଆବାହକ କଲ୍ୟାଣୀ ଦାଶ, ରାଜଗୋପାଲ ଦାଶ ଓ ସୁଶୀଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଶୋଭାଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ଭୁବନେଶ୍ୱର ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ଅଶୋକ ବେହେରା, ରାଜେନ୍ଦ୍ର ପ୍ରସାଦ ସିଂ, ଶ୍ୟାମ ଅଦାବର, ନାରାୟଣ ଭୋଇ, ଦୟାନିଧି ପ୍ରଧାନ, ଅଗ୍ନି ଥପା, ଚୈତନ୍ୟ ପାଇକ, ପୂର୍ବତନ ଉପନଗରପାଳ ଶ୍ରୀମତୀ କଳ୍ପନା ମାଝୀ, ଆର୍ତ୍ତତ୍ରାଣ ମହାପାତ୍ର, ନନ୍ଦିଘୋଷ ମହାପାତ୍ର, ପ୍ରଦୀପ ପଣ୍ଡା , ଗୋଲାପ ଚନ୍ଦ୍ର ଦାଶ, କିଶୋର ମିଶ୍ର, ନେପାଳେଶ୍ୱର ନନ୍ଦ ଓ ଗୋପାଳ ଦାଶ ପ୍ରମୁଖ ସାମିଲ ହୋଇଥିଲେ । ଭୁବନେଶ୍ୱର ପ୍ରଧାନ ବରଗଡ଼ ଧନୁଯାତ୍ରାରେ ଚତୁର୍ଥ ଥର ପାଇଁ ମହାରାଜା କଂସ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି । ଚଳିତ ବର୍ଷର ଧନୁଯାତ୍ରା ଜାନୁୟାରୀ ୧୧ ରୁ ଆରମ୍ଭ ହୋଇ ୨୧ରେ ଶେଷ ହେବ । ୧୧ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଯାତ୍ରା ସମୟରେ ବରଗଡ଼ ସହର ମଥୁରା ନଗରୀ ଓ ଅମ୍ବାପାଲି ଗୋପପୁର ଭାବେ ପରିଚିତ ହେବ । ବରଗଡ଼ ଓ ଅମ୍ବାପାଲି ମଧ୍ୟରେ ବୋହି ଯାଉଥିବା ଜୀରା ନଦୀ ଯମୁନା ନଦୀର ଭୂମିକା ନିର୍ବାହ କରିବ । ଏ ଅବସରରେ ମଥୁରାନଗରୀରେ କଂସର ରାଜତ୍ୱ ଚାଲୁଥିବା ବେଳେ ଗୋପପୁରରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଖେଳର ଦୃଶ୍ୟ ଖୋଲାମଞ୍ଚରେ ଅଭିନୀତ ହେବ ।

# ନିୟନ୍ତ୍ରଣ ବାହାରେ ବାୟୁ ପ୍ରଦୂଷଣ



**ପାରାଦୀପ :** ପାରାଦୀପ ସହରରେ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବଢିଚାଲିଛି । ଏପରିକି ପାରଦୀପ ମଧ୍ୟକୁ ପ୍ରବେଶ କରିବା ମୁସ୍କିଲ ହୋଇ ପଡିଲାଣି ଧୂଳି ଓ ଧୂଆଁ ମାଡରେ ଲୋକେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି ଭଲରେ ରାସ୍ତା ଦେଖାଯାଇନଥିବାରୁ ଜିରୋ ପଏଣ୍ଟ ଠାରୁ ଅଠରବାଙ୍କୀ ଛକ ପର୍ଯ୍ୟନ୍ତ ଯାତାୟତ କରିବାକୁ ଲେକେ ଭୟ କଲେଣି । ଏଠି ଶୀତ ଦିନେ ଭୟଙ୍କର ପ୍ରଦୂଷଣ ଦେଖିବାକୁ ମିଳୁଛି । ଖୋଲା ଗାଡିରେ ବାହାରେ ଘଣ୍ଟାଏ ବୁଲି ଆସିଲେ ପୋଷାକ ଓ ଶରୀରରଙ୍ଗ ବଦଳି ଯାଉଛି । ନାକରନ୍ଧ୍ର ଓ କାନଭିତରେ କଳାଚିକଟା ଭଳି ସମସ୍ତଙ୍କର ବାହାରୁଛି । ସାରା ଓଡିଶାରେ ୪ଟି ସହର ଅଧିକ ପ୍ରଦୂଷଣ ତାଲିକାରେ ଥିଲାବେଳେ ତାଲିକାରେ ପାରଦୀପ ବନ୍ଦର ସମସ୍ତଙ୍କ ଆଗରେ ଅଛି ଏନେଇ ଅଭିଯୋଗ ହେବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଅଠରବାଙ୍କୀ ରୁ ଜିରୋପଏଣ୍ଟ ପର୍ଯ୍ୟନ୍ତ ତିନୋଟି ସ୍ଥାନରୁ ବାୟୁ ପ୍ରଦୂଷଣ ତଥ୍ୟ ସଂଗ୍ରହ କରାଯାଇଛି ହେଲ ଏପର୍ଯ୍ୟନ୍ତ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଲେକେ ହନ୍ତସନ୍ତ ହେଉଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ବନ୍ଦରରେ ପଣ୍ୟ କାରବାର ବେଳେ ସେଥିରୁ ଧୂଳି ବାହାରେ ଏହା ସହ ପିପିଏଲ/ ଇଫକୋ ସାର କାରଖାନାର ଜିପ୍‌ସମ୍ , କୋଇଲା, ଆଦି ବାହାରୁଛି ଏସାର ଷ୍ଟିଲ୍‌ର ଲୁହାପଥର ଗୁଣ୍ଡ ସେହି ଅଞ୍ଚଳରେ ଉଡୁଛି ୨ଟି କାର୍ବନ କାରଖାନାରୁ କୋଇଲାଗୁଣ୍ଡ ଓ ପାଉଁଶ ବାହାରି ବାୟୁ ମଣ୍ଡଳ ରେ ମିଶୁଛି ତୈଳ ବିଶୋଧନା ଗାରରେ ଅନବରତ ୧୩୧ ମିଟର ଉଚତାରେ ନିଆଁ ଜଳୁଛି ଏମିତି ମିଶ୍ରିତ ପଣ୍ୟ ଧୂଆଁ ନିଆଁ ପ୍ରଭାବରେ ସମସ୍ତେ ପ୍ରଭାବିତ ଏଠାରେ ରହୁଥିବା ଲୋକଙ୍କ ମଧ୍ୟରେ ପ୍ରାୟ ୫୦% ଚର୍ମ ରୋଗରେ ପିଡିତ ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବର୍ତ୍ତମାନ ବାୟୁ ପ୍ରଦୂଷଣ ମାତ୍ରା ସାଂଘାତିକ ଭାବେ ବୃଦ୍ଧି ପାଇଛି ସେଥିପାଇଁ ଶିଳ୍ପ ସଂସ୍ଥାର ଗୁଡିକ ପାଣି ସିଞ୍ଚିବା ପାଇଁ ଦାୟିତ୍ୱ ଦିଆଯାଉଛି । ଏହା ସହ ବିଭିନ୍ନ ଶିଳ୍ପ ସଂସ୍ଥା ଗୁଡିକ ଉପରେ ମଧ ନଜର ରଖାଯାଉଛି ।

## ନିଯୁକ୍ତ ହେବେ ସହକାରୀ ସର୍ଜନ

**ଭୁବନେଶ୍ୱର :** ରାଜ୍ୟରେ ଖାଲିପଡିଥିବା ଗ୍ରୁପ୍-ଏ (କନିଷ୍ଠ ଶାଖା)ର ୧୯୫୦ଜଣ ମେଡିକାଲ ଅଫିସର (ସହକାରୀ ସର୍ଜନ) ନିଯୁକ୍ତି ପାଇଁ ନାମ ସୁପାରିସ କରିବାକୁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଅନୁରୋଧ କରାଯାଇଛି ।

## ସାମ୍ବାଦିକ ଆବଶ୍ୟକ

ନିୟମିତ ପ୍ରକାଶ ପାଉଥିବା ନିରପେକ୍ଷ ସାପ୍ତାହିକ ଖବରକାଗଜ **ଏକମାତ୍ର** ପାଇଁ **ବରଗଡ଼ ଜିଲ୍ଲା**ର ସବୁ ଅଞ୍ଚଳରେ ରିପୋର୍ଟର ଆବଶ୍ୟକ । ନିଜ ସମ୍ପର୍କରେ ସବିଶେଷ ତଥ୍ୟ ମେଲ୍ ଯୋଗେ ପଠାଇବାକୁ ଅନୁରୋଧ ।

**ସମ୍ପର୍କ**

ekamaatra@gmail.com
tarakmohanty1970@gmail.com
Cell : 9338225930
9437133777

# ବାଣୀବିହାର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




**ଭୁବନେଶ୍ୱର :** ଗତ ରବିବାର ଦିନ ବାଣୀବିହାର ପରିସରରେ ଥିବା ଫାକଲ୍‌ଟି କ୍ଲବଠାରେ ୧୯୯୪-୯୬ ମସିହା ବ୍ୟାଚ୍‌ର ବିଭିନ୍ନ ବିଭାଗର ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିବା ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବାଣୀବିହାରର ପୂର୍ବତନ ସଭାପତି ନିର୍ମଳ ପଣ୍ଡା ପୂର୍ବତନ ସାଧାରଣ ସମ୍ପାଦକ ପୂର୍ଣ୍ଣେନ୍ଦୁ ପଟ୍ଟନାୟକ ଏବଂ ଅଧ୍ୟାପକ ରମାକାନ୍ତ ପାଣି ଏବଂ ଅଧ୍ୟାପକ ମନୋରଞ୍ଜନ ଦାଶଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ଏହି ବନ୍ଧୁ ମିଳନରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଉକ୍ତ ବ୍ୟାଚ୍‌ର ଛାତ୍ର ତଥା ବରିଷ୍ଠ ସିନେ ଅଭିନେତା ଶ୍ରୀତମ ଦାସ ଉପସ୍ଥିତ ବନ୍ଧୁ ମାନଙ୍କର ମନୋରଞ୍ଜନ ପାଇଁ ସଙ୍ଗୀତ ପରିବେଷଣ କରିଥିଲେ । ଅନ୍ୟ ପୁରାତନ ଛାତ୍ରଛାତ୍ରୀମାନେ ସେମାନେ ପାଠ ପଢ଼ିବା ସମୟରେ ବାଣୀବିହାରକୁ ନେଇଥିବା ତାଙ୍କର ବିଭିନ୍ନ ଅନୁଭୂତିକୁ ନିଜ ବନ୍ଧୁମାନଙ୍କ ସହ ବାଣ୍ଟିଥିଲେ । ଭବିଷ୍ୟତରେ ଏହି ୯୬ ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ବିଭିନ୍ନ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ।

# ପରିବର୍ତ୍ତନ ଜରୁରୀ : ଧର୍ମେନ୍ଦ୍ର



**ବାଲେଶ୍ୱର :** ଭୋଗରାଇ ଥାନା ଛକରେ ଆୟୋଜିତ ବିଜେପିର ଜନ ପରାମର୍ଶ ପଦଯାତ୍ରା ଅବସରରେ ଏକ ବିରାଟ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଆଗାମୀ ନିର୍ବାଚନ ଓଡ଼ିଆ ଲୋକଙ୍କ ପାଇଁ 'ଜବାବ ମାଗିବାର' ନିର୍ବାଚନ ହେବ । ଶ୍ରୀ ପ୍ରଧାନ କହିଥିଲେ, ୧୯ ବର୍ଷ ଧରି ଓଡ଼ିଶାରେ ଚାଲିଥିବା ଭ୍ରଷ୍ଟାଚାରୀ, ଦୁର୍ନୀତିଗ୍ରସ୍ତ, ସ୍ଥାଣୁ ଏବଂ ଅପାରଗ ସରକାରକୁ ହଟାଇ ନୂଆ, ସମୃଦ୍ଧ ଓଡ଼ିଶା ଗଢ଼ିବାର ସଂକଳ୍ପ ନେବାକୁ ମୁଁ ଆପଣ ମାନଙ୍କ ନିକଟକୁ ଆସିଛି । ଆଜି ନାରୀ ଅସୁରକ୍ଷିତ, ଋଷୀ ହନ୍ତସନ୍ତ, କେନ୍ଦ୍ରୀୟ ଯୋଜନା ଲୋକମାନଙ୍କ ନିକଟରେ ପହଞ୍ଚିବା ଅପହଞ୍ଚ ହୋଇପଡିଛି । ମୋଦି ସରକାର ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ ବି ଓଡ଼ିଶା ସରକାର ଈର୍ଷା ପରାୟଣ ହୋଇ ଏହି ଯୋଜନାକୁ ଓଡ଼ିଶାରେ ଲାଗୁ କଲେନାହିଁ । ସବୁଥାଇ ଲୋକ ଅନ୍ୟରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ସେଥିପାଇଁ ପରିବର୍ତ୍ତନର ଆବଶ୍ୟକତା ଜରୁରୀ ହୋଇପଡିଛି ବୋଲି କହିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ବିଜେପି ଜିଲ୍ଲା ସଭାପତି ମଦନ ମୋହନ ଦତ୍ତଙ୍କ ସଭାପତିତ୍ୱରେ ତଥା ଭୋଗରାଇ ପ୍ରଭାରୀ ଅଜୟ କୁମାର ସାହୁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ପ୍ରତାପ ଷଡଙ୍ଗୀ, ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଓ ଶୋଭନା ମହାନ୍ତି, ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ଉପସଭାପତି ଠାକୁର ରଣଜିତ ଦାସଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି